


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୦ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 MARCH 2023
Vol.No. 34 ■ No. 74 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାହୁଲଙ୍କ ଘରେ ପୁଲିସ : ୨ ଘଣ୍ଟା ପରେ ଦେଖାଦେଲେ ରାହୁଲ



ନୂଆଦିଲ୍ଲୀ, ୧୯/୦୩ : ରବିବାର ମଧ୍ୟାହ୍ନ, ଦିଲ୍ଲୀ ଜନପଥ ରୋଡରେ ହଠାତ୍ ୩ଟି ପୋଲିସ ଗାଡି ଆସି ପହଁଚିଲା । ରାହୁଲ ଗାନ୍ଧୀଙ୍କ ବାସ ଭବନ ଆଗରେ ଭିଡ ଜମାଇଲେ ପୋଲିସ କର୍ମଚାରୀ । ଏପଟେ କଂଗ୍ରସର ଅନେକ ନେତା ଆସି ରାହୁଲଙ୍କ ଘରକୁ ପହଁଚିବା ପରେ ପୋଲି୍ସ ସେମାନଙ୍କୁ ଭିତରକୁ ଛାଡିଲାନାହିଁ । ସମସ୍ତଙ୍କ ମନରେ ପ୍ରଶ୍ନ ଆସିଲା ରାହୁଲ ଘରକୁ କାହିଁକି ଆସିଲା ପୋଲିସ । କାଶ୍ମିର ମହିଳା ମାନେ କିପରି ଶୋଷଣର ଶିକାର ହେଉଛନ୍ତି ସେ ବିଷୟରେ ରାହୁଲଙ୍କୁ ସେମାନଙ୍କ ଦୁଃଖ କାହାଣୀ କହିଥିବା ଯାତ୍ରାର ସମାପଦ ଦିନରେ କହିଥିଲେ ରାହୁଲ । ଆଉ ଏ ଘଟଣାର ପ୍ରାୟ ୪୫ ଦିନ ପରେ ରାହୁଲଙ୍କ ଘରେ ପହଁଚିଛି ପୋଲିସ । ଶ୍ରୀନଗରରେ ରାହୁଲଙ୍କ ବୟାନ । ମାର୍ଚ୍ଚ ୧୬ରେ ରାହୁଲଙ୍କୁ ମିଳିଥିଲା ଦିଲ୍ଲୀ ପୋଲିସର ପ୍ରଥମ ନୋଟିସ । ନୋଟିସର ଜବାବ ନ ଦେବାରୁ ପୋଲିସଙ୍କୁ ବାଧ ହୋଇ ରାହୁଲଙ୍କ ଘରକୁ ଆସିବାକୁ ପଡିଛି । ୨ ଘଣ୍ଟା ପରେ ପୋଲିସଙ୍କୁ ରାହୁଲ ଦେଖା କଲେ । ଜବାବ ପରବର୍ତ୍ତୀ ସମୟରେ ଦେବା ପାଇଁ କହିଥିଲେ ରାହୁଲ । ତେବେ ସାମ୍ବାଦିକ ସମ୍ମିଳନି କରି ଏ ଘଟଣାକୁ ନିନ୍ଦା କରିଛ କଂଗ୍ରେସ । କଂଗ୍ରେସ କହିଛି ଅଦାନି ପ୍ରସଙ୍ଗକୁ ଏଡାଇବା ପାଇଁ ରାଜନୈତିକ ପ୍ରତିଶୋଧ ନେଉଛି ବିଜେପି ଓ ରାହୁଲଙ୍କୁ ଟାର୍ଗେଟ କରାଯାଉଛି । ସେପଟେ ବିଜେପି ଏହାର ଜବାବ ଦେଇଛି । ସୋସିଆଲ ମିଡିଆରେ ଏ ଘଟଣାକୁ ନେଇ ପ୍ରତିକ୍ରିୟାଶିଳ ହୋଇଛି କଂଗ୍ରେସ । ମୋଦିଙ୍କ ବିରୋଧରେ ବିଭିନ୍ନ ସ୍ଥାନରେ ପ୍ଲା କାର୍ଡ ପ୍ରଦର୍ଶନ କରାଯାଉଛି । ରାହୁଲଙ୍କୁ ଚୁପ କରିବା ପୂର୍ବରୁ ମୋଦୀ ଅଦାନି ପ୍ରସଙ୍ଗରେ ମୁହଁ ଖୋଲନ୍ତୁ ବୋଲି କହିଛି କଂଗ୍ରେସ ।

## ୟୁକ୍ରେନରେ ଋଷ୍ ରାଷ୍ଟ୍ରପତି : ମାରିୟୁପୋଲ ବୁଲିଲେ ପୁଟିନ୍



ନୂଆଦିଲ୍ଲୀ, ୧୯/୦୩ : ଆଇସିଜେ ପୁଟିନଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବାର, ଦିନକ ପରେ, ୟୁକ୍ରେନ ଗସ୍ତ କରିଛନ୍ତି ଭ୍ଲାଦିମୀର ପୁଟିନ୍ । ରୁଷ୍ କବଜା କରିସାରିଥିବା ୟୁକ୍ରେନର ମାରିୟୁପୋଲ ସହରରେ ବୁଲିଛନ୍ତି । ସେଠାରେ ଉପସ୍ଥିତ ରୁଷୀୟ ଅଧିକାରୀଙ୍କ ସହ ସ୍ଥିତି ନେଇ ଆଲୋଚନା କରିଛନ୍ତି । ରୁଷ୍ ୟୁକ୍ରେନ ଉପରେ ଆକ୍ରମଣ କରିବା ପରେ ଯୁଦ୍ଧ ଭୂମିରେ ପୁଟିନଙ୍କର ଏହା ପ୍ରଥମ ଗସ୍ତ ବୋଲି କୁହାଯାଉଛି । ୟୁକ୍ରେନର ଅନ୍ୟତମ ପ୍ରମୁଖ ସହର ମାରିୟୁପୋଲ ଏବେ ରୁଷ ସେନା କବଜାରେ ରହିଛି । କିନ୍ତୁ ଏବେ ବି ସେଠାରେ ହିଂସା ଜାରି ରହିଛି । ମାରିୟୁପୋଲକୁ ପୁଣି ଥରେ ଦଖଲ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ୟୁକ୍ରେନ ସେନା । ଅର୍ନ୍ତଜାତୀୟ ଗଣମାଧମ ରିପୋର୍ଟ ଅନୁସାରେ, ପୁଟିନ୍ ହେଲିକପ୍ଟରରେ ୟୁକ୍ରେନର କ୍ରିମିୟାରେ ପହଁଚିଥିଲେ । ସେଠାରୁ ନିଜେ କାର ଚଳାଇ ଯୁଦ୍ଧ ଭୂମି ମାରିୟୁପୋଲକୁ ଯାଇଥିଲେ । ପୁଟିନ୍ ନିଜେ ଗାଡି ଚଳାଉଛନ୍ତି । ଆଉ ତାଙ୍କ ସହ ଯାଉଥିବା ଅନ୍ୟ ଅଧିକାରୀଙ୍କ ସହ କିଛି ଆଲୋଚନା କରୁଛନ୍ତି । ମାରିୟୁପୋଲର ବିଭିନ୍ନ ସ୍ଥାନକୁ ଯିବା ସହ ସମୁଦ୍ର ପରିଦର୍ଶନ ମଧ କରିଥିଲେ । ସ୍ଥାନୀୟ ଲୋକଙ୍କୁ ମଧ ଭେଟି ହାଲଚାଲ ପଚାରି ବୁଝିଥିଲେ । ମାରିୟୁପୋଲରେ ମୃତୟନ ରୁଷ ସେନାର ଶୀର୍ଷ ସେନାଧିକାରଙ୍କୁ ଭେଟିଥିଲେ । ଚିଫ ଅଫ ଜେନରାଲ ଷ୍ଟାପ ବାଲେରୀ ଗେରାସିମୋବଙ୍କୁ ଭେଟି ଯୁଦ୍ଧ ସ୍ଥିତି ବିଷୟରେ ଆଲୋଚନା କରିଛନ୍ତି ପୁଟିନ । ପୁଟିନଙ୍କ ବିରୋଧରେ ଆଇସିଜେ ଯେତେବେଳେ ଗିରଫ ପରୱାନା ଜାରି କରିଛନ୍ତି, ସେତିକିବେଳେ ଅଚାନକ ଯୁଦ୍ଧ ଭୂମିକୁ ଆସିବା ଚର୍ଚ୍ଚାର ବିଷୟ ହୋଇଛି । ଆଉ ରୁଷ ବାହାରକୁ ଆସି ଏକ ବଡ ବାର୍ତା ଦେବାକୁ ଉଦ୍ୟମ କରିଛନ୍ତି ପୁଟିନ ।

## ମାଲକାନଗିରିରେ କଲବଲ କଲା କାଳ ବୈଶାଖୀ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ଅଦିନିଆ ବର୍ଷା ଉଜାଡି ଦେଇଛି ସୁନାର ଫସଲ । ଜମିରେ ଲହଡ଼ି ଭାଙ୍ଗୁଛି ପାଣି । ମାଲକାନଗିରି ଏମଭି ୧୧ରେ ଏକର ଏକର ଜମିରେ ଫଳିଥିବା ତରଭୂଜ ପାଣିରେ ଭାସୁଛି । ଏଥର ଭଲ ତରଭୂଜ ଫଳିଥିଲା, ରୋଜଗାର ଭଲ ହେବ ବୋଲି ଆଶା ବାନ୍ଧିଥିଲେ ଚାଷୀ । କିନ୍ତୁ ପଶ୍ଚିମାଝଡ଼ ଚାଷୀଙ୍କ ଆଶାରେ ପାଣି ପକାଇ ଦେଇଛି । ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର । ବର୍ଷା ଯୋଗୁଁ ଏକର ଏକର ଚିନାବାଦାମ ଫସଲ ନଷ୍ଟ ହୋଇଯାଇଛି । ଦୁଇ ଦିନ ଧରି ବର୍ଷା ହେବା ଫଳରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ଚାଷୀମାନେ ଆଉ କିଛିଦିନ ମଧ୍ୟରେ ଚିନାବାଦାମ ଅମଳ କରିଥାନ୍ତେ । ହେଲେ ଅମଳ ପୂର୍ବରୁ ଦାଉ ସାଧିଛି ଅଦିନିଆ ବର୍ଷା । ପଶ୍ଚିମା ଝଡ଼ ଓ ଅଦିନିଆ ବର୍ଷା ଯୋଗୁଁ ▶▶ପୃଷ୍ଠା ୭

## ଡିଜେ ଆଜେକ୍ସ ମୃତ୍ୟୁ ମାମଲା : ମାନସିକ ଚାପରୁ ଆତ୍ମହତ୍ୟା ଜଣାପଡ଼ିଛି : ପୁଲିସ



ଭୁବନେଶ୍ୱର, ୧୯/୦୩ (ନି.ପ୍ର): ଡିଜେ ଆଜେକ୍ସ ମୃତ୍ୟୁ ମାମଲାରେ ପ୍ରାଥମିକ ତଦନ୍ତରୁ ସେ ମାନସିକ ଚାପରୁ ଆତ୍ମହତ୍ୟା ଜଣାପଡ଼ିଛି ବୋଲି କହିଛନ୍ତି ଜୋନ- ୧ ଏସିପି ମାନସ ଗଡନାୟକ । ଏହି ମୃତ୍ୟୁ ମାମଲାକୁ ନେଇ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଖାରବେଳ ନଗର ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି । ଯେଉଁମାନଙ୍କ ନାଁରେ ଅଭିଯୋଗ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯିବ । ସେ କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ମାନସିକ ଚାପରୁ ଆତ୍ମହତ୍ୟା ଜଣାପଡ଼ିଛି । ପୋଷ୍ଟମର୍ଟମ ରିପୋର୍ଟ ଓ ଡିଜିଟାଲ ପ୍ରମାଣ ଆଧାରରେ ତଦନ୍ତ ହେବ ବୋଲି ସେ କହିଛନ୍ତି ।

## 'ଗାଁ ଗାଁ ଚାଲ; ଘର ଘର ଚାଲ' ଅଭିଯାନକୁ ସଫଳ କରିବା ପାଇଁ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ବିଜେପି କୃଷକ ମୋର୍ଚା ଦ୍ୱାରା ଆସନ୍ତା ଏପ୍ରିଲ ୬ରୁ ଆରମ୍ଭ ହେବାକୁ ଥିବା "ଗାଁ ଗାଁ ଚାଲ; ଘର ଘର ଚାଲ" ଅଭିଯାନକୁ ସଫଳ କରିବା ପାଇଁ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଶ୍ରୀ ସୁରଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଶ୍ରୀମତୀ କ୍ରୀଷ୍ଣା ଗୌର, ରାଷ୍ଟ୍ରୀୟ ସଂଯୋଜକ ରାହୁଲ ନଗର, ରାଜ୍ୟ ସଂଯୋଜକ ସୁକାନ୍ତ ବିଶ୍ୱାଳ, ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରତାପ ପ୍ରଧାନ, ରାମଚନ୍ଦ୍ର ବେହେରା, ଦିଲୀପ କର୍ସେଲ, ଦୁର୍ଗାପ୍ରସନ୍ନ ନାୟକ, କରିସ୍ମା ମହାକୁଡ, ସିଦ୍ଧାର୍ଥ ଶଂକର ପତି, ସଂଗ୍ରାମ ନାୟକ ପ୍ରମୁଖଙ୍କ ସମେତ ମୋର୍ଚ୍ଚାର ସମସ୍ତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀମାନେ ଉପସ୍ଥିତ ଥିଲେ ।

## ଭୁବନେଶ୍ୱରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ଼

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୋମା ମାଡ ହୋଇଥିବା ନେଇ ଅଭିଯୋଗ ହୋଇଛି । ଲକ୍ଷ୍ମୀସାଗର ଥାନା ପ୍ରଧାନସାହିରେ ବୋମା ଫୁଟିଛି । ଗତକାଲି ବିଳମ୍ବିତ ରାତିରେ ୪, ୫ ଟି ବୋମା ମାଡ଼ ଫୁଟିଥିବା ସୂଚନା ମିଳିଛି । ଏ ସମ୍ପର୍କରେ ସୂଚନା ପାଇ ଲକ୍ଷ୍ମୀସାଗର ପୋଲିସର ଛାନଭିନ ଆରମ୍ଭ କରିଛି ।

## ଇମ୍ରାନ ଖାନଙ୍କ ନାଁରେ ରୁଜୁ ହେଲା ଆତଙ୍କାବଦ ମାମଲା

ନୂଆଦିଲ୍ଲୀ, ୧୯/୦୩ : ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଅଡୁଆ ବଢ଼ିବାରେ ଲାଗିଛି । ପାକିସ୍ତାନ ପୁଲିସ ଆଜି ଇମ୍ରାନ ଖାନଙ୍କ ନାଁରେ

## ଆଜି ବି ପ୍ରଭାବ ଦେଖାଇବ ପଶ୍ଚିମାଝଡ଼, ଭିଜିବ ଓଡ଼ିଶା



ଭୁବନେଶ୍ୱର, ୧୯/୦୩ (ନି.ପ୍ର): ଆଜି ଉପକୂଳ ଓଡ଼ିଶାରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଉପକୂଳ ତଥ ସଂଲଗ୍ନ ଓଡ଼ିଶାରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଥିବା ବେଳେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ବିଶେଷକରି ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ଅନୁଗୁଳ ଆଦି ଜିଲ୍ଲାରେ ବିଜୁଳି, ଘଡଘଡି ସହ ବର୍ଷା ଝଡବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଭ ବିଭାଗ । ଏଥିପାଇଁ ଏସବୁ ଜିଲ୍ଲାକୁ ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଗତକାଲି ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଦେଖିବାକୁ ମିଳିଥିଲା । ଉପକୂଳ ଓଡ଼ିଶା ସହ, କୋରାପୁଟ ଏବଂ ଭୁବନେଶ୍ୱର ରେ ମଧ ବର୍ଷାର ପ୍ରଭାବ ଦେଖିବାକୁ ମିଳିଥିଲା ।

## ଝାରସୁଗୁଡ଼ାର ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେଙ୍କ ପରଲୋକ



ଭୁବନେଶ୍ୱର, ୧୯/୦୩ (ନି.ପ୍ର): ଝାରସୁଗୁଡ଼ାର ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେଙ୍କ ଦେହାନ୍ତ ହୋଇଯାଇଛି । ଆଜି ଭୋରରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ପରଲୋକ ହୋଇଥିବା ଜଣାପଡ଼ିଛି । ସେ ଯକୃତ ରୋଗରେ ପୀଡ଼ିତ ଥିଲେ । ତାଙ୍କର ବିୟୋଗରେ ଅନେକ ମାନ୍ୟଗଣ୍ୟ ଲୋକ ଶୋକ ପ୍ରକାଶ କରିଛନ୍ତି । ୧୯୪୮ ମସିହାରେ ଝାରସୁଗୁଡ଼ାର ପୁରୁଣାବସ୍ତିରେ ଜନ୍ମଗ୍ରହଣ କରିଥିବା ଶ୍ରୀ ପାଣ୍ଡେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ରବିବାର ଭୋର ସମୟରେ ତାଙ୍କର ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ଉଲ୍ଲେଖନୀୟ ଯେ ଝାରସୁଗୁଡ଼ାରୁ କଂଗ୍ରେସ ଟିକେଟରେ ୩ ଥର ନିର୍ବାଚନ ଜିତିଥିଲେ । ସେ ୧୯୮୦, ୧୯୮୫ ଓ ୧୯୯୫ ମସିହାରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଏହାଛଡ଼ା ବୀରେନ୍ଦ୍ର ପାଣ୍ଡେ ଝାରସୁଗୁଡ଼ାର ପୌରପାଳ ଭାବେ ମଧ ନିର୍ବାଚିତ ହୋଇଥିଲେ । ସେ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସର ସଭାପତି ଭାବେ ମଧ ଦାୟିତ୍ୱ ବହନ କରିଥିଲେ ।

## ସମ୍ବାଦ ଓ ସାହିତ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

### ଧ୍ୱନି ପ୍ରତିଧ୍ୱନି ପାଠକ ମଂଚ ଉଦଳାର ବାର୍ଷିକ ଉତ୍ସବ ଅନୁଷ୍ଠିତ



ଉଦଳା, ୧୯/୦୩ (ନି.ପ୍ର): ଦୈନିକ ଖବର କାଗଜ 'ଧ୍ୱନିପ୍ରତିଧ୍ୱନି'କୁ କେନ୍ଦ୍ର କରି ଉଦଳାରେ ଗଢ଼ି ଉଠିଥିବା ପାଠକ ମଂଚର ବାର୍ଷିକ ଉତ୍ସବ ଚଳିତ ମାର୍ଚ୍ଚ ୧୯ ତାରିଖ ରବିବାର ଦିନ ସ୍ଥାନିୟ ସନ୍ଧାନ ଗୃହ ପରିସରରେ ପାଳିତ ହୋଇ ଯାଇଛି । ଏହି ଅବସରରେ କବିତା ପାଠୋତ୍ସବ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ତଥା ସାମ୍ବାଦିକା ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ତାଙ୍କର ରାଜନୀତି ଜୀବନରେ ଧ୍ୱନି ପ୍ରତିଧ୍ୱନି କିପରି ଆଗକୁ ଯିବାରେ ସହଯୋଗ କରିଥିଲା ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡ଼େମିର ସଦସ୍ୟ କାଳିପଦ ପଣ୍ଡା, ଉଦଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ଼କ୍ଟର କୁମାର ଗୋପାଳ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ, ସମ୍ବାଦ ଓ ସାହିତ୍ୟ କିପରି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କହିବା ସହ ଉଦଳା ପାଠକ ମଂଚର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଧ୍ୱନି ପ୍ରତିଧ୍ୱନିର ପରିଚାଳକ ସୃଷ୍ଟିଧର ପରିଡ଼ା, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଓଡ଼ିଶା ଶ୍ରମଜୀବି ମଂଚର ସାମାଜିକ କର୍ମୀ ପଂଚାନନ ପ୍ରଧାନ ଓ ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ମୟୂରଭଞ୍ଜ ଓ ବାଲେଶ୍ୱରର ମାଟି କିପରି ସମଗ୍ର ଓଡ଼ିଶାକୁ ପ୍ରଭାବିତ କରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରଫୁଲ କୁମାର ଖିଲାର ଅଧ୍ୟକ୍ଷତା କରିଥିବା ବେଳେ ମାଳତି ଧଳ ଓ ନମିତା ରାଉତ ସଂଯୋଜନାର ଦାୟିତ୍ୱ ତୁଲାଇଥିଲେ । ପାଠକ ମଂଚ ତରଫରୁ ସାମ୍ବାଦିକ ମାନସ ପାଣି, ସାମ୍ବାଦିକ ସାଲାଏ ମାର୍ଣ୍ଡି ଓ ଡ଼.ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ମନୋରଂଜନ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁବ୍ରତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ତାପସ ରଞ୍ଜନ ଖଣ୍ଡା, ଅଜୟ କୁମାର ବେହେରା, ସୁକେଶ କୁମାର ବେହେରା, ଭାଗିରଥୀ ନାୟକ, ତପନ କୁମାର ପତି ଓ ବେଣୁଧର କଂଟାବାଉଁଶିଆ ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରଶାସନିକ ଅଧିକାରୀଙ୍କ କ୍ରୀତଦାସ ହେବାକୁ ଚାହୁଁଛନ୍ତି କି ବବି ବାବୁ : ଗୋଲକ ମହାପାତ୍ର

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ବ୍ରିଟିଶ ଶାସନ ସମୟର ଘୃଣ୍ୟପ୍ରଥା ଥିବା କ୍ରୀତଦାସ ପ୍ରଥାକୁ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି ବାବୁ ଦୋହରାଇ ପ୍ରଶାସନିକ ଅଧିକାରୀଙ୍କ କ୍ରୀତଦାସ ହେବାକୁ ଚାହୁଁଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର । ଶ୍ରୀ ମହାପାତ୍ର କହିଛନ୍ତି ଯେ ଗତକାଲି ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯେଉଁ ଦରକାର ପଡିଲେ କ୍ରୀତଦାସ ହେବି କଥା କହିଛନ୍ତି, ବୋଧ ହୁଏ ସେ ଇତିହାସକୁ ଠିକ୍ ଭାବେ ଅନୁଶୀଳନ ନ କରି କହିଛନ୍ତି । ତାଙ୍କର ମନ୍ତବ୍ୟ ସାମନ୍ତବାଦୀ ମାନସିକତାର ପରିଚୟ । ବ୍ରିଟିଶ ଶାସନ କାଳରେ ପରାଧୀନତା ସମୟରେ ଥିବା କ୍ରୀତଦାସ ଭଳି ଘୃଣ୍ୟପ୍ରଥାକୁ ବବି ବାବୁ କହି ଏହାକୁ ପୁନର୍ଜୀବିତ କରିଛନ୍ତି । ଏଥିରୁ ଜଣାପଡୁଛି, ଓଡ଼ିଶା ଏବେ କେଉଁ ସ୍ଥିତିରେ ଅଛି ଏବଂ କେଉଁ ଆଡକୁ ଗତି କରୁଛି ? ଓଡ଼ିଶାରେ ବ୍ରିଟିଶ ଶାସନ ସମୟର ପରମ୍ପରା ଲାଗୁ କରିବା ତଥା ରାଜ୍ୟକୁ ପରାଧୀନ ମାନସିକତା ଆଡକୁ ନେବାର ଯୋଜନା ନାହିଁ ତ ? ବବି ବାବୁ କ୍ରୀତଦାସ କାହାର ହେବା ପାଇଁ ଚାହୁଁଛନ୍ତି ? ବୋଧ ହୁଏ ସେ ନିଜ ଚାକିରି ବଂଚାଇବା ପାଇଁ କିଛି ପ୍ରଶାସନିକ ଅଧିକାରୀଙ୍କ କ୍ରୀତଦାସ ହେବାକୁ ମନ ବଳାଇଛନ୍ତି, ଯାହା ଜଣେ ରାଜନୀତିରେ ଥିବା ବ୍ୟକ୍ତି ମାନଙ୍କ ପାଇଁ କଷ୍ଟଦାୟକ । ଯେଉଁଠି ପ୍ରଶାସନିକ ଅଧିକାରୀ ରୁମ ଭିତରେ ବସିଛନ୍ତି ଏବଂ ବାହାରେ ଜଣେ ବିଧାୟକ ଦ୍ୱାର ପାଖରେ ରହି ଡ୍ୟୁଟି କରୁଛନ୍ତି, ଏହା କେଉଁ ପରମ୍ପରା ବୋଲି ପ୍ରଶ୍ନ କରିବା ସହ ସେ କହିଛନ୍ତି ବବି ବାବୁ ଯେଉଁ ସିଏମଓ ବୋଲି କହିଲେ, ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରିନ୍ସିପାଲ ସେକ୍ରେଟିରୀ ସିଏମଓ ନା ବ୍ୟକ୍ତିଗତ ସଚିବ ସିଏମଓ ? ଓଡ଼ିଶାବାସୀ ଜାଣିପାରୁନାହାନ୍ତି, ସିଏମଓ କିଏ ? ବବି ବାବୁ ସ୍ପଷ୍ଟ କଲେ ଆହୁରି ଭଲ ହୁଅନ୍ତା । ବବି ବାବୁ ବାହାର ଜିଲ୍ଲାକୁ ଯାଇ ସରକାରୀ କାର୍ଯ୍ୟରେ ସହଯୋଗ କରୁଛନ୍ତି ବୋଲି କହୁଛନ୍ତି । ତେବେ ତାଙ୍କୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ କରାଇଥିଲେ ଭଲ ହୋଇଥାନ୍ତା ? କରାଇନାହାନ୍ତି କାହିଁକି ? ତାଙ୍କ କଥାରୁ ଜଣାପଡୁଛି, ଦକ୍ଷତା ଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରୀ ମଣ୍ଡଳ ବାହାରେ ▶▶ପୃଷ୍ଠା ୭

# ୧୨ ଜିଲ୍ଲାରେ ଶିଶୁଙ୍କ ରକ୍ତହୀନତା ହାର ଜାତୀୟ ହାରଠୁ ଅଧିକ

ଭୁବନେଶ୍ୱର , ୧୯/୦୩ (ନି.ପ୍ର): ରାଜ୍ୟର ୧୨ଟି ଜିଲ୍ଲାରେ ଶିଶୁ(୬-୫୯ ମାସ)ଙ୍କ ରକ୍ତହୀନତା ହାର ଜାତୀୟ ହାରଠାରୁ ଅଧିକ। ଜାତୀୟସ୍ତରରେ ଏହି ବର୍ଗର ଶିଶୁଙ୍କ ରକ୍ତହୀନତା ହାର ୬୭.୧ ପ୍ରତିଶତ ଥିବାବେଳେ ଅନୁଗୁଳ ୭୫.୩, ବଲାଙ୍ଗୀର ୭୪.୯, ବୌଦ୍ଧ ୬୮.୭, କଳାହାଣ୍ଡି ୬୮.୮, କୋରାପୁଟ ୬୯.୭, ମାଲକାନଗିରି ୭୮.୭, ମୟୂରଭଞ୍ଜ ୭୧.୭, ନବରଙ୍ଗପୁର ୭୦.୮, ନୂଆପଡ଼ା ୭୩.୫, ରାୟଗଡ଼ା ୭୦.୫, ସୋନପୁର ୭୩.୧ ଓ ସୁନ୍ଦରଗଡ଼ରେ ୭୭.୧ ପ୍ରତିଶତ ରହିଛି। ବାଲେଶ୍ୱର ଜିଲ୍ଲାରେ ସର୍ବନିମ୍ନ ୪୩.୨ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ଅଟନ୍ତି। ତେବେ ଓଡ଼ିଶାର ସାମଗ୍ରୀକ ରକ୍ତହୀନତା ହାର ୬୪.୨ ପ୍ରତିଶତ ରହିଛି।



ସେହିପରି ରାଜ୍ୟର ୫ବର୍ଷରୁ କମ୍ ୨୯.୭ ଶିଶୁ କମ୍ ଓଜନ ବିଶିଷ୍ଟ ଥିବା ବେଳେ ଜାତୀୟସ୍ତରରେ ଏହାର ହାର ୩୨.୧ ପ୍ରତିଶତ ରହିଛି। ତେବେ ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଗଜପତି, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହାର ହାର ଜାତୀୟ ହାରଠାରୁ ଅଧିକ ରହିଥିବା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍।

ଶ୍ରୀମତୀ ହେମ୍ବ୍ରମ୍ କହିଛନ୍ତି ଯେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପୋଷଣ ଟ୍ରାକର ବିକଶିତ କରାଯାଇଛି। ଏଥିରେ ଉପଲବ୍ଧ ତଥ୍ୟ ଅନୁସାରେ ଜନ୍ମରୁ ୫ବର୍ଷ ମଧ୍ୟରେ ରାଜ୍ୟରେ ଖର୍ବକାୟ ବା ଷ୍ଟଣ୍ଟିଂର ଶିକାର ଶିଶୁଙ୍କ ହାର ହେଉଛି ୩୧.୨ ପ୍ରତିଶତ। ନବରଙ୍ଗପୁର ଜିଲ୍ଲାରେ ଏହା ସର୍ବାଧିକ ୫୨.୭ ପ୍ରତିଶତ ରହିଛି। ଅନୁଗୁଳରେ ଷ୍ଟଣ୍ଟିଂ ହାର ସର୍ବନିମ୍ନ ୧୫.୭ ପ୍ରତିଶତ ରହିଛି। ଶିଶୁଙ୍କ ବିକାଶ ପାଇଁ ପରିପୂରକ ପୁଷ୍ଟି ଯୋଜନା(ଏସ୍ଏନ୍ପି) ମାଧ୍ୟମରେ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ପ୍ରତି ମାସରେ ୨୫ଦିନ ହିସାବରେ ବର୍ଷକୁ ୩ଶହ ଦିନ ପାଇଁ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି। ଏହି ଯୋଜନା ମାଧ୍ୟମରେ ୬ମାସରୁ ୩ବର୍ଷ ବୟସର ସାଧାରଣ ଶିଶୁଙ୍କୁ ଟିଏଚ୍ଆର ଛତୁଆ, ଅଣ୍ଡା, ଲଡୁ, ଶୁଖିଲା ରାସନ ଇତ୍ୟାଦି ଯୋଗାଇ ଦିଆଯାଉଛି। ଯେଉଁ ଶିଶୁମାନେ ଅଣ୍ଡା ଖାଇବେ ନାହିଁ ସେମାନଙ୍କୁ ମାସକୁ ଅତିରିକ୍ତ ଲଡୁ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ୩ବର୍ଷରୁ ୬ବର୍ଷର ଶିଶୁଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଗରମ ରନ୍ଧା ଖାଦ୍ୟରେ ସପ୍ତାହକୁ ୫ଟି ଅଣ୍ଡା ଦିଆଯାଉଛି। ଏଥିପାଇଁ ୨୦୧୦ ମସିହାରୁ ଡିସେମ୍ବର ୨୦୨୨ ମସିହା ସୁଦ୍ଧା ୯,୭୭,୨୨୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ରାଜ୍ୟରେ ଖର୍ବକାୟ ସଫଳତା ହାର ଏନ୍ଏଫ୍ଏଚ୍ଏସ୍-୩(୨୦୦୫-୦୬ବର୍ଷ) ଅନୁଯାୟୀ ଶତକଡ଼ା ୪୫ ଥିବା ବେଳେ ଏନ୍ଏଫ୍ଏଚ୍ଏସ୍-୫(୨୦୨୦-୨୦୨୧) ଅନୁଯାୟୀ ଏହି ହାର ଶତକଡ଼ା ୩୧ ରହିଛି।

## ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଗଲେ ୩୦ ଜଣ ଯୁବକ ଯୁବତୀ

ମାଲକାନଗିରି, ୧୯/୦୩ (ନି.ପ୍ର): ମଧ୍ୟପ୍ରଦେଶ ଇନ୍ଦୋର ଓ ପଞ୍ଜାବ ଅମୃତସର ଠାରେ ଆୟୋଜିତ ଯୁବ ମହୋତ୍ସବକୁ ମାଲକାନଗିରି ଜିଲ୍ଲାର ୩୦ ଜଣ ଆଦିବାସୀ ଯୁବକ ଯୁବତୀ ଯାତ୍ରା କରିଛନ୍ତି। ମାଲକାନଗିରି ଠାରେ ଶୁକ୍ରବାର ଆୟୋଜିତ ଏକ ସମାରୋହରେ ବିଏସଏଫ କମାଣ୍ଡାଂଟ ଶିବ ଓମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିବା ସହ ଉଦବୋଧନ ଦେଇ ସବୁଜ ପତାକା ଦେଖାଇଥିଲେ। ସେମାନଙ୍କ ଯାତ୍ରାର ସଫଳ କାମନା କରଥିଲେ।

ଏହି କାର୍ଯ୍ୟକ୍ରମରେ ବିଏସଏଫ ବାଟାଲିୟନର ଏ କେ ସିଂ, ଡେପୁଟୀ କମାଣ୍ଡେଂଟ ଶୁଭ ରଞ୍ଜନ ମହାପାତ୍ର, ଆସିଷ୍ଟାଣ୍ଡ କମାଣ୍ଡେଂଟ ଶ୍ରଦ୍ଧା କର ପାଢ଼ୀ, ନେହରୁ ଯୁବକେନ୍ଦ୍ରର ପ୍ରତିନିଧି ସନ୍ତୋଷ ପାତ୍ର ଏବଂ ଅନ୍ୟାନ୍ୟ ବିଏସଏଫ୍ ଅଧିକାରୀ ମାନେ ଉପସ୍ଥିତ ଥିଲେ। ମଧ୍ୟପ୍ରଦେଶ ଇନ୍ଦୋରକୁ ୧୦ ଜଣ ଓ ପଞ୍ଜାବ ଅମୃତସରକୁ ୨୦ ଜଣ ଯୁବଗୋଷ୍ଠୀଙ୍କୁ ପଠା ଯାଇଛି। ସେମାନଙ୍କ ମଧ୍ୟରେ ୮ ଜଣ ଯୁବତୀ ଅଛନ୍ତି। ମାଲକାନଗିରି ଜିଲ୍ଲାର ମୋଟ ୩୦ ଜଣ ପ୍ରାର୍ଥୀ ଯେଉଁମାନେ ଦୁର୍ଗମ ଦୂରଦୂରାନ୍ତର ଗ୍ରାମରୁ ଆସିଛନ୍ତି। ୩ ଜଣ ବିଏସଏଫ୍ ଅଧିକାରୀ ସେମାନଙ୍କ ସହିତ ଏସକର୍ଟ ଭାବରେ ଯାଇଛନ୍ତି। ଏହି ଭ୍ରମଣ ସମୟରେ ଯୁବଗୋଷ୍ଠୀ ମାନେ ମଧ୍ୟପ୍ରଦେଶର ଇନ୍ଦୋର ଠାରେ ୨୦ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଓ ପଞ୍ଜାବର ଅମୃତସରରେ ୨୧ ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ। ନେହେରୁ ଯୁବା କେନ୍ଦ୍ର ସଂଗଠନ (ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ) ସହଯୋଗରେ ସୀମା ସୁରକ୍ଷା ବଳ (ଗୃହ ମନ୍ତ୍ରଣାଳୟ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହାପୂର୍ବରୁ ୧୪/୧୫ ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ୨୦୨୨-୨୩ ଅନ୍ତର୍ଗତ ୯ ଟି ପର୍ଯ୍ୟାୟ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୋପାଳ, ପୁଡୁଚେରୀ, ନୂଆଦିଲ୍ଲୀ, ଚଣ୍ଡିଗଡ଼ ଏବଂ କୋଚି, ଫଂଚୁକୋଲା, ହାଇଦ୍ରାବାଦ, ଶିମିଳା, କୋଏମ୍ବାଟୁରରେ ସଫଳତାର ସହ ସମାପ୍ତ ହୋଇଥିଲା, ଯେଉଁଥିରେ ମାଲକାନଗିରି ଜିଲ୍ଲାର ମୋଟ ୩୦୪ ଜଣ ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ।

## ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ଚାଷି

ଜୟପୁର, ୧୯/୦୩ (ନି.ପ୍ର): କେନାଲ ତଳେଥିବା ଡଙ୍ଗର ଜମିକୁ ଧାନ ଜମିର ସ୍ୱତ୍ୱ ପରିବର୍ତ୍ତନ ସହ ସେହି ଜମି ଗୁଡିକର ଧାନ ଆସନ୍ତା ରବି ମଣ୍ଡିରେ ବିକ୍ରୟ ପାଇଁ ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । କୁମୁଲିପୁଟ ଲ୍ୟାମ୍ପସ ସଭାପତି ତ୍ରିନାଥ ମୁଦୁଲି ଓ ବାଲିଙ୍କି ରାଓଙ୍କ ନେତୃତ୍ୱରେ ଶତାଧିକ ଚାଷି ଜୟପୁର ଉପ ଜିଲାପାଳଙ୍କ ଅନୁପସ୍ଥିତିରେ କାଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ବ୍ଲକର ଚାଷି ମାନଙ୍କ ନାମ ଗତ ଖରିଫ ଋତୁରେ ପଞ୍ଜିକୃତ ହୋଇଥିଲା । ପରବର୍ତି ସମୟରେ ବହୁ ଚାଷିଙ୍କ ଜମି ପଞ୍ଜିକୃତରୁ ନାମ ଏବଂ ଜମି କଟିଯାଇଥିଲା । ଯଦ୍ୱାରା ଚାଷି ମାନେ ମଣ୍ଡିରେ ଧାନ ବିକ୍ରି କରିପାରିଲେ ନାହିଁ।

ପ୍ରକାଶ ଥାଉକି, ଯେଉଁ ଚାଷି ମାନଙ୍କ ଜମି ଚାଷି ପଞ୍ଜିକୃତରୁ କଟି ଯାଇଥିଲା ସେହି ଜମି ଗୁଡିକ ଡଙ୍ଗର ୧.୨.୩ କିସମ କେନାଲ ତଳେ ଥାଇ ମଧ ଧାନ ଚାଷିଙ୍କ ଧାନ ଥାଇ ବି ମଣ୍ଡିରେ ବିକ୍ରି ପାଇଁ ଅନୁମତି ପ୍ରଦାନ କରାଗଲା ନାହିଁ । ଏପରିକି କେତେକ କ୍ଷେତ୍ରରେ ଜଳକର ମଧ ଦିଆଯାଉଛି । ତେଣୁ ପ୍ରଶାସନ କେନାଲ ତଳେ ଥିବା ଡଙ୍ଗର ଜମିର ଧାନକୁ ଧାନ ଜମିର ସତ୍ୱ ପରିବର୍ତ୍ତନ କରି ଆସନ୍ତା ରବି ମଣ୍ଡିରେ ଅନୁମତି ପ୍ରଦାନ କରିବା ଏବଂ କେନାଲ ତଳେ ଥିବା ଡଙ୍ଗର ଜମିକୁ ଧାନ ଜମିର ସତ୍ୱ ପରିବର୍ତ୍ତନ ସକାଶେ ପଦେକ୍ଷପ ନେବାକୁ ଶତାଧିକ ଚାଷି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ।

## ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘର ପଂଚାୟତ ଆବାହକ ସମ୍ମିଳନୀ

କେନ୍ଦ୍ରାପଡା, ୧୯/୦୩ (ନି.ପ୍ର): ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘର ଗରଦପୁର ଶାଖାର ପଂଚାୟତ ଆବାହକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆଜିକୁ ପ୍ରାୟ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ମହିଳା ନିର୍ମାଣ ଶ୍ରମିକ ମାନେ ପଞ୍ଜିକରଣ ନିମନ୍ତେ ଦରଖାସ୍ତ କରି ମଧ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇପାରୁ ନାହାଁନ୍ତି । ଶହ ଶହ ନିର୍ମାଣ ଶ୍ରମିକ ସେମାନଙ୍କ ଝିଅ ବିଭାଘର ଦରଖାସ୍ତ କରି ଅନୁଦାନ ପାଇପାରୁ ନାହାଁନ୍ତି । ଏଠାରେ ଦରଖାସ୍ତର ଆଗପଛ ବିଚାର ନାହିଁ । ବେଆଇନ ଭାବରେ କିଛି ବ୍ୟକ୍ତି ତୁରନ୍ତ ସାହାଯ୍ୟ ପାଇଛନ୍ତି । ଆଉ ବହୁ ବ୍ୟକ୍ତି ୩ ବର୍ଷ ହେଲା ସାହାଯ୍ୟ ନପାଇ ଚାହିଁ ବସିଛନ୍ତି । ପିଲାଙ୍କର ପାଠପଢା ଖର୍ଚ୍ଚ, ସାଇକେଲ ଅନୁଦାନ, କୋଭିଡ୍ ସହାୟତା ରାଶି ଏପଯ୍ୟନ୍ତ ପାଇ ନାହାଁନ୍ତି । ଏହି ସବୁ ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ସୁକାନ୍ତ ବାରିକ, ସୀତାକାନ୍ତ ନାୟକ, ବିକାଶ ସାମଲ, ମନୋ ରଞ୍ଜନ ବେହେରା, ପ୍ରତିଶ ରଞ୍ଜନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ପ୍ରଦିପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଯେସିଆଇ ବଲାଙ୍ଗୀର ସିଟି ଦ୍ୱାରା ପ୍ରିୟ ଜିନ୍ଦେଗି କାର୍ଯ୍ୟଶାଳା

ବଲାଙ୍ଗୀର, ୧୯/୦୩ (ନି.ପ୍ର): ଆମେ ସମସ୍ତେ ୫୦ ବୟସରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବା କି ? ଏହି ପ୍ରଶ୍ନ ପ୍ରାୟତ ଆମ ସମସ୍ତଙ୍କ ମନରେ ଉଠିଥାଏ । ଯେତେବେଳେ ଆମେ ୫୦ ରୁ ଉର୍ଦ୍ଧ, ଆମ ଜୀବନର ନୂତନ ଦିଗ ସହିତ ଆମକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ ଏହି ସମସ୍ତ ପ୍ରଶ୍ନର ଉତର ସହିତ,ପ୍ରଥମ ଥର ପାଇଁ ଜେ ସି ଆଇ ବଲାଙ୍ଗୀର ସିଟି ପ୍ରିୟ ଜିନ୍ଦେଗୀ ପାରିବାରିକ ସମ୍ପର୍କର ଉପରେ କର୍ମଶାଳା କରି ଥିଲା

ସୃଷ୍ଟି ଅଗ୍ରୱାଲ ଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ପ୍ରଶିକ୍ଷକ ଜେସି ଜାକିର ହୁସେନ୍ ତାଙ୍କ ପ୍ରଭାବ ସାଲି ବକ୍ତ୍ୟବ୍ୟ ଦ୍ୱାରା ୧୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କ ହୃଦୟକୁ ଆକର୍ଷିତ କରିଥିଲେ,

ଜେସି ଜାକିର ହୁସେନ୍ କହିଛନ୍ତି ଯେ ନିୟମିତ ବ୍ୟାୟାମ ସହିତ ଆପଣଙ୍କ ଚିନ୍ତାଧାରାକୁ ମଧ ଶୁଦ୍ଧ ଏବଂ ସକରାତ୍ମକ ରଖିବା ଉଚିତ୍। ଆମେ ଦିନର ଶଦ୍ଦ ଏବଂ ଚାପଠାରୁ ଦୂରରେ ରହିବା ଏବଂ ଧ୍ୟାନ ଭଳି ପ୍ରାକୃତିକ କ ପ୍ରକିୟାକୁ ବ୍ୟବହାର କରିବା ଉଚିତ୍ ।

ଯେତେବେଳେ ଆମେ ୫୦ ବର୍ଷରୁ ଉର୍ଦ୍ଧ , ଆମ ପିଲାମାନଙ୍କ ବିବାହ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ନିଜ ନିଜ ପାଦରେ ଛିଡ଼ା ହେବାକୁ ପଡ଼ିବ । ଆମେ ସେମାନଙ୍କ ସହିତ ସମ୍ପର୍କ ରଖିବା ଏବଂ ସେମାନଙ୍କ ସମ୍ପର୍କକୁ ମଜବୁତ କରିବା ପାଇଁ ସେମାନଙ୍କ ସହିତ ସମୟ ବିତାଇବା ଉଚିତ୍ । ଏହି ଯୁଗରେ ଆମର ଆର୍ଥିକ ସ୍ଥିତିର ମଧ ଯତ୍ନ ନେବାକୁ ଗୁରୁତ୍ୱ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜଣେ ସାହସୀ ସୈନିକ ଙ୍କ ପତ୍ନୀ ଶ୍ରୀମତୀ ସୌଦାମିନୀ ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ସଂସ୍ଥା ରୁ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସଚିବ ଅଭିଲାଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ସଫଳ କରିବା ରେ ରାଜେଶ ଅଗ୍ରୱାଲ ଏବଂ ଶ୍ରୀମତୀ ଅନୀତା ଅଗ୍ରୱାଲଙ୍କ ବହୁ ସହଯୋଗ ମିଳିଥିଲା

## କଟକ କ୍ଲବ୍‌ର ନିଆରା ପ୍ରୟାସ: ଏପ୍ରିଲ ୧ରେ ଆୟୋଜନ ହେବ ଭଏସ୍ ଅଫ୍ ବାରବାଟୀ

କଟକ , ୧୯/୦୩ (ନି.ପ୍ର): ଓଡ଼ିଶାର ସର୍ବପୁରାତନ କଟକ କ୍ଲବ୍ ପ୍ରଥମଥର ପାଇଁ ସଙ୍ଗୀତଭିତ୍ତିକ ଏକ ନିଆରା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି। ଏପ୍ରିଲ୍ ? ୧ ତାରିଖ, ଉତ୍କଳ ଦିବସ ଅବସରରେ କ୍ଲବ୍ ପ୍ରାଙ୍ଗଣରେ ଗୀତ ଗାୟନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ସମଗ୍ର ଓଡ଼ିଶାରୁ ୧୫ରୁ ୨୫ ବର୍ଷ ପର୍ଯ୍ୟନ୍ତ ଯୁବକ, ଯୁବତୀ ଏଥିରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିପାରିବେ।



ଉଲ୍ଲେଖନୀୟ କଥା ହେଲା ଏହି ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯିବ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ୫୦ ହଜାର ଟଙ୍କାର ଅର୍ଥ ରାଶି ସହିତ ଭଏସ୍ ଅଫ ବାରବାଟୀ ଉପାଧି ପ୍ରଦାନ କରାଯିବ। ଦ୍ୱିତୀୟ ଶ୍ରେଷ୍ଠ କଣ୍ଠ ଶିଳ୍ପୀଙ୍କୁ ୨୫ ହଜାର ଟଙ୍କାର ଅର୍ଥ ରାଶି ଓ ଉଦୀୟମାନ କଣ୍ଠ ଶିଳ୍ପୀଙ୍କୁ ୧୫ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ। କୌଣସି ଗାୟନ ପ୍ରତିଯୋଗିତାରେ ରାଜ୍ୟରେ ଏତେ ପରିମାଣର ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯିବା ପ୍ରଥମ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ତେଣୁ ଓଡ଼ିଶାର କୋଣ ଅନୁକୋଣରୁ ପ୍ରତିଭାବାନ କଣ୍ଠ ଶିଳ୍ପୀ ଯୁବକ, ଯୁବତୀ ଏଥିରେ ଭାଗ ନେବା ପାଇଁ ଆୟୋଜନକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ହ୍ୱାଟସଆପ୍ ନମ୍ବର ୭୯୭୮୨୬୭୬୫୦ରେ ୬୦ ସେକେଣ୍ଡରୁ ୯୦ ସେକେଣ୍ଡର ଏକ ଗୀତ (ଓଡ଼ିଆ କିମ୍ବା ହିନ୍ଦୀ) ଗାଇ ରେକର୍ଡିଂ କରି ପଠାଇବା ସହିତ ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ନିଜର ଗୀତ ପଠାଇବାର ଶେଷ ତାରିଖ ମାର୍ଚ୍ଚ ୨୨ ତାରିଖ ରଖାଯାଇଛି। ଏହି ଗୀତରେ ନିଜର ନାମ, ବୟସ, ଠିକଣା ଓ ଫୋନ୍ ନମ୍ବର ମଧ ରେକର୍ଡ କରି ପଠାଇବାକୁ ପଡ଼ିବ। ପ୍ରତିଯୋଗିତା ସମ୍ବନ୍ଧୀୟ ଅଧିକ ସୂଚନା ଜାଣିବା ପାଇଁ ଫୋନ୍ ନମ୍ବର ୭୯୭୮୨୬୭୬୫୦ରେ ଦିନ ୧୦ଟାରୁ ୨ଟା ଓ ସଂଧ୍ୟା ୬ଟାରୁ ୯ଟା ମଧ୍ୟରେ ଫୋନ୍ କରି ଜାଣିପାରିବେ ବୋଲି ସଂପାଦକ ଯଶୋବନ୍ତ ଦାସ ସୂଚନା ଦେଇଛନ୍ତି।

## ଅରେଡା ଗ୍ରାମରେ ଉତ୍କଟ ପାନୀୟ ଜଳ ସମସ୍ୟା

ନୂଆପଡ଼ା, ୧୯/୦୩ (ନି.ପ୍ର): ଖରା ବଢିବା ସହିତ ପାନୀୟ ଜଳର ସମସ୍ୟା ବଢି ଚାଲିଛି। ପାଣି ମୁନ୍ଦାଏ ପାଇଁ ଅନେକ ଗ୍ରାମରେ ଲୋକେ ନାହିଁ ନଥିବାର ଅବସ୍ଥା ଭୋଗୁଛନ୍ତି। ଏନେଇ ଖଡ଼ିଆଳ ବ୍ଲକ ଅରେଡା ଗ୍ରାମ ପଂଚାୟତର ଚନୁଟମାଲ ଗ୍ରାମର ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ସୂଚନମତେ ଚନୁଟମାଲ ଗ୍ରାମରେ ପାଣି ସମସ୍ୟା ଉତ୍କଟ, ଏଥିପାଇଁ ଲୋକେ ନାହିଁ ନଥିବାର ଅସୁବିଧା ଭୋଗ କରୁଛନ୍ତି। ଗାଁରେ ଗୋଟିଏ ମାତ୍ର ନଳକୂପ ଥିବା ବେଳେ କମ ପରିମାଣ ସହ ଖରାପ ପାଣି ବାହାରିଥାଏ, ତେଣୁ ଲୋକେ ବ୍ୟବହାର କରୁନାହାନ୍ତି। କିଛିବର୍ଷ ତଳେ ବସୁନ୍ଧରା ଯୋଜନାରେ ଚନୁଟ ମାଲ ଗ୍ରାମ ସହିତ ମୁହୁରା ଗ୍ରାମକୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ଆଠ ଦଶ ଦିନରେ ଥରେ ଗାଁ କୁ ପାଣି ଆସୁଛି ବୋଲି ଚନୁଟମାଲ ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।ଗ୍ରାମର ମହିଳା ମାନେ ନିକଟସ୍ଥ ନଦୀକୁ ପାଣି ଆଣିବା ପାଇଁ ଯାଇଥାନ୍ତି ଯାହାକି ଗ୍ରାମ ଠାରୁ ତିନି କିଲୋମିଟର ଦୂରରେ ରହିଛି ।ଏଥିପାଇଁ ବିଲ ହିଡରେ ମଧ ଯିବାକୁ ପଡେ ଅନେକ ସମୟରେ ପାଦ ଖସିଯିବାର ଭୟ ରହିଥାଏ। ନଦୀରେ ଛୋଟ ଛୋଟ ଚୁଆଁ ଖୋଲି ପାନୀୟ ଜଳ ସଂଗ୍ରହ କରୁଥିବା ବେଳେ ପାଣି ଗୋଳିଆ ଓ ଦୁର୍ଗନ୍ଧ ହୋଇଥାଏ ବୋଲି ମହିଳା ମାନେ କହିଛନ୍ତି। ଏତେଦୂର ପାଣି ପାଇଁ ଆସୁଥିବାରୁ ଘଣ୍ଟା ଘଣ୍ଟା ସମୟ ଲାଗୁଛି ଓ ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।ଏନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ କେହି ଶୁଣୁନଥିବା ଲୋକେ କହୁଛନ୍ତି । ପାଇପ ଯୋଗେ ଜଳ ଯୋଗାଣ ପାଇଁ ସରକାର ବସୁନ୍ଧରା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଛନ୍ତି, କିନ୍ତୁ ଲୋକେ ପାଣି ପାଇ ପାରୁ ନାହାନ୍ତି। ଏଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠୁଛି ।ସବୁଦିନ ପାଣି ଯୋଗାଣ ବ୍ୟବସ୍ଥା ସହ ଗ୍ରାମରେ ନଳକୂପ ସ୍ଥାପନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଖଡ଼ିଆଳ ବିଡିଓ ବୀରସେନ ବେହେରାଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀଙ୍କୁ ପଠାଇ ସମସ୍ୟା ଅନୁଧ୍ୟାନ କରିବେ ଓ ଯଥାଶୀଘ୍ର ସମାଧାନ କରିବେ ବୋଲି କହିଛନ୍ତି।

## ବଜାରରେ ବିଅର୍ ଅଭାବ: ମାସକୁ ବେପାର ୩୩୦ କୋଟି

କଟକ , ୧୯/୦୩ (ନି.ପ୍ର): ମାର୍ଚ୍ଚ ଆରମ୍ଭରୁ ରାଜ୍ୟରେ ବିଅର ଅଭାବ ସୃଷ୍ଟି ହୋଇଛି। ଗ୍ରୀଷ୍ମ ଋତୁରେ ରାଜ୍ୟରେ ମାସକୁ ହାରାହାରି ୩୩୦ କୋଟି ଟଙ୍କାର ବିଅର ଗ୍ରାହକ ପିଉଛନ୍ତି। ଏଥିରୁ କେବଳ ନିର୍ଦ୍ଦିଷ୍ଟ ଏକ ବ୍ରାଣ୍ଡର ବିଅର୍ ୧୬୫ କୋଟି ଟଙ୍କାର ବ୍ୟବସାୟ କରୁଛି। କିନ୍ତୁ ବଜାରରେ ଏବେ ଏହି ଚାହିଦା ଥିବା ବ୍ରାଣ୍ଡର ବିଅର୍ ପର୍ଯ୍ୟାପ୍ତ ମିଳିପାରୁନାହିଁ। ଅଣଚାହିଦା ବ୍ରାଣ୍ଡର ବିଅରକୁ ବାଧ୍ୟବାଧକତାରେ ମଦ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ଦିଆଯାଉଛି। ଏହି ବିଅର୍ ପ୍ରତି ଗ୍ରାହକଙ୍କ ଚାହିଦା ନଥିବାରୁ ବିଅର ବିକ୍ରି ହେଉନାହିଁ। ବିଅର ବିକ୍ରି ହେଉନଥିବାରୁ ମାସିକିଆ ଏମଜିକ୍ୟୁ ପୂରଣ କରିବା ପାଇଁ ମଦ ବ୍ୟବସାୟୀମାନେ ନାକେଦମ୍ ହେଲେଣି। ଚାହିଦା ଥିବା ବିଅର୍ ବଜାରକୁ ନଛାଡ଼ିବା ପଛରେ କି ପ୍ରକାର ଉଦ୍ଦେଶ୍ୟ ରହିଛି, ତାହାକୁ ନେଇ ବ୍ୟବସାୟୀମାନେ ପ୍ରଶ୍ନ କଲେଣି।



ସୂଚନା ଅନୁଯାୟୀ, ବିଅରର ଏମଜିକ୍ୟୁ(ମିନିମମ୍ ଗ୍ୟାରେଣ୍ଟେଡ୍ କ୍ୱାଣ୍ଟିଟି) ଭୁବନେଶ୍ୱର ସହର ପାଇଁ ଦୋକାନ ପିଛା ୧୫ ଶହ ପେଟି ଥିବା ବେଳେ କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱରର ଭଳି ପୌର ନିଗମ ଅଞ୍ଚଳ ପାଇଁ ଏମଜିକ୍ୟୁ ୮୫୦ ପେଟି, ଗ୍ରାମାଞ୍ଚଳ ପାଇଁ ୪୦୦ ପେଟି ରହିଛି। ସେହିଭଳି ଯାଜପୁର, କେନ୍ଦ୍ରାପଡ଼ା ଭଳି ପୌରାଞ୍ଚଳ ପାଇଁ ସ୍ୱତନ୍ତ୍ର ଏମଜିକ୍ୟୁ ସ୍ଥିର କରାଯାଇଛି। ମାସକ ଭିତରେ ନହେଲେ ବି ବର୍ଷକ ଭିତରେ ଜଣେ ମଦ ବ୍ୟବସାୟୀ ଧାର୍ଯ୍ୟ ପରିମାଣର ଏମଜିକ୍ୟୁ କୋଟା ପୂରଣ କରିବାକୁ ବାଧ୍ୟ। ବର୍ଷା ଓ ଶୀତ ଋତୁରେ ମାସିକ ଅଧା ପେଟି ବି ବିଅର ବିକ୍ରି କରିବା କଷ୍ଟକର ହୋଇପଡ଼େ। ସେଥିପାଇଁ ମାର୍ଚ୍ଚ, ଏପ୍ରିଲ, ମେ, ଜୁନ୍ ୧୪ ତାରିଖ ଯାଏ ୪ ମାସ ଖରା ଦିନେ ମଦ ବ୍ୟବସାୟୀମାନେ ପୂରା ବର୍ଷର ଏମଜିକ୍ୟୁର ୮୦ ପ୍ରତିଶତ ପୂରଣ କରିଦିଅନ୍ତି। ଅବଶିଷ୍ଟ ଏମଜିକ୍ୟୁ ବର୍ଷ ସାରା ପୂରଣ ହୁଏ। ଖରା ଦିନେ ରାଜ୍ୟରେ ମାସକୁ ୨୦ ଲକ୍ଷ ପେଟି ବିଅର୍ ଆବଶ୍ୟକ ପଡୁଛି। ସେଥିରୁ ନିର୍ଦ୍ଦିଷ୍ଟ ଭାବେ ଚାହିଦା ଥିବା ଗୋଟିଏ କମ୍ପାନିର ବିଅର ୧୦ ଲକ୍ଷ ପେଟି ଆବଶ୍ୟକ ପଡୁଛି। କିନ୍ତୁ ଏହି ନିର୍ଦ୍ଦିଷ୍ଟ ବ୍ରାଣ୍ଡ୍ ?ର ବିଅର୍ ବଜାରରେ ପହଞ୍ଚି ପାରୁନଥିବା ମଦ ବ୍ୟବସାୟୀମାନେ ଖୋଲାଖୋଲି ଅଭିଯୋଗ କରିଛନ୍ତି। ଯେଉଁ ମଦର ଚାହିଦା ବଜାରରେ ନାହିଁ, ତାକୁ ଓଏସବିସି(ଓଡ଼ିଶା ରାଜ୍ୟ ପାନୀୟ ନିଗମ) ପକ୍ଷରୁ ବାଧ କରି ମଦ ବ୍ୟବସାୟୀଙ୍କୁ ଦିଆଯାଉଛି। ଏହି ବିଅର୍ ଗ୍ରାହକ କିଣୁ ନଥିବାରୁ ମଦ ବ୍ୟବସାୟୀମାନେ ବାର୍ଷିକ ବିଅରର ଏମଜିକ୍ୟୁ କୋଟା ପୂରଣ କରିପାରୁନାହାନ୍ତି। ଏହି କାରଣରୁ ରାଜ୍ୟରେ ପାଖାପାଖି ୮୦ ପ୍ରତିଶତ ବ୍ୟବସାୟୀ ଏମଜିକ୍ୟୁ ପୂରଣ କରିପାରୁନାହାନ୍ତି। ଯେତିକି ବିଅର ଏମଜିକ୍ୟୁ ମଦ ବ୍ୟବସାୟୀଙ୍କର ବାକି ପଡ଼ିଛି, ଆସନ୍ତା ଦୁଇବର୍ଷ ଭିତରେ ତାହା ଶେଷ ହେବା ବି କଷ୍ଟକର ହୋଇପଡ଼ିବ ବୋଲି ବ୍ୟବସାୟୀମାନେ ଅଭିଯୋଗ ଆଣିଛନ୍ତି। ଏମଜିକ୍ୟୁ କୋଟା ପୂରଣ ନହେଲେ ମଦ ବ୍ୟବସାୟୀ ଡ୍ୟୁଟିର ୨୦୦ ପ୍ରତିଶତ ଜରିମାନା ସରକାରଙ୍କ ନିକଟରେ ପୈଠ କରିବେ।

ରାଜ୍ୟରେ ପାରାଦୀପ, ବଲାଙ୍ଗୀର, ଟାଙ୍ଗୀରେ ଥିବା ଗୋଟିଏ ଲେଖାଏ ଓ ଖୋର୍ଦ୍ଧାରେ ଦୁଇଟି ଲେଖାଏ ବିଅର୍ ଫ୍ୟାକ୍ଟ୍ରି ରହିଛି। ସର୍ବାଧିକ ବିଅର୍ ଖୋର୍ଦ୍ଧାରୁ ମାସିକ ୧୫ ଲକ୍ଷ ପେଟି ଉତ୍ପାଦନ ହେଉଛି। କିନ୍ତୁ ଏହି ବିଅର୍ ଫ୍ୟାକ୍ଟ୍ରିରୁ ବିଅର୍ ମଦ କାଉଣ୍ଟରରେ ଚାହିଦା ଅନୁଯାୟୀ ପହଞ୍ଚିପାରୁ ନାହିଁ। ରାଜ୍ୟରେ ଥିବା ଠିପି ଖୋଲା, ଠିପି ବନ୍ଦ, ପୁଲିସ ଓ ଆର୍ମି କ୍ୟାଣ୍ଟିନ୍, କ୍ଲବକୁ ମିଶାଇ ମୋଟ ୨ ହଜାର ୮୨ ମଦ ଦୋକାନରେ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ବିଅର ପହଞ୍ଚି ପାରୁନଥିବାରୁ ମଦ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ବେସରକାରୀ କଲେଜ ଶିକ୍ଷକ ସଂଘ କାର୍ଯ୍ୟକାରିଣୀର ବୈଠକ

ନୂଆପଡ଼ା, ୧୯/୦୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ବେସରକାରୀ କଲେଜ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ଡ଼ଃ. ପଦ୍ମଲୋଚନ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଂଘର ରାଜ୍ୟ ସଂଗଠନ ସମ୍ପାଦକ ପ୍ରଫେସର ପ୍ରଣୟ ତ୍ରିପାଠୀ ଯୋଗଦେଇ ସାମ୍ପ୍ରତିକ ସାଙ୍ଗଠନିକ ସ୍ଥିତି ଉପରେ ଆଲୋକପାତ କରିଥିଲେ । ସଂଘର ଦାବୀ ସମୂହ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ନିୟମିତ ବୈଠକ ଓ ସଭ୍ୟଚାନ୍ଦା ସଂଗ୍ରହ ଉପରେ ଗୁରୁତ୍ୱ ଆରୋପ କରଯାଇଥିଲା । ସମ୍ପାଦକ ପ୍ରଫେସର ଅବନୀ ଖମାରି, ଯୁଗ୍ମ ସମ୍ପାଦକ ପ୍ରଫେସର ନାରାୟଣ ମିଶ୍ର, ପ୍ରାକ୍ତନ ସଭାପତି ପ୍ରଫେସର ଡ଼ଃ ହରେନ୍ଦ୍ର ପଣ୍ଡା, ଖଡ଼ିଆଳ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ଼ଃ ତରୁଣ ପ୍ରଧାନ, କୋଷାଧକ୍ଷ ପ୍ରଫେସର ବିସିକେଶନ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅଧାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ଧନ୍ୟବାଦ ଅର୍ପଣ କରିଥିଲେ।

## ଚୁଟି ଷ୍ଟ୍ରେଟ୍ କରୁଥିଲେ ସାବଧାନ ହୋଇପାରେ କ୍ୟାନ୍ସର

**ଯୁବତୀ ଓ ମହିଳାମାନେ ଚୁଟି ଷ୍ଟ୍ରେଟ୍ କରିବା ବର୍ତ୍ତମାନ ଏକ ଅଭ୍ୟାସରେ ପରିଣତ ହେଲାଣି । ଛୋଟରୁ ବଡ, ଚୁଟି ଷ୍ଟ୍ରେଟ୍ କରିବା ସମସ୍ତଙ୍କ ପାଲଟିଗଲାଣି ସଉକ । ଘରେ ଘରେ କିଏ ନା କିଏ ନିଜ ଚୁଟି ସିଧା କରିବା ସହ ନୂଆ ଲୁକ୍ ଦେଉଛନ୍ତି । କହିବାକୁ ଗଲେ, ଷ୍ଟ୍ରେଟ୍ ଚୁଟି ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦିଏ । ସେଥିପାଇଁ ତ ଏହା ପଛରେ ଯୁବପୀଢି ପାଗଳ । ଆପଣ ବି ଚୁଟି ଷ୍ଟ୍ରେଟ୍ କରୁଛନ୍ତି କି ? ତେବେ ସାବଧାନ । ଏହାଦ୍ୱାରା ଆପଣଙ୍କୁ ହୋଇପାରେ କ୍ୟାନସର ।**



ପରମାନେଣ୍ଟ ହେୟାର ଷ୍ଟ୍ରେଟନିଙ୍ଗ ଅର୍ଥାତ୍ ସ୍ଥାୟୀ ଭାବରେ ଚୁଟି ସିଧା କରିବା ଆପଣଙ୍କୁ ଷ୍ଟାଇଲିସ ଲାଗିପାରେ ତେବେ ବାରମ୍ବାର ଏହା କରିବା ଦ୍ୱାରା ଚୁଟିକୁ କ୍ଷତି ମଧ୍ୟ ପହଁଚିଥାଏ । ଏପରିକି ଚୁଟି ଷ୍ଟ୍ରେଟ୍ କରିବା ବେଳେ ଯେଉଁ କେମିକାଲ ବ୍ୟବହାର କରାଯାଏ ତାହାଦ୍ୱାରା କ୍ୟାନସର ଆଶଙ୍କା ବଢିଥାଏ । ଏକ ଗବେଷଣାରୁ ଆମେରିକାର ବୈଜ୍ଞାନିକ ଦାବି କରିଛନ୍ତି ଯେ, ଚୁଟି ସିଧା କରିବାକୁ ବ୍ୟବହାର ହେଉଥିବା ରସାୟନ ପଦାର୍ଥ ଗର୍ଭାଶୟ କ୍ୟାନସର ଆଶଙ୍କାକୁ ବଢାଇଦିଏ । ବିଶ୍ୱରେ ପ୍ରତିବର୍ଷ ୫ ଲକ୍ଷ ମହିଳା ଗର୍ଭାଶୟ କ୍ୟାନସରରେ ପୀଡିତ ହୁଅନ୍ତି । ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ୮୫ ପ୍ରତିଶତ ମହିଳାଙ୍କଠାରେ ଗର୍ଭାଶୟ କ୍ୟାନସରର ବିପଦ ରହିଛି । ଭାରତରେ ୩୦ରୁ ୫୯ ବର୍ଷ ବୟସ୍କ ମହିଳାଙ୍କ କ୍ଷେତ୍ରରେ ୩୬ ପ୍ରତିଶତଙ୍କ ଠାରେ ଏହି ବିପଦ ରହିଛି । ଗର୍ଭାଶୟ କ୍ୟାନସର ହେଲେ ମହିଳାଙ୍କ ପେଟରେ ପୀଡା, ପରିଶ୍ରାରେ ପୋଡାଜଳା, ଭୋକ ନଲାଗିବା, ଅନିୟମିତ ଋତୁସ୍ରାବ ଏବଂ ଓଜନ ହ୍ରାସ ପାଇବା ଭଳି ଲକ୍ଷଣ ଦେଖାଦେଇଥାଏ ।

ନାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ ପକ୍ଷରୁ କରାଯାଇଥିବା ଅଧ୍ୟୟନରେ ଆମେରିକାର ୩୩ ହଜାର ମହିଳାଙ୍କ ଉପରେ ୧୦ ବର୍ଷ ଧରି ନଜର ରଖାଯାଇଥିଲା । ଷ୍ଟଡିରେ ୩୫ରୁ ୭୪ ବର୍ଷୀୟ ମହିଳାଙ୍କୁ ସାମିଲ କରାଯାଇଥିଲା । ଗବେଷଣାରୁ ଜଣାପଡିଥିଲା ଯେ, ବର୍ଷକୁ ୪ ଥରରୁ ଅଧିକ ଚୁଟି ଷ୍ଟ୍ରେଟ୍ କରୁଥିବା ମହିଳାଙ୍କ କ୍ଷେତ୍ରରେ ଗର୍ଭାଶୟ କ୍ୟାନସରର ହାର ୪.୦୫ପ୍ରତିଶତ । ଅନ୍ୟ ମହିଳାଙ୍କ କ୍ଷେତ୍ରରେ ଏହା ୧.୬୪ପ୍ରତିଶତ । ଗବେଷଣା ଅନୁସାରେ, ହେୟାର ଷ୍ଟ୍ରେଟନିଙ୍ଗ କ୍ରିମରେ ଥିବା କେମିକାଲ ମସ୍ତିଷ୍କ ମାଧ୍ୟମରେ ରକ୍ତରେ ମିଶି ଗର୍ଭାଶୟକୁ ଯାଇଥାଏ । ଯାହା ପରବର୍ତ୍ତୀ ସମୟରେ ଗର୍ଭାଶୟ କ୍ୟାନସର କରାଇଥାଏ ।

## ଖଟାମିଠା ନଡ଼ିଆ ଗୋଟମା

**ଆବଶ୍ୟକ ସାମଗ୍ରୀ:** କୋରା ନଡ଼ିଆ, ଅରୁଆ ଚାଉଳ ବଟା, ଗୁଜରାତି ଗୁଣ୍ଡ, ପଞ୍ଚଫୁଟଣ, ତେଜପତ୍ର, ଶୁଖିଲା ଲଙ୍କା, ତେନ୍ତୁଳି ରସ, ଗୁଡ଼, କଞ୍ଚାଲଙ୍କା ଛେଚା, ଅଦା ଛେଚା, କାଜୁ, କିସ୍‌ମିସ୍, ରିଫାଇନ୍ ତେଲ ଓ ଲୁଣ ।




**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ନଡ଼ିଆକୁ କୋରି ଏକ ପାତ୍ରରେ ରଖନ୍ତୁ । ଏହାପରେ ଭିଜାଇ ରଖିଥିବା ଅରୁଆ ଚାଉଳକୁ ବାଟି ଏକ ପାତ୍ରରେ ରଖନ୍ତୁ । ଅରୁଆ ଚାଉଳ ବଟାରେ ନଡ଼ିଆ କୋରା ଓ ଗୁଜରାତି ଗୁଣ୍ଡ ପକେଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଭଲଭାବେ ଗୋଳେଇ ଦେବାପରେ ଗୋଲ ଗୋଲ କରି ଛୋଟ ଛୋଟ ଗୁଳା କରନ୍ତୁ । ମନେ ରଖନ୍ତୁ ଅରୁଆଚାଉଳ ବଟାଟି ଯେପରି ପାଣିଆ ହୋଇ ନଥିବ ।
କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ପଞ୍ଚଫୁଟଣ, ତେଜପତ୍ର ଓ ଶୁଖିଲା ଲଙ୍କା ପକେଇ ଛୁଙ୍କ ପ୍ରସ୍ତୁତ କରନ୍ତୁ । ତା'ପରେ ସେଥିରେ ତେନ୍ତୁଳି ରସ ଓ ଅଳ୍ପ ପାଣି ଦେଇ ଦୁଇ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ତେନ୍ତୁଳି ରସ ଫୁଟିବା ପରେ ସେଥିରେ ଗୁଡ଼ ମିଶେଇ ପାଗ ପ୍ରସ୍ତୁତ କରନ୍ତୁ । ସେଇ ପାଗରେ କଞ୍ଚାଲଙ୍କା ଛେଚା, ଅଦା ଛେଚା ଓ ସ୍ୱାଦ ଅନୁସାରେ ଲୁଣ ପକେଇ ଗୋଳାଇ ଦିଅନ୍ତୁ । ଏହାପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଗୋଲ ଗୋଲ ନଡ଼ିଆ କୋରାକୁ ପକେଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଶେଷରେ ଭଜା କାଜୁ ଓ ଖିସମିସ୍ ପକେଇ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଖଟାମିଠା ନଡ଼ିଆ ଗୋଟମା ।

## ଡିପ୍ରେସନ ବଢ଼ାଇପାରେ ସୋସିଆଲ ମିଡିଆ !

ସୋସିଆଲ ମିଡିଆର ବହୁଳ ମାତ୍ରାରେ ବ୍ୟବହାର ଏବେ ମାନସିକ ସ୍ତରରେ କୁପ୍ରଭାବ ପକାଉଛି । ଜର୍ଣ୍ଣାଲ୍ ଅଫ୍ ଇଫେକ୍ଟିଭ୍ ଡିସଅର୍ଡର୍ସ ରିପୋର୍ଟରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ସୋସିଆଲ ମିଡିଆକୁ ଅଧିକ ବ୍ୟବହାର କରୁଥିବା ଯୁବପିଢିମାନେ ଛଅ ମାସ ମଧ୍ୟରେ ଡିପ୍ରେସନ ବା ଅବସାଦର ଶିକାର ହୋଇପାରନ୍ତି । ଯେଉଁମାନେ ସୋସିଆଲ ମିଡିଆକୁ ଦିନକୁ ୩୦୦ ମିନିଟରୁ ଅଧିକ ସମୟ ବ୍ୟବହାର କରନ୍ତି, ସେମାନେ ଦୁଇଗୁଣ ଅବସାଦଗ୍ରସ୍ତ ହେବାର ସମ୍ଭାବନା ରହୁଛି । ଆହୁରି ମଧ୍ୟ, ସୋସିଆଲ୍ ମିଡିଆ ବ୍ୟବହାର କରୁ ନଥିବା ଲୋକ ଏହାର ଅଧିକ ଉପଯୋଗ କରୁଥିବା ଲୋକଙ୍କ ତୁଳନାରେ ୪୯ ପ୍ରତିଶତ କମ୍ ଉଦାସୀନ ହେବା ଦେଖାଯାଉଛି ।

ଓରେଗନ୍ ଷ୍ଟେଟ୍ ୟୁନିଭର୍ସିଟିର ଜନସ୍ୱାସ୍ଥ୍ୟ ଏବଂ ମାନବ ବିଜ୍ଞାନର ଡିନ୍ ବ୍ରିଆନ୍ ପ୍ରାଇମେକଙ୍କ ସହଯୋଗରେ ୧୮ରୁ ୩୦ ବର୍ଷ ବୟସ୍କ ଯୁବକଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା । ଆମେରିକାରେ ଉପରୋକ୍ତ ଶ୍ରେଣୀର ୧୦୦୦ ଯୁବକଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ସେମାନେ ଦିନରେ କେତେ ସମୟ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି । ଏଥିସହ, ବିଗ୍ ଫାଇଭ୍ ଇନଭେଣ୍ଟୋରୀ ବ୍ୟବହାର କରି ସେମାନଙ୍କର ବ୍ୟକ୍ତିତ୍ୱ ମପାଯାଇଥିଲା । ଯେଉଁଥିରୁ ଖୋଲାପଣ, ସ୍ୱଳ୍ପ ଖର୍ଚ୍ଚ, ସହମତି ଏବଂ ସାଇକୋପାଥିର ଆକଳନ କରାଯାଇଥିଲା ।

ବ୍ରିଟେନର ଜଣେ ୧୪ ବର୍ଷର ଝିଅ ରସେଲଙ୍କ ଆତ୍ମହତ୍ୟା ପାଇଁ ମଧ୍ୟ ସୋସିଆଲ ମିଡିଆ ଦାୟୀ ବୋଲି କୁହାଯାଇଥିଲା । ଆତ୍ମହତ୍ୟାର ଛଅ ମାସ ପୂର୍ବରୁ ଏହି ବାଳିକା ଆତ୍ମହତ୍ୟା ଓ ଉଦାସୀନତା ସମ୍ବନ୍ଧୀୟ ୨୧୦୦ ପୋଷ୍ଟ ଦେଖିଥିବା ଜଣାପଡ଼ିଥିଲା । ଆମେରିକାରେ ମଧ୍ୟ ୧୦ରୁ ୧୪ ବର୍ଷ ବୟସର ପିଲାମାନଙ୍କର ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ହେଉଛି ଏହି ସୋସିଆଲ ମିଡିଆ ।




## ତମାଖୁ ସେବନ ପାଇଁ ଦୁର୍ବଳ ହେଉଛି ହାଡ

ତମାଖୁ ଖାଇବା ସ୍ୱାସ୍ଥ୍ୟପ୍ରତି ହାନିକାରକ ବୋଲି ସମସ୍ତେ ଜାଣନ୍ତି । ଏହାକୁ ଖାଇବା ଦ୍ୱାରା ଲୋକମାନେ ଭୀଷଣ କର୍କଟ ରୋଗରେ ପଡୁଛନ୍ତି । ଯାହାର ଚିକିତ୍ସା ବ୍ୟୟବହୁଳ । ତେବେ ଡାକ୍ତରୀ ବିଶେଷଜ୍ଞଙ୍କ ଅନୁଯାୟୀ, ଦୀର୍ଘ ସମୟ ଧରି ତମାଖୁ ସେବନ କରିବା ଦ୍ୱାରା ଯାହା ହାଡର ରକ୍ଷଣାବେକ୍ଷଣ ଏବଂ ହାଡ ଦୁର୍ବଳ ହୋଇଯାଏ । ଏଭଳି ପରିସ୍ଥିତିରେ ୪୦ ବର୍ଷରୁ ଅଧିକ ବୟସ୍କ ଲୋକମାନେ ପ୍ରଭାବିତ ହୁଅନ୍ତି । କିଙ୍ଗ ଜର୍ଜଙ୍କ ମେଡିକାଲ ୟୁନିଭରସିଟି (କେଜିଏମୟୁ) ର ଅର୍ଥୋପେଡିକ୍ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ଶାହା ଓ୍ୱାଲିହୁଲା କହିଛନ୍ତି, 'ଅସ୍ଥିରେ ଦୁଇ ପ୍ରକାରର କୋଷ ଅଛି ଯାହାକୁ ଅଷ୍ଟିଓକ୍ଲାଷ୍ଟ ଏବଂ ଅଷ୍ଟିଓବ୍ଲାଷ୍ଟ କୁହାଯାଏ । ହାଡ ତିଆରି ଏବଂ ଭାଙ୍ଗିବା ପାଇଁ ସେମାନେ ଦାୟୀ ଅଟନ୍ତି । ଯାହା ଦ୍ୱାରା ସେଗୁଡିକ ପୁନଃନିର୍ମାଣ କରାଯାଇପାରିବ । ଯେତେବେଳେ ଅଷ୍ଟିଓକ୍ଲାଷ୍ଟଗୁଡିକ ପୂର୍ବ ଦ୍ୱାରା ଭାଙ୍ଗିଯିବା ପରେ ନୂତନ ହାଡ ସୃଷ୍ଟି କରେ ଏବଂ ଏହି ପଦ୍ଧତି କ୍ରମାଗତ ଭାବରେ ଚାଲିଥାଏ ।' ଅବଶ୍ୟ, ଏହା ଦେଖାଯାଏ ଯେ ଯେଉଁମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ତମାଖୁ ସେବନ କରନ୍ତି, ଧୂମପାନ କିମ୍ବା ଚୁଇଙ୍ଗ ଆକାରରେ ହେଉ, ଅଷ୍ଟିଓବ୍ଲାସ୍ଟ ହ୍ରାସ ହେବାବେଳେ ଅଷ୍ଟିଓକ୍ଲାଷ୍ଟର ସଂଖ୍ୟା ବଢିଯାଏ । ପରିଶେଷରେ, ଏହା ଅଷ୍ଟିଓପୋରୋସିସ୍ ସୃଷ୍ଟି କରେ କାରଣ ହାଡର ଘନତା କମିଯାଏ । କେଜିଏମୟୁରେ ଥିବା ଅନ୍ୟ ଜଣେ ଅର୍ଥୋପେଡିକ୍ ସର୍ଜନ ଡ. ମୟଙ୍କ ମହିନ୍ଦ୍ରା କହିଛନ୍ତି, 'ଆମେ ମଧ୍ୟବିତ ରୋଗୀଙ୍କ ମଧ୍ୟରେ ଏହି ତମାଖୁ ଦ୍ୱାର ଉତ୍ପନ୍ନ ଅଷ୍ଟିଓପୋରୋସିସ୍ ଦେଖୁ ।

## ନିଜଠୁ ଅଧିକ ବୟସ ବ୍ୟକ୍ତିଙ୍କୁ ବିବାହ କଲେ ମିଳିଥାଏ ୪ ପ୍ରକାର ଫାଇଦା

କୁହାଯାଏ ଯେ ବୟ ହେଉଛି ଏକ କେବଳ ଏକ ସଂଖ୍ୟା । ଜଣେ ବୟସ୍କଙ୍କୁ ବିବାହ କଲେ ଜି ଆପଣଙ୍କଠାରୁ ୧୦ରୁ ୧୫ ବର୍ଷ ଅଧିକ ବୟସ୍କ ଏହା ସାମାନ୍ୟ ଆଶ୍ଚର୍ଯ୍ୟକର ହୋଇପାରେ, କିନ୍ତୁ ଏହା ଆଦୌ ଭୁଲ ନିଷ୍ପତି ନୁହେଁ । କାରଣ ତାଙ୍କ ଜୀବନ ସେମାନଙ୍କର ନିୟନ୍ତ୍ରଣରେ ଥାଏ । ସେମାନେ ସଫଳ ମଧ୍ୟ, ଖୋଲା ମନ ଏବଂ ସ୍ଥିର ଅଟନ୍ତି । ଜଣେ ବୟସ୍କ ବ୍ୟକ୍ତିଙ୍କୁ ବିବାହ କରିବା ତାଙ୍କର ସୁବିଧାଗୁଡ଼ିକର ଅଂଶ ମଧ୍ୟ ଆପଣ ହୋଇପାରନ୍ତି ।
ଏହି ପ୍ରକାର କମ୍ବିନେସନ୍ ଭଲ ବୈବାହିକ ସମ୍ପର୍କର ଲକ୍ଷଣ । ଆଜି ଆମେ ଆପଣଙ୍କୁ ଏହାର ଫାଇଦା ସମ୍ପର୍କରେ ପ୍ରକାଶ କରୁଛୁ ।

- **ଇନ୍‌ସିକ୍ୟୁରିଟି ହୁଏନି:** କମ୍ ବୟସର ଯୁବକଙ୍କଠାରେ ଅନେକ ସମୟରେ ନିଜ ପରିଚୟ, ପ୍ରତିଷ୍ଠା ସହ ଯୁବତୀଙ୍କୁ ନେଇ ଇନ୍‌ସିକ୍ୟୁରିଟି ରହିଥାଏ । ଅନେକ କ୍ଷେତ୍ରରେ ସେମାନେ ଅଧିକ ମାଚ୍ୟୁଅର ହୋଇ ନଥାନ୍ତି । ଫଳରେ ସେମାନେ ଅଧିକାଂଶ ସମୟରେ ନିଜ ମହିଳା ପାର୍ଟନରଙ୍କ ଉପରେ ସନ୍ଦେହ ମଧ୍ୟ କରିଥାନ୍ତି । କିନ୍ତୁ ଯୁବତୀଙ୍କଠାରୁ ଅଧିକ ବୟସର ପୁରୁଷଙ୍କଠାରେ ପ୍ରାୟତଃ ଏପରି ସମସ୍ୟା ଦେଖାଯାଇ ନଥାଏ । ସେମାନେ ଅନେକ ବୁଦ୍ଧିମାନର ସହ ସବୁ କାମ କରିଥାନ୍ତି ।
- **ଝଗଡ଼ା କମ୍ ହୁଏ ଏବଂ ମାଚ୍ୟୁରିଟି ଅଧିକ ଦେଖାନ୍ତି:** ଅଧିକ ବୟସର ପୁରୁଷ କମ୍ ବୟସର ଯୁବତୀଙ୍କ ତୁଳନାରେ ଅଧିକ ମାଚ୍ୟୁଅର । ସେ ନିଜ ଲାଇଫ୍ ପାର୍ଟନରଙ୍କ ସମସ୍ତ ପସନ୍ଦ ନାପସନ୍ଦ ଭଲ ଭାବେ ବୁଝିଥାନ୍ତି । ନିଜ ସହଧର୍ମୀଣିଙ୍କ ଛୋଟ ଛୋଟ ଭୁଲ୍‌କୁ ନେଇ ଅଧିକ କ୍ରୋଧିତ ହୋଇ ନଥାନ୍ତି । ଏହାଫଳରେ ପରସ୍ପର ମଧ୍ୟରେ ଝଗଡ଼ା ମଧ୍ୟ କମ୍ ହୋଇଥାଏ ।
- **ଚେହେରା ଅଧିକ ପ୍ରଭାବ ପକାଇ ନଥାଏ:** ଅଧିକ ବୟସର ପୁରୁଷ ନିଜ ସହଧର୍ମୀଣିଙ୍କ ଚେହେରାକୁ ନେଇ ଅଧିକ ଚିନ୍ତା କରନ୍ତି ନାହିଁ, ଅନେକ କ୍ଷେତ୍ରରେ ସେମାନେ ହୃଦୟର ସହ ଭଲ ପାଇଥାନ୍ତି ଏବଂ ନିଜ ପାର୍ଟନରଙ୍କ ବ୍ୟବହାର ଓ ଅଣ୍ଡରଷ୍ଟାଣ୍ଡିଂକୁ ଅନୁଧ୍ୟାନ କରିଥାନ୍ତି । କିନ୍ତୁ କମ୍ ବୟସର ଯୁବକ ନିଜ ସହଧର୍ମୀଣିଙ୍କ ଚେହେରା ପ୍ରତି ଆକର୍ଷିତ ହୋଇଥାନ୍ତି ।
- **ଟଙ୍କା ମ୍ୟାନେଜମେଣ୍ଟ:** ଘରର ଆର୍ଥୀକ ସ୍ଥିତିକୁ କିପରି ସ୍ଥିତର ରଖାଯିବ ତାହା ବୟସରେ ବଡ଼ ସ୍ୱାମୀ ଠିକ୍ ଭାବେ ବୁଝିପାରନ୍ତି । ଅନେକ କ୍ଷେତ୍ରରେ ସେମାନେ ଅଧିକ ଖର୍ଚ୍ଚାନ୍ତ ସ୍ୱାଭାବର ହୋଇ ନଥାନ୍ତି । ସେମାନଙ୍କୁ ଟଙ୍କାର ଆବଶ୍ୟକତା ସମ୍ପର୍କରେ ଠିକ୍ ଭାବେ ଜ୍ଞାନ ଥାଏ । ଫଳରେ ସେମାନେ ଟଙ୍କାର ଠିକ୍ ଭାବେ ମ୍ୟାନେଜମେଣ୍ଟ କରିପାରିଥାନ୍ତି । ସେମାନେ ଅଧିକାଂଶ ସମୟରେ ଆଜେବାଜେ ଖର୍ଚ୍ଚ କରି ନଥାନ୍ତି । ଅନେକ କ୍ଷେତ୍ରରେ କମ୍ ବୟସର ପୁରୁଷ ଅଧିକ ଖର୍ଚ୍ଚ କରିବା ଫଳରେ ଘରର ଆର୍ଥୀକ ସ୍ଥିତି ଖରାପ ହୋଇଥାଏ ।



## ୫ ଘଣ୍ଟାରୁ କମ୍ ଶୋଉଥିବା ଲୋକମାନଙ୍କଠାରେ ବଢିଯାଏ ଏହି ରୋଗର ଆଶଙ୍କା

ନିକଟରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ ଯେଉଁ ଲୋକମାନେ ରାତିରେ ପାଞ୍ଚ ଘଣ୍ଟାରୁ କମ୍ ଶୋଇଥା'ନ୍ତି, ସେମାନେ ଅନେକ ପ୍ରକାର ରୋଗର ଆଶଙ୍କା ରହିଥା'ନ୍ତି । ଏହି ରିପୋର୍ଟ ଅନୁଯାୟୀ, ୫୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଯେଉଁମାନେ ରାତିରେ ପାଞ୍ଚ ଘଣ୍ଟା କିମ୍ବା ତା'ଠାରୁ କମ୍ ଶୋଇଥା'ନ୍ତି, ସେମାନେ ଅନେକ ପ୍ରକାର ମାରାତ୍ମକ ରୋଗ ହେବାର ଆଶଙ୍କା ଅଧିକ ଥାଏ । ଏହି ରିପୋର୍ଟରୁ ଏହା ମଧ୍ୟ ଜଣା ପଡିଛି ଯେ, ରାତିରେ ବିଶ୍ରାମ ନେଉଥିବା ଲୋକଙ୍କ ଅପେକ୍ଷା ସେମାନେ ଦୁର୍ବଳ ହୋଇପାରନ୍ତି । ତେବେ ପୂର୍ବରୁ କୌଣସି ରୋଗରେ ପୀଡିତ ଲୋକଙ୍କ ପାଇଁ ଲମ୍ବା ସମୟ ଧରି ଶୋଇବା ବିପଦପୂର୍ଣ୍ଣ ଅଟେ । ଏହି ଅନୁସନ୍ଧାନରେ କମ ସମୟ ନିଦ୍ରାର ଅବଧି ବ୍ୟତୀତ, ଗବେଷକମାନେ ଅଧିକ ସମୟ ଶୋଇବା ସମୟ ଏବଂ ସ୍ୱାସ୍ଥ୍ୟ ଫଳାଫଳ ମଧ୍ୟରେ ସମ୍ପର୍କ ଖୋଜିବାକୁ ଚେଷ୍ଟା କରିଥିଲେ । ଯେଉଁମାନଙ୍କ ଶୋଇବା ୫୦ ବର୍ଷ ବୟସରେ ଟ୍ରାକ୍ କରାଯାଇଥିଲା, ଯେଉଁମାନେ ରାତିରେ ପାଞ୍ଚ ଘଣ୍ଟା କିମ୍ବା ତା'ଠାରୁ କମ୍ ଶୋଇଥିଲେ, ସେମାନେ ରାତିରେ ଅତି କମରେ ସାତ ଘଣ୍ଟା ଶୋଇଥିବା ଲୋକଙ୍କ ଅପେକ୍ଷା ୩୦ ପ୍ରତିଶତ ବିଭିନ୍ନ ରୋଗର ସମ୍ମୁଖୀନ ହୋଇଥିଲେ । ୬୦ବର୍ଷ ବୟସରେ ଏହା ୩୨ ପ୍ରତିଶତକୁ ବୃଦ୍ଧି ହୋଇଥିବା ବେଳେ ୭୦ ରେ ଏହା ୪୦ ପ୍ରତିଶତ ଅଧିକ ବିପଦ ବଢ଼ାଇଥିଲେ । ଅଧିକ ବିପଦ ଥିବା ରୋଗରେ ମଧୁମେହ, କର୍କଟ, କରୋନାରି ହୃଦ୍ ସମସ୍ୟା, ଷ୍ଟ୍ରୋକ୍, ହାର୍ଟ ଷ୍ଟ୍ରୋକ୍, ଫୁସଫୁସ ରୋଗ, ବୃକକ୍ ରୋଗ, ଯକୃତ ରୋଗ, ଉଦାସୀନତା, ଡିମେନ୍ସିଆ, ମାନସିକ ବିକୃତି, ପାର୍କିନ୍ସନ୍ ଏବଂ ଆର୍ଥ୍ରାଇଟିସ୍ ଭଳି ରୋଗ ଥିଲା ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପକ୍ଷପାତିତାପୂର୍ଣ୍ଣ ଆଚରଣ...

ପକ୍ଷପାତିତା- ଅର୍ଥାତ୍ ଯେଉଁଠି ଦୁଇ ବା ତତୋଧକ ପକ୍ଷଙ୍କ ମଧ୍ୟରେ ବିବାଦ କି ଦ୍ୱନ୍ଦ୍ୱ ଉପୁଜିଥାଏ, ସେଠାରେ ନ୍ୟାୟ ପ୍ରଦାନ କରିବାକୁ ଯାଇ ନ୍ୟାୟାଧୀଶ ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଯଦି କୌଣସି ଗୋଟିଏ ପକ୍ଷଙ୍କୁ ସମର୍ଥନ କରନ୍ତି ବା କରିବା ଭଳି କଥା କୁହନ୍ତି କି କାର୍ଯ୍ୟ କରନ୍ତି, ତାହେଲେ ସେ ଏଭଳି ଆଚରଣ କରିଥିବା କୁହାଯାଇଥାଏ । ତେଣୁ ଯେ କୌଣସି ପରିସ୍ଥିତିରେ ପକ୍ଷପାତିତାପୂର୍ଣ୍ଣ ଆଚରଣ ନ୍ୟାୟ ପାଇଁ ହାନିକାରକ ହୋଇଥାଏ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାମ୍ବିଧାନିକ କାର୍ଯ୍ୟାଳୟର ପଦବୀଧାରୀମାନେ ଯଦି ଏହିଭଳି ପକ୍ଷପାତିତାପୂର୍ଣ୍ଣ ଆଚରଣ କରନ୍ତି, ତା'ହେଲେ ଏହା ସମଗ୍ର ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ହାନିକାରକ ହେବା ସ୍ୱାଭାବିକ । ତା' ସତ୍ତ୍ୱେ ଏକ କାର୍ଯ୍ୟକାରୀ ଗଣତନ୍ତ୍ରର ଏହି ସିଦ୍ଧାନ୍ତଟି ହିଁ ବାରମ୍ବାର ଆଲୋଚନାର ପରିସର ଭିତରକୁ ଅଣାଯାଉଛି । ଏ ବାବଦରେ ବର୍ତ୍ତମାନର ଉପ-ରାଷ୍ଟ୍ରପତି ବିବାଦକୁ ପ୍ରଶ୍ରୟ ଦେଇଥିବା ଅନେକ ସମୟରେ ବୁଦ୍ଧିଜୀବୀମାନେ ଉଲ୍ଲେଖ କରିଥାନ୍ତି। ଅନେକଗୁଡ଼ିଏ ବିରୋଧୀମାନଙ୍କଦ୍ୱାରା ଶାସିତ ରାଜ୍ୟ ସେମାନଙ୍କ ରାଜ୍ୟମାନଙ୍କରେ ରାଜ୍ୟପାଳଙ୍କ ଭୂମିକାକୁ ନେଇ ଅଭିଯୋଗ ଉଠାଇ ଆସିଛନ୍ତି । ବସ୍ତୁତଃ, ଏ ଦୃଷ୍ଟିରୁ ଭାରତ ଏକ ଅଭୂତପୂର୍ବ ବିକାଶକୁ ପରିଲକ୍ଷିତ କରିଛି, ଯାହା ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କର- ତେଲେଙ୍ଗାନା, କେରଳ ଏବଂ ତାମିଲନାଡୁକୁ ନେଇ ଗଠିତ ଏକ ସଂଘକୁ ଜନ୍ମ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ, ଯେଉଁମାନେ ସେମାନଙ୍କ ନିଜ ନିଜ ରଜ୍ୟର ରାଜ୍ୟପାଳମାନଙ୍କ 'ପ୍ରାକ୍-ନ୍ୟାୟିକ' ବ୍ୟବହାରକୁ ନେଇ ଆପତ୍ତି ଉଠାଇଛନ୍ତି । ଏହି ବିତର୍କ ଆଉ କେବଳ ରାଜନୀତିକ ପ୍ରତିଯୋଗିତା ଭିତରେ ସୀମିତ ହୋଇ ରହିନାହିଁ । ରାଜନୀତିର ଜୁଆର ଏବଂ ଭଟ୍ଟାଠାରୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ଦୂରେଇ ରଖୁବା ନିମନ୍ତେ ରହିଥିବା ସୀମାରେଖା ବର୍ତ୍ତମାନ ଏକ ବଡ଼ ଧରଣର ବିତର୍କକୁ ଆମନ୍ତ୍ରଣ କରିବାର ସମ୍ଭାବନା, ଏବଂ ଯଥାର୍ଥରେ ପ୍ରୋତ୍ସାହିତ କରିବାର ଅବସର ଆଣି ଦେଇଥିବା ସମ୍ପର୍କରେ ଅନୁଭବ କରିଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ । ଏଥିପାଇଁ ଏକ ପରିପ୍ରେକ୍ଷୀ ଭାବରେ ଉଭା ହୋଇଥିଲା ମହାରାଷ୍ଟ୍ରର ରାଜନୀତିକ ଝଡ଼ । ମହାରାଷ୍ଟ୍ରରେ କିଛି ମାସ ପୂର୍ବେ ବିଧାନସଭାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାରେଙ୍କୁ ତାଙ୍କ ସପକ୍ଷରେ ବହୁମତ ଥିବା ଦର୍ଶାଇବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିବାକୁ ପ୍ରାକ୍ତନ ରଜ୍ୟପାଳ ବିଏସ୍ କୋଶୟାରୀ ନେଇଥବା ନିଷ୍ପତ୍ତିର ବିଜ୍ଞତାକୁ ସମ୍ପର୍କ କରି ସୁପ୍ରିମ୍‌କୋର୍ଟଙ୍କ ଏକ ଖଣ୍ଡପୀଠ- ଯେଉଁଥିରେ ଭାରତର ପ୍ରଧାନ ବିଚାରପତି ମଧ ଅନ୍ତର୍ଭୁକ୍ତ– ଉଲ୍ଲେଖ କରିଥିଲେ ଯେ ରାଜ୍ୟପାଳମାନେ ରାଜନୀତିକ ପ୍ରକ୍ରିୟାର ଏକ ଅଂଶ ହେବା ପରିସ୍ଥିତିକୁ ଓଲଟପାଲଟ କରିଦେବା ଭଳି ଥିଲା । ଶ୍ରୀଯୁକ୍ତ କୋଶୟାରୀ ଏଥିପାଇଁ ନିଜକୁ କେବେହେଲେ ଏ ସମ୍ପର୍କିତ ବିତର୍କରୁ ଓହରାଇ ନେଇ ପାରିବେ ନାହିଁ । ସୁପ୍ରିମ୍‌କୋର୍ଟ ବର୍ତ୍ତମାନ ଏକ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି ଯେ ଜଣେ ରାଜ୍ୟପାଳ ବିଧାନସଭାରେ ଏଭଳି ଏକ ସଂଖ୍ୟା ଗରିଷ୍ଠତା ପ୍ରମାଣ ପାଇଁ ଆଦେଶ ଦେବା ଉଚିତ କି ନୁହେଁ, ଯାହା ଏକ ସରକାରର ପତନକୁ ଡାକି ଆଣିବ । ଉଲ୍ଲେଖଯୋଗ୍ୟ ଯେ ତତ୍କାଳୀନ ମହାରାଷ୍ଟ୍ର ରାଜ୍ୟପାଳ ଶ୍ରୀଯୁକ୍ତ କୋଶୟାରୀ ବିରୋଧୀ ଦଳର ନେତାଙ୍କ ଦ୍ୱାରା ପ୍ରଦତ୍ତ ଏକ ପତ୍ର ଆଧାରରେ ଗୃହରେ ବହୁମତ ପରୀକ୍ଷା କରିବା ପାଇଁ ଆଦେଶ ଦେବାକୁ କୋର୍ଟ ବିଚାରକୁ ନେଇଛନ୍ତି। ରାଜ୍ୟପାଳଙ୍କ କ୍ଷମତା ବାବଦରେ ଅନ୍ୟ ଯେଉଁ ଉଲ୍ଲେଖନୀୟ ପଦକ୍ଷେପଟି ସୁପ୍ରିମ୍‌କୋର୍ଟ ନେଇଛନ୍ତି, ତାହା ହେଉଛି, ବିଧାନସଭା ଦ୍ୱାରା ପାରିତ ଅନୁମୋଦନ ପାଇଁ ଆସିଥିବା ବିଲ୍‌କୁ ରାଜ୍ୟପାଳଙ୍କ ଅଟକାଇବାର କ୍ଷମତା ସମ୍ପର୍କିତ ଅଭିଯୋଗର ବିଚାର କରିବା । ସାମ୍ବିଧାନର ଅନୁଚ୍ଛେଦ ୨୦୦ ଅବଶ୍ୟ ରାଜ୍ୟପାଳମାନଙ୍କୁ ସେମାନଙ୍କର ସ୍ୱାକ୍ଷର ପ୍ରଦାନକୁ ଅଟକାଇବାର କ୍ଷମତା ଅର୍ପ କରିଛି, ଏବଂ ଏହା ସେମାନେ କେତେ ଦିନ ପର୍ଯ୍ୟନ୍ତ କରି ପାରିବେ, ସେ ବାବଦରେ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିନାହିଁ । ସର୍ବୋଚ୍ଚ ଅଦାଲତଙ୍କ ତରଫରୁ ସମାଲୋଚନା ଏବଂ ବିରୋଧ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏହା ସ୍ୱୀକାର କରିବା ଉଚିତ ନୁହେଁ କି ରାଜ୍ୟପାଳ ପଦବୀଗୁଡ଼ିକରେ ନିଯୁକ୍ତ ବ୍ୟକ୍ତିମାନେ ସେମାନଙ୍କର ପଦ ମର୍ଯ୍ୟାଦାର ଅବମାନନା କରୁଛନ୍ତି ? ଏଭଳି ସ୍ୱୀକାରୋକ୍ତି ଅବଶ୍ୟ ସର୍ବସାଧାରଣରେ ହେବନାହିଁ । ଏହାର କାରଣ, ପୂର୍ବସୂରୀମାନଙ୍କ ଭଳି ସାମ୍ପ୍ରତିକ ସମୟର ସରକାର ମଧ ରାଜ୍ୟପାଳମାନଙ୍କ ନିଯୁକ୍ତିରେ ପ୍ରମୁଖ ହିତଧାରକ । ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋଦୀ ନିଜକୁ ଜଣେ ସଂସ୍କାରବାଦୀ ବୋଲି କହିଥାନ୍ତି । ତା'ହେଲେ ସେ ନିଜେ କାହିଁକି ରାଜ୍ୟପାଳମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଏବଂ ପ୍ରତିନିଧିମୂଳକ କରିବା ସମ୍ପର୍କରେ ଚିନ୍ତା କରିବେ ନାହିଁ ? ସୂଚନାଯୋଗ୍ୟ ଯେ ଭାରତର ନିର୍ବାଚନ ଆୟୋଗଙ୍କ ସଦସ୍ୟମାନଙ୍କ ମନୋନୟନର ବିଧ ବ୍ୟବସ୍ଥାରେ ସର୍ବୋଚ୍ଚ ଅଦାଲତ ପରିବର୍ତ୍ତନ କରି ଏକ ଉଦାହରଣ ସୃଷ୍ଟି କରି ସାରିଛନ୍ତି।

# ମାନନୀୟମାନଙ୍କ ମାନନୀୟତାକୁ ନେଇ ପ୍ରଶ୍ନ

**କେବଳ ସାଧାରଣ ଲୋକଙ୍କ ଅର୍ଥ ବରବାଦ୍ ହେବାରେ ଲାଗିଛି । ବଜେଟ୍ ଅଧିବେଶନ ଆରମ୍ଭରୁ କଂଗ୍ରେସ ସମେତ ଅନ୍ୟ ବିରୋଧି ଦଳମାନେ ଆଦାନୀ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲେ ଓ ଯୁଗ୍ମ ସଂସଦୀୟ କମିଟି ଗଠନ ପାଇଁ ଦାବି କରିଥିଲେ । ଅନ୍ୟପକ୍ଷରେ ଆଦାନୀ ପ୍ରସଙ୍ଗକୁ ଏଡ଼ାଇ ଯିବାପାଇଁ ଶାସକ ଦଳକୁ ଏକ ବାହାନା ମିଳିଯାଇଥିଲା ।**

### ଗୋପାଳ ମହାପାତ୍ର



ସଂସଦର ବଜେଟ୍ ଅଧିବେଶନର ପ୍ରଥମାର୍ଦ୍ଧ ହଟଗୋଳ ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା । ଆଶା କରାଯାଉଥିଲା ଦ୍ୱିତୀୟାର୍ଦ୍ଧରେ ସଂସଦୀୟ କାର୍ଯ୍ୟ ଠିକ୍ ଭାବେ ଚାଲିପାରିବ । କିନ୍ତୁ ହୋଲି ପରେ ଆରମ୍ଭ ହୋଇଥିବା ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧ ମଧ୍ୟ ହଟ୍ଟଗୋଳ ଯୋଗୁଁ ଠପ୍ ହେବାରେ ଲାଗିଛି । ବିଗତ କିଛି ବର୍ଷ ହେବ ଏଭଳି ଘଟଣା ଘଟିଚାଲିଛି । ଅଧିବେଶନ ତ ଆରମ୍ଭ ହେଉଛି, ହେଲେ କାର୍ଯ୍ୟ ଠିକ୍ ଭାବେ ଚାଲିପାରୁନାହିଁ । କେବଳ ସାଧାରଣ ଲୋକଙ୍କ ଅର୍ଥ ବରବାଦ୍ ହେବାରେ ଲାଗିଛି । ବଜେଟ୍ ଅଧିବେଶନ ଆରମ୍ଭରୁ କଂଗ୍ରେସ ସମେତ ଅନ୍ୟ ବିରୋଧି ଦଳମାନେ ଆଦାନୀ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲେ ଓ ଯୁଗ୍ମ ସଂସଦୀୟ କମିଟି ଗଠନ ପାଇଁ ଦାବି କରିଥିଲେ । ଅନ୍ୟପକ୍ଷରେ ଆଦାନୀ ପ୍ରସଙ୍ଗକୁ ଏଡ଼ାଇ ଯିବାପାଇଁ ଶାସକ ଦଳକୁ ଏକ ବାହାନା ମିଳିଯାଇଥିଲା । କଂଗ୍ରେସ ସାଂସଦ କିଛିଦିନ ତଳେ ବ୍ରିଟେନ୍ ଗସ୍ତରେ ଯାଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଭାଷଣ ରଖିଥିଲେ। ରାହୁଲଙ୍କ ଭାଷଣର କିଛି ବାକ୍ୟକୁ ନେଇ ଶାସକ ଦଳ ବିରୋଧିଙ୍କୁ ମଧ ଘେରିବାର ଉଦ୍ୟମ କରିଦେଲେ । ରାହୁଲ ଗାନ୍ଧୀ ବ୍ରିଟେନ୍‌ରେ କହିଥିଲେ ଯେ, ଭାରତରେ ଗଣତନ୍ତ୍ର ଏବେ ସଂକଟରେ ଏବଂ ସଂସଦରେ ତାଙ୍କୁ ବକ୍ତବ୍ୟ ରଖିବାର ସୁଯୋଗ ଦିଆଯାଉନାହିଁ । ରାହୁଲଙ୍କ ଭାଷଣର ଏହି ଅଂଶକୁ ଶାସକ ଦଳ ପ୍ରସଙ୍ଗ କରିଛନ୍ତି ଏବଂ ଅଭିଯୋଗ କରୁଛନ୍ତି ଯେ, ରାହୁଲ ଗଣତନ୍ତ୍ର ସହ ଦେଶର ଅପମାନ କରିଛନ୍ତି । ଏଣୁ ସେ କ୍ଷମା ମାଗିବା ଉଚିତ୍ । କଂଗ୍ରେସ ମଧ ପାଲଟା ଅଭିଯୋଗ କରିଛି, କଂଗ୍ରେସର ଅଭିଯୋଗ ହେଉଛି, ପ୍ରଧାନମନ୍ତ୍ରୀ ତାଙ୍କ ବିଦେଶ ଗସ୍ତ ସମୟରେ ରାଷ୍ଟ୍ରୀୟ ପ୍ରସଙ୍ଗରେ ଅନେକବାର ଆଲୋଚନା କରିଛନ୍ତି । ଏଣୁ ପ୍ରଧାନମନ୍ତ୍ରୀ ଏଥିପାଇଁ କ୍ଷମା ମାଗିବା ଉଚିତ୍ । ଏହିଭଳି ଉଭୟ ଶାସକ ଓ କଂଗ୍ରେସ ଦଳ ମଧ୍ୟରେ ଟଣାଓଟରା ଯୋଗୁଁ ସଂସଦ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ବଜେଟ୍ ଅଧିବେଶନରେ ଆରୋପ ପ୍ରତ୍ୟାରୋପ ଚାଲିଛି । ମୋଦି ସରକାରଙ୍କର ଦ୍ୱିତୀୟପାଳିର ଏହା ହେଉଛି ଶେଷ ବଜେଟ୍ । ୨୦୨୪ ମସିହାରେ ଲୋକସଭା ନିର୍ବାଚନ ହେବାପରେ ଯେଉଁ ଦଳ ସରକାରକୁ ଆସିବ, ସେ ଦଳ ଆସନ୍ତା ବର୍ଷର ବଜେଟ୍ ଆଗତ କରିବ ।

ଏକ ସମୟରେ ଡକ୍ଟର ରାମମନୋହର ଲୋହିଆ ଜନତାଙ୍କୁ ଦେଶର ମାଲିକ ବୋଲି ସମ୍ବୋଧିତ କରୁଥିଲେ । କିନ୍ତୁ ଏବେ ଏହି ସମ୍ବୋଧନକୁ ଆମ ନେତାମାନେ ଭୁଲିଗଲେଣି ଓ ନିଜକୁ ଦେଶର ମାଲିକ ବୋଲି ଭାବିଲେଣି । ଏଇଥିପାଇଁ ସଂସଦରେ ଓ ବିଧାନସଭାମାନଙ୍କରେ ହଟ୍ଟଗୋଳ କରି ଗଣତନ୍ତ୍ରକୁ ପରିହାସ କରିବା ପରେ ମଧ ପଶ୍ଚାତାପ କରୁନାହାଁନ୍ତି । ଏହା ପ୍ରକୃତପକ୍ଷେ ଏକ ଚିନ୍ତାଜନକ ବିଷୟ । ଯଦି ପ୍ରକୃତରେ ସଂସଦରେ ହଟ୍ଟଗୋଳ କରି କାର୍ଯ୍ୟ ବାଧିତ କରିବାର ଅଛି, ତେବେ ସଂସଦର ସଂଚାଳନ ପାଇଁ ପ୍ରତିଦିନ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି କାହିଁକି ? ଏଭଳି ପ୍ରଶ୍ନ ଉଠିବା ମଧ ଅମୂଳକ ନୁହେଁ । ବିଦେଶରେ ଗଣତନ୍ତ୍ରର ଅପମାନ ହୋଇଛି, କି ସମ୍ମାନ ବଢିଛି ସେ କଥା ତ ପରର କଥା, କିନ୍ତୁ ଗଣତନ୍ତ୍ରର ମନ୍ଦିର ସଂସଦରେ ଯେଭଳି ଭାବେ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରାଯାଉଛି, ତାହା ଗଣତନ୍ତ୍ର ଓ ଦେଶ ପାଇଁ ଅପମାନ ନିଶ୍ଚୟ । ସଂସଦର ଏକ ଘଂଟାର କାର୍ଯ୍ୟ ସଂଚାଳନ ପାଇଁ ପାଖାପାଖି ଦେଢକୋଟି ଟଙ୍କା ବ୍ୟୟ ହୋଇଥାଏ । ଏଣୁ ଅନୁମାନ କରାଯାଇପାରେ ଯେ, ଲୋକସଭା ଓ ରାଜ୍ୟସଭାରେ ହଟ୍ଟଗୋଳ କାରଣରୁ କାର୍ଯ୍ୟ ସଂଚାଳନ ହୋଇ ନପାରି କେତେ ଟଙ୍କା ବରବାଦ ହେଉଛି । ସାପ୍ତାହିକ ଛୁଟି ଓ ଅନ୍ୟ ଛୁଟିକୁ ଛାଡି ବର୍ଷରେ ମାତ୍ର ୭୦ ରୁ ୮୦ ଦିନ ସଂସଦ ଚାଲିଥାଏ । କିନ୍ତୁ ଏହି ଦିନଗୁଡ଼ିକ ମଧ ଠିକ୍ ଭାବେ ସଂଚାଳିତ ହୋଇପାରୁନାହିଁ । ୧୯୮୨ ମସିହାରେ ୮୦ ଦିନ ସଂସଦ କାର୍ଯ୍ୟ ଠିକ୍ ଭାବେ ଚାଲିଥିଲା । ତଥ୍ୟ ଅନୁସାରେ ୨୦୧୬ର ଶୀତକାଳୀନ ଅଧିବେଶନରେ ୧୪୪ କୋଟି ଟଙ୍କା ବରବାଦ ହୋଇଥିଲା ସଂସଦ କାର୍ଯ୍ୟ ଚାଲି ନପାରିବା କାରଣରୁ । ବିଗତ କିଛିବର୍ଷ ହେବ ନିର୍ଦ୍ଧାରିତ ସମୟର ମାତ୍ର ୨୦ ପ୍ରତିଶତ ସମୟ କେବଳ ସଂସଦ ଚାଲିପାରୁଛି। ୨୦୧୦ ରୁ ୧୪ ମଧ୍ୟରେ ସଂସଦର ୯୦୦ ଘଂଟା ସମୟର ବରବାଦ ହୋଇଛି । ଏଣୁ କେତେ ଟଙ୍କା ବରବାଦ ହୋଇଛି, ତାହା ହିସାବ କରାଯାଇପାରେ । ଏସବୁ ପରେ ବିରୋଧି ହୁଅନ୍ତୁ ବା ଶାସକ ଦଳ କାହାରି ଚିନ୍ତା ନାହିଁ ଯେ, ସଂସଦୀୟ କାର୍ଯ୍ୟ ଅଚଳ ହେବା ଯୋଗୁଁ ଜନତାଙ୍କ ଅର୍ଥ ବରବାଦ ହେଉଛି ।

ଯେତେବେଳେ କଂଗ୍ରେସ ନେତୃତ୍ୱାଧିନ ସରକାର ୟୁପିଏ ଥିଲା, ସେତେବେଳେ ବିଜେପି ସାଂସଦମାନେ ଗୃହ କାର୍ଯ୍ୟ ଚଳାଇ ଦେଉନଥିଲେ । ଏବେ କଂଗ୍ରେସ ଓ ଅନ୍ୟ ବିରୋଧି ଦଳମାନେ ସେହି କଥା ହିଁ କରୁଛନ୍ତି । ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଲୋକଙ୍କ ଦ୍ୱାରା ନିର୍ବାଚିତ ସାଂସଦମାନେ ଲୋକଙ୍କ ଅର୍ଥ ବରବାଦ ହେଉଥିବା କଥାକୁ ଗୁରୁତ୍ୱ ଦେଉନାହାଁନ୍ତି କାହିଁକି ? ହଟ୍ଟଗୋଳ କରିବା ଓ ସଂସଦୀୟ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବେ ଏକ କାର୍ଯ୍ୟଧାରାରେ ପରିଣତ ହୋଇଯାଇଅଛି । ସାଂସଦମାନଙ୍କୁ ମାନନୀୟ ବୋଲି କୁହାଯାଇଥାଏ, ହେଲେ ସଂସଦରେ ସେମାନେ ଘଟାଉଥିବା ଘଟଣା ପାଇଁ ତାଙ୍କ ମାନନୀୟତା ଉପରେ ଆଂଚ ଆସୁନାହିଁକି ? ସଂସଦରେ ଦେଶର ଜନତାଙ୍କ ବିକାଶ ପାଇଁ ନିଷ୍ପତ୍ତି ନିଆଯାଇଥାଏ, ହେଲେ ସଂସଦ କାର୍ଯ୍ୟ ବାଧାପ୍ରାପ୍ତ ହେବା ଯୋଗୁଁ ଲୋକଙ୍କର କ୍ଷତି ହେଉନାହିଁ କି ? ଗୋଟିଏ ପକ୍ଷେ ଆଦାନୀ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି ଗଠନ କଥା କହୁଥିବା ବେଳେ ଶାସକ ଦଳ କେମ୍ବ୍ରିଜ୍‌ର ଭାଷଣ ପାଇଁ ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଅଡ଼ି ବସିଛନ୍ତି । ଦେଶର ଜନସାଧାରଣ ବିବଶ ହୋଇ ଏମାନଙ୍କ ନାଟ ଦେଖୁଛନ୍ତି ।

ଯେଉଁ ଆଦାନୀ ପ୍ରକରଣକୁ ନେଇ ବିରୋଧି ଏକଜୁଟ୍ ହୋଇ ସରକାରଙ୍କୁ ଘେରୁଛନ୍ତି, ସେ ବାବଦରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ପକ୍ଷରୁ ଗଠିତ କମିଟି ତଦନ୍ତ କରିବ । କିନ୍ତୁ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ଆଦାନୀ ଗ୍ରୁପ୍ ଦେଶର ପ୍ରତିରକ୍ଷା ବ୍ୟବସ୍ଥା ସହ ଜଡ଼ିତ ଆଲ୍‌ଫା ଡିଜାଇନ୍ ଟେକ୍ନୋଲୋଜି ପ୍ରା.ଲିଃ ଗଠନ କରି ମିଶାଇଲ୍ ଓ ରାଡାରକୁ ଆଧୁନିକୀକରଣ କରିବା ଦାୟିତ୍ୱ ନେଇଛି । ଏ ଦାୟିତ୍ୱ ଆଦାନୀ ଗ୍ରୁପ୍‌କୁ ସରକାର ଦେଇଛନ୍ତି । ଏହି ଆଧୁନିକୀକରଣ ପାଇଁ ବିଦେଶୀ କମ୍ପାନୀ ଇଲାରା ଆଇ.ଓ.ଏଫ୍ ମଧ ପୁଞ୍ଜିନିବେଶ କରିଛି । ବିଶ୍ୱସ୍ତରରେ ଠକ ବୋଲି କୁହାଯାଉଥିବା ଆଦାନୀ କମ୍ପାନୀ ବିରୁଦ୍ଧରେ ତଦନ୍ତ ପାଇଁ ସରକାରଙ୍କ ତରଫରୁ କୌଣସି ବାଧା ସୃଷ୍ଟି କରାଯିବା ଉଚିତ୍ ନୁହେଁ । କିନ୍ତୁ ଏତେସବୁ ପରେ ମଧ ସରକାର ନିରବ ରହିଛନ୍ତି । ରାହୁଲଙ୍କ ବ୍ରିଟେନ୍ ଗସ୍ତ ପରେ ବିଜେପିକୁ ଏକ ବାହାନ ମିଳିଯାଇଛି ଓ କ୍ଷମା ବନାମ୍ ଆଦାନୀ ପ୍ରସଙ୍ଗ ଯୋଗୁଁ ସଂସଦ କାର୍ଯ୍ୟ ଠପ୍ ହୋଇଯାଉଛି । ହିଣ୍ଡେନବର୍ଗ ରିପୋର୍ଟ, ବିବିସି ଡକୁମେଂଟାରୀ ଏବଂ ରାହୁଲଙ୍କ ବୟାନ ଏ ସବୁରେ ବିଦେଶୀ ଶକ୍ତିଙ୍କ ହାତ ଥିବା କଥା ସରକାର କହୁଛନ୍ତି । ଯଦି ସରକାର ଏକଥା ଭାବୁଛନ୍ତ. ତେବେ ଏ ସବୁ ପ୍ରସଙ୍ଗକୁ ପ୍ରତିହତ କରିବା ପାଇଁ ସଂସଦରେ ଆଲୋଚନା କରାଯାଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଦିଗରେ ବ୍ୟବସ୍ଥା କରାଯିବା ଉଚିତ୍ । ଏ ସବୁ ନକରି ଉଭୟେ ଉଭୟଙ୍କ ଜିଦ୍‌ରେ ଅଟଳ ରହି ସଂସଦ କାର୍ଯ୍ୟରେ ବାଧା ଉପୁଜାଇବା ଓ ଅଶାଳୀନତା ପ୍ରଦର୍ଶନ କରିବା ଦେଶ ଏବଂ ଗଣତନ୍ତ୍ର ପାଇଁ କ୍ଷତିକାରକ ନିଶ୍ଚୟ । ମାନନୀୟମାନଙ୍କ ହଟ୍ଟଗୋଳ ଦେଶପାଇଁ କ୍ଷତିକାରକ ଓ ସେମାନଙ୍କ ମାନନୀୟତା ଉପରେ ଆଞ୍ଚ ଆଣୁଛି ବୋଲି ମାନନୀୟମାନେ ଭୁଲିଯିବା ଉଚିତ୍ ନୁହେଁ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ଅବସର ପରେ ନିଯୁକ୍ତି

**ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଅଫିସ ଯାହା ଉପରେ ସନ୍ତୁଷ୍ଟ ହେବେ ସେ ଏ ପ୍ରକାରରର ଚାକିରୀର ସୁବିଧା ପାଇ ପାରିବେ । ଏଇଠି ସାମ୍ବିଧାନିକ ବା ଅସାମ୍ବିଧାନିକରର ପ୍ରଶ୍ନ ଉଠୁନାହିଁ ଏଇଠି ପ୍ରଶ୍ନ ହେଉଛି ଏହି ପରମ୍ପରା ଠିକ୍ ନା ଭୁଲ ? ମୋ ମତରେ ବା ସାଧାରଣ ଜନତାଙ୍କ ମତକୁ ନେଲେ କେହି ଏହାକୁ ଠିକ୍ ବୋଲି କହିବେ ନାହିଁ ।**

### ସୁବ୍ରତ କର



ସରକାରୀ ଅଫିସରମାନେ ଅବସର ନେଲା ପରେ ପୁଣି ନିଯୁକ୍ତି ପାଇବା ସରକାରଙ୍କ୍‌କ ଏକ ପ୍ରଥା ପାଲଟିଯାଇଛି । ବିଶେଷ କରି ବରିଷ୍ଠ ଅଧିକାରୀଙ୍କୁ ଏହାର ବିଶେଷ ସୁବିଧା ଦିଆଯାଉଛି । ଜ୍ୱଳନ୍ତ ଉଦାହରଣ ଏବେ ଏବେ ଘଟିଥିବା ଏକ ଘଟଣା । ଫେବୃଆରୀ ୨୮ ତାରିଖ ଦିନ ରାଜ୍ୟର ମୁଖ୍ୟ ସଚିବ ସରକାରୀ ଚାକିରୀରୁ ଅବସର ଗ୍ରହଣ କଲେ । ସେ କିନ୍ତୁ ବର୍ଷେ ତଳେ ଅବସର ନେବା କଥା କିନ୍ତୁ ସରକାର ତାଙ୍କୁ ଭଲ ପାଇଲେ ଏବଂ ସେ ମଧ ସରକାରଙ୍କୁ ଶୁଭ ଦୃଷ୍ଟିରେ ରଖି ପାରିଥିଲେ ବୋଲି ତାଙ୍କର କାର୍ଯ୍ୟକାଳକୁ ଦୁଇ ଦୁଇଥର ୬ମାସ ଲେଖାଏ ବୃଦ୍ଧି କରାହୋଇଥିଲା । ସମସ୍ତେ ଭାବିଥିଲେ ଅବସର ନେବା ପୂର୍ବରୁ ସେ ଯେମିତି ଭାବରେ ଜିଲ୍ଲାମାନ ବୁଲିଲେ ମନେ ହେଲା ବୋଧହୁଏ ସେ ଆସନ୍ତା ଇଲେକ୍ସନ୍ ପର୍ଯ୍ୟନ୍ତ ରହିଯିବେ । କିନ୍ତୁ ଶେଷ ମୁହୂର୍ତ୍ତରେ କାହିଁକି ହେଲା ନାହିଁ ଏକମାତ୍ର ମୁଖ୍ୟମନ୍ତ୍ରୀଙ୍କ ଅଫିସ କହି ପାରିବେ । ଏଇଟା କିନ୍ତୁ ନୂଆ କଥା ନୁହଁ । ଏହା ପୂର୍ବରୁ ମଧ ବହୁତ ବରିଷ୍ଠ ଅଫିସରଙ୍କୁ ଚାକିରୀକାଳକୁ ସହଜରେ ବୃଦ୍ଧି କରିଛନ୍ତି । ସବୁଠୁ ମଜା କଥା ହେଲା ଯେଉଁଦିନ ଅବସର ନେବେ ସେଦିନ ଆଉ ଏକ ଜାଗା ପାଖାପାଖି ସେହି ସ୍ତରର ଜାଗାରେ ଅବସ୍ଥାପିତ ହେବେ । ଏହିପରି ପୂର୍ବତନ ମୁଖ୍ୟ ସଚିବ ଅସିତ ତ୍ରିପାଠୀ ଆଉ ବାଲକ୍ରିଷ୍ଣନ, ଉପେନ୍ଦ୍ର ତ୍ରିପାଠୀ, ପିକେ ମହାପାତ୍ର ଗୋପବନ୍ଧୁ ଦାସ ପ୍ରଭୃତିଙ୍କୁ ଥଇଥାନ କରାହୋଇଛି । ଏହି ପ୍ରଥା ଖାଲି ଆମ ରାଜ୍ୟରେ ହେଉଛି ତା ନୁହଁ, ଅନ୍ୟାନ୍ୟ ରାଜ୍ୟରେ ଏବଂ କେନ୍ଦ୍ରରେ ମଧ ହେଉଛି । ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଅଫିସ ଯାହା ଉପରେ ସନ୍ତୁଷ୍ଟ ହେବେ ସେ ଏ ପ୍ରକାରରର ଚାକିରୀର ସୁବିଧା ପାଇ ପାରିବେ । ଏଇଠି ସାମ୍ବିଧାନିକ ବା ଅସାମ୍ବିଧାନିକରର ପ୍ରଶ୍ନ ଉଠୁନାହିଁ ଏଇଠି ପ୍ରଶ୍ନ ହେଉଛି ଏହି ପରମ୍ପରା ଠିକ୍ ନା ଭୁଲ ? ମୋ ମତରେ ବା ସାଧାରଣ ଜନତାଙ୍କ ମତକୁ ନେଲେ କେହି ଏହାକୁ ଠିକ୍ ବୋଲି କହିବେ ନାହିଁ । ପ୍ରଶ୍ନ ଉଠୁଛି ଏହି ବିଶେଷ ଲୋକମାନେ ନ ରହିଲେ ସରକାର ଚାଲିବ ନାହିଁ କି ? ହେଲା ଏମାନେ ମଧ ଆଉ ଦୁଇ ଚାରି ବର୍ଷପରେ ଅବସର ନେବେ ସେତେବେଳେ କଣ ସରକାର ଅଚଳ ହୋଇଯିବ ? ଏହି ପରମ୍ପରା ଦ୍ୱାରା କ୍ଷତି ହେଉଛି ଯେ ତାଙ୍କର ତଳ ଥିବା ଅଫିସର ପାଇଁ ଉପରକୁ ଯିବା ବନ୍ଦ ହୋଇଯିବ । ଏଇଠି ଦେଖନ୍ତୁ ଗତ ମୁଖ୍ୟ ସଚିବ ଏକବର୍ଷ ବେଶି କାର୍ଯ୍ୟ କରିବା ଦ୍ୱାରା ଏବେକାର ମୁଖ୍ୟ ସଚିବଙ୍କ ମୁଖ୍ୟ ସଚିବ ହିସାବରେ ଏକବର୍ଷ କମିଗଲା ଏବଂ ସେହି ଭାବରେ ତଳକୁ ତଳ ମାଡ଼ି ଚାଲିଲା। ଯେଉଁମାନଙ୍କର ଚାକିରୀକାଳ ସହଜରେ ବଢାଉଛନ୍ତି ସେମାନେ । ଭଲ ଅଫିସର ବା ପାରଙ୍ଗମ ବା ସରକାରଙ୍କ କଥାକୁ ମାନି ଚଳୁଥିବେ କିନ୍ତୁ ସେମାନେ ନ ହେଲେ ଦେଶ ବା ରାଜ୍ୟ ଚାଲିବ ନାହିଁ ଏ କଥା ମଧ ଠିକ୍ ନୁହଁ । ସରକାର ଠିକ୍ ଭାବରେ ନିୟମ କରନ୍ତୁ ।






## ମୋ କଳାହାଣ୍ଡି

### ଚନ୍ଦ୍ରହାସ୍ୟ ସତନାମି

କାରୁଣ୍ୟ ମଣ୍ଡଳ ମାଣିକ ଭଣ୍ଡାର
ଉତ୍କଳ ପଶ୍ଚିମାଞ୍ଚଳର
କଳାହାଣ୍ଡି ନାମେ ବିଖ୍ୟାତ ସ୍ଥାନଟି
ପ୍ରନ୍ନ ନାମ ମହାକାନ୍ତର ।
ପୁରୁବ ଐତିହ୍ୟ ଦୁର୍ଗ କିର୍ତ୍ତୀମାନ
ପରିପୂର୍ଣ୍ଣ ପରମ୍ପରା
ଆମ ଲୋକନୃତ୍ୟ ବିଶ୍ୱେପରିଚିତ
ବୀରରସ ବାଦ୍ୟ ଘୁମୁରା ।
ଭବାନିପାଟଣେ ମାଣିକେଶ୍ୱରୀ ମାଁ
ଛତର ଜାତରା ପୂଜା
ଶଙ୍ଖ, ଘଣ୍ଟ ବାଦ୍ୟ ହୁଳହୁଳି ଶବ୍ଦେ
ଉଡଇ ମାଆଙ୍କ ଧ୍ୱଜା ।
ଇଷ୍ଟ ଦେବୀ ନାମେ ପୂଜିତ ହେଉ ମାଁ
ଭବାନିପାଟଣେ ଥାଇ
ଭିନ୍ନ ସ୍ଥାନେ ଭିନ୍ନ ନାମେ ପୂଜା ପାଉ
ପ୍ରାଣୀଙ୍କ ମଙ୍ଗଳ ପାଇ ।
ଭାଦ୍ରବ ମାସର ଦଶମୀ ତିଥିରେ
ଶୁକ୍ଳପକ୍ଷେ ଗଣପର୍ବ
ରାଗ,ରୁଶା ଭୁଲି କରନ୍ତି ପାଳନ
ସମ୍ମିଳିତ ହୋଇ ସର୍ବ ।
ଉତ୍କଳ ପ୍ରଦେଶେ ଶୈବ ପୀଠ ମଧ୍ୟେ
ବେଲଖଣ୍ଡି ଅନ୍ୟତମ
ଧବଳେଶ୍ୱର ଟି ନାମରେ ପୂଜିତ
ମନ୍ଦିର ନଦୀର ସଙ୍ଗମ ।
ପାର୍ବତ୍ୟ ଅଞ୍ଚଳେ ପ୍ରଖ୍ୟାତ ସ୍ଥାନଟି
ଗୁଡ଼ହାଣ୍ଡି ନାମେ ପ୍ରସିଦ୍ଧ
ଧନ୍ୟ ମାଟି ଧନ୍ୟ କଳାହାଣ୍ଡିବାସୀ
ପ୍ରାକୃତିକ ସ୍ଥଳେ ଆବଦ୍ଧ ।

+୩ କଳା ଛାତ୍ର ପଞ୍ଚାୟତ ସମିତି
ଡିଗ୍ରୀ ମହାବିଦ୍ୟାଳୟ, କୋକସରା,
କଳାହାଣ୍ଡି

## ମୁଁ ଉଡନ୍ତା ପକ୍ଷୀ

### ପ୍ରଶାନ୍ତ ବ୍ରହ୍ମା

ମୁଁ ଉଡନ୍ତା ପକ୍ଷୀ ବୁଲୁଥାଏ ଏଣେ
ତେଣେ ରାହା ଟିଏ ପାଇଁ
ଖରା ବରଷା ହୋଇଥାଏ ମୋର
ସାଥୀ ଭୟ ମୋ ମନରେ ନାହିଁ।

ଝଡ ହେଉ ବା ବତାସ ବୃକ୍ଷ ମୋର
ଏକା ସାହା ଭରଷା
ଏ ଡାଳରୁ ସେ ଡାଳ ବୁଲୁଥାଏ ମୁଁ
ବଞ୍ଚିବାର ରଖି ଆସା।

ସକାଳ ଆସିଲେ ସମୁଦ୍ର ବେଳାରେ
ବୁଲୁଥାଏ ମୁଁ ନିତି
ସଞ୍ଜ ହୋଇଗଲେ ଫେରିବାର ବେଳ
ଆସଇ ବସାର କତି।

ମୁଁ ଉଡନ୍ତା ପକ୍ଷୀ ମୋତେ ଅବା କିଏ
ଧରିବ ଆଣି
ଖାଏ ମୁଁ ଖୁଦକୁ ଖୁଣ୍ଟି ପିଏ
ମୁଁ ସମୁଦ୍ରର ପାଣି।

ପଲାଶପୁର, ଖୋର୍ଦ୍ଧା

## ଫେରିଯିବି ବଡଦାଣ୍ଡେ

### ଜନ୍ମଜୟ ନାୟକ



ସରଗ ଦୁଆରେ ଶେଷ ଠିକଣାରେ
ସାରିଣ ଜୀବନ ନାଟ,
ଏକମୁହାଁ ହୋଇ ଅଜଣା ରାଇଜେ
ଯିବି ମୁଁ ଅଫେରା ବାଟ।

ମଣିଷ ଜନମ ଦୁର୍ଲଭ ସମାନ
ପୁଣି ଲଭିବି କି ନାହିଁ,
ଧରମ କରମ ହିସାବ ତୋ ପାଶେ
ଆହେ ମୋ ଜଗତ ସାଇଁ।

ତୋ ହାତେ ସମର୍ପି ମୋ ଘର ସଂସାର
ହେବି ମୁଠାଏ ପାଉଁଶ,
ତୁ ଦୟା ନକଲେ ଭାଗ୍ୟ ତାଡନାରେ
ଦୁଃଖ ହେବ ଭାଗଶେଷ।

ମିଛ ଦୁନିଆରେ ମାତିଣ ମୋହରେ
ପାପର ସଉଦା କରି,
ଅନ୍ତିମ କାଳରେ ଅନୁଭବ କରେ
ସତ ଏକା ତୁ ଶ୍ରୀହରି।

ପରାଣ ପକ୍ଷୀ ମୋ ପିଣ୍ଡ ଯିବ ଛାଡି
ଥିବ ତୋ ନିର୍ମାଲ୍ୟ ତୁଣ୍ଡେ,
ପଡୁଥିବ ଖଇ କୋକେଇରେ ଶୋଇ
ଫେରିଯିବି ବଡଦାଣ୍ଡେ।

ଗଣିତ ଶିକ୍ଷକ
ଗୋପୀନାଥଜୀୟୁ ସରକାରୀ
ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ମୋ:୯୩୩୭୮୦୦୫୬୫

## ଚଳନ୍ତି ଦେବତା

### ସୁହଂସ ଭୋଇ



ଆମ ପିତା ମାତା ଚଳନ୍ତି ଦେବତା
ଘର ଆମ ସ୍ୱର୍ଗପୁରୀ
ରଖିବା ଦୁଇଙ୍କୁ ମାନ ସମ୍ମାନରେ
ହୃଦେ ଭକ୍ତି ଭାବ ଭରି ।

ବାପାଙ୍କ ଗାମୁଛା ମାଆଙ୍କ ପଣତ
ଆଡୁଆଳେ ଥିଲେ ରହି
ଆସୁ ଯେତେ ବାଧା ବତାସ ବରଷା
ପଶି ନ ପାରିବେ କେହି ।

ବାପାଙ୍କ ମନରେ ମାଆଙ୍କ ହୃଦୟେ
ଭାବ ସ୍ନେହ ଥାଏ ଲୁଚି
ସ୍ନେହ ମିଶା ଛୁଆଁ ପାଇଲା ମାତ୍ରକେ
ଦୁଃଖ କଷ୍ଟ ଯାଏ ଘୁଞ୍ଚି ।

ବାପାଙ୍କର ହାତ ରହିଲେ କାନ୍ଧରେ
ଭୟ ନ ଥାଏ କାହାକୁ
ଆପଦେ ବିପଦେ ଲାଗେ ନିରାପଦ
ମାଆ କୋଳ ଆଉ ବୁକୁ ।

ବାପାଙ୍କ ବଚନ ବଜ୍ରପରି ଟାଣ
ମରମକୁ ଯାଏ ଭେଦି
ମାଆଙ୍କର ଗାଳି ଲାଗେ ଫୁଲପରି
ମମତାରେ ଦିଏ ଛନ୍ଦି ।

ମଠ ମନ୍ଦିରକୁ ପୁରାଣ ପାଠକୁ
ବାରଣ ନାହିଁ ଯିବାକୁ
ଲୟ ରଖିଥିବା ପାଶୋରି ନ ଦେବା
ପିତା ମାତାଙ୍କ ପାଦକୁ ଓ

ପହଣ୍ଡି, ବରଗଡ



# ପାଞ୍ଚ ଟଙ୍କା



## ଶିବାଶିଷ ପାଢ଼ୀ

ବସଷ୍ଟାଣ୍ଡର ସେ ପୁରୁଣା ବେଞ୍ଚ। କାନରେ ସେହି ପୁରୁଣା ଘୋ ଘୋ ଶବ୍ଦ ସହ ହକରମାନଙ୍କ ଡାକ । ପାଖ ଚା ଦୋକାନ କେଟଲିରୁ ଉଠୁଥିବା ବାମ୍ପ । ପ୍ରାୟତଃ ପୁରୁଣାଦିନର ସ୍ମୃତିରେ ବୁଡ଼ି ଯାଉଥିଲି ମୁଁ । ବସ ଆସିବା ଡେରି ଥିଲା। ସମୟ କଟୁ ନଥିଲା ଏଣୁ ମୋବାଇଲକୁ ବାହାର କରି ଘାଣ୍ଟୁଥିଲି ମୁଁ ।

ହଠାତ ମୋତେ ଡିଷ୍ଟର୍ବ କଲା ପାଖ ଦୋକାନୀରୁ ଭାସି ଆସୁଥିବା ଝଗଡା। ବସଷ୍ଟାଣ୍ଡରେ ଏସବୁ ସାଧାରଣ କଥା ଏଣୁ ବିଶେଷ ଗୁରୁତ୍ୱ ଦେଉନଥିଲି ମୁଁ ତଥାପି ମୁଣ୍ଡ ଉଠାଇ ଚାହିଁଥିଲି । ଝଗଡା ଏଯାଏଁ ଚାଲିଥିଲା ଆଉ ମୋତେ ସେ ଝଗଡା ଶୁଣିବାକୁ ଟାଣି ନେଇଥିଲା ତା ଆଡକୁ ତାର କାରଣ ଥିଲା ଦୋକାନୀ ସହ ଲଢୁଥିବା ସେ ଭଦ୍ରବ୍ୟକ୍ତି ।

ସାମାନ୍ୟ ଚେଷ୍ଟାରେ ଝଗଡାର ବିଷୟବସ୍ତୁକୁ ଜାଣିଗଲି ମୁଁ।

କଥା ବିଶେଷ ନଥିଲା । ଦୋକାନରୁ ପାଣି ବୋତଲଟିଏ କିଣିଥିଲେ ସେ ଏବଂ ତାପାଇଁ ଦୋକାନୀ ମାଗୁଥିଲା ପଚିଶ ଟଙ୍କା। ଯାହାକୁ ଦେବାକୁ ପ୍ରସ୍ତୁତ ନଥିଲେ ସେ ଭଦ୍ରବ୍ୟକ୍ତି । ସେ କହୁଥିଲେ ଏହାର ଦାମ କୋଡିଏ ଟଙ୍କା ସବୁଆଡେ ।

ସେହି ପାଞ୍ଚଟଙ୍କାକୁ ନେଇ ଚାଲିଥିଲା ଗଣ୍ଡଗୋଳ । ବସଷ୍ଟାଣ୍ଡରେ ଟିକିଏ ଅଧିକ ଦାମ ପଡେ କହି ଅଡ଼ି ବସୁଥିଲା ଦୋକାନୀ।

ହେଲେ ତା ଯୁକ୍ତିକୁ ଗ୍ରହଣ କରୁ ନଥିଲେ ସେ ଚାଲିଥିଲା କଥା କଟାକଟି । ଶେଷକୁ ପାଞ୍ଚ ଟଙ୍କା ଫେରସ୍ତ ଆଣିଥିଲେ ସେ। ଆଶ୍ଚର୍ଯ୍ୟ ହେଉଥିଲି ମୁଁ ।

ପାଞ୍ଚ ଟଙ୍କାଟି ବଡ଼ କଥା ନଥିଲା । ମୋର ଆଶ୍ଚର୍ଯ୍ୟ ହେବାର କାରଣ ଥିଲା ଭଦ୍ରବ୍ୟକ୍ତିଙ୍କ ବେଶପୋଷାକ। ବେଶ ଦାମିକା ଜଣା ପଡୁଥିଲା। ତାସହ ଜୋତା । ମୋ ଅନୁମାନରେ ସେସବୁର ଦାମ ଟଙ୍କା ଦଶହଜାରରୁ କମ ହେବ ନାହିଁ। ହେଲେ ତାଙ୍କ ବ୍ୟବହାର ସେ ବେଶପୋଷାକ ଅନୁରୂପ ନଥିଲା ମୋ ମତରେ।

ହଁ ବିସ୍ଥାପିତ ଲୋକ ହୋଇଥିବ - ଏମିତି ଭାବନାଟେ ହଠାତ ଆସିଥିଲା ମୋ ମନକୁ ତାର କାରଣ ହେଲା ଏଇଟା ଆମ ଅଂଚଳର ସାଧାରଣ କଥା । ବେଶପୋଷାକ, ଗାଡି ଘୋଡା ଅନୁରୂପ ବ୍ୟବହାର ନକଲେ ଆମେ ଧରି ନେଉଯେ ସେ ନିଶ୍ଚୟ ହଠାତ କୋଟିକୋଟି ଟଙ୍କା ପାଇଥିବା କୌଣସି ବିସ୍ଥାପିତ ଲୋକ ହୋଇଥିବ ନିଶ୍ଚୟ ।

ହେଲେ ସେମିତି ଜଣା ପଡୁ ନଥିଲେ ସେ । ଆସିକି ବସିଥିଲେ ମୋ ଠୁଁ କିଛି ଦୂରରେ ଥିବା ଖାଲି ବେଞ୍ଚରେ ।

ଭାବନା ରାଜ୍ୟରୁ ବାହାରି ପୁଣି ମୋବାଇଲକୁ ଫେରୁଥିଲି ମୁଁ । ଏତିକିବେଳେ ଶୁଭିଲା -

ଏ ବାବୁ କିଛି ଦେ ରେ, ଭଗବାନ ତୋର ମଙ୍ଗଳ କରିବେ ।

ସାମ୍ନାରେ ଥିଲେ ବୁଢ଼ୀଟିଏ । ହାତ ପତାଇ ଠିଆ ହୋଇଥିଲେ ସେ । ମୁଁ ଦେଖୁଥିଲି ସେ ଭଦ୍ରବ୍ୟକ୍ତି ବି ଚାହୁଁଥିଲେ ମୋ ଆଡକୁ । ନିଜର ଦାତାପଣକୁ ଦେଖାଇ ହେବାର ସୁଯୋଗଟେ ଯେମିତି ମିଳିଯାଇଥିଲା ମୋତେ ।

ପର୍ସ ବାହାର କରିଥିଲି ମୁଁ । ଶହେ ଟଙ୍କିଆଠୁଁ ନେଇ ଦଶ କୋଡିଏ, ସବୁ ଥିଲା ମୋ ପର୍ସରେ ହେଲେ ମୁଁ ତ ଖୋଜୁଥିଲି କିଛି ରେଜା ପଇସା। ମନେଥିଲା ପଇସା ଅଛି କିନ୍ତୁ ମିଳୁ ନଥିଲା । ବହୁତ ଖୋଜାଖୋଜି ପରେ ଶେଷକୁ ପାଇଲି ଗୋଲ ପାଞ୍ଚ ଟଙ୍କିଆ କଏନକୁ ।

ବୁଢ଼ୀହାତକୁ ବଢ଼ାଇ ଦେଇ କହିଲି - ମାଉସୀ ପାଞ୍ଚ ଟଙ୍କା ଏଇଟା । ଦେଖି ପାରୁଛ ତ ?

ବୁଢ଼ୀଙ୍କୁ କହିବାର ଦରକାର ନଥିଲା ମୁଁ ଏତେ ଜୋରରେ କହିଲି ଯେମିତି ସେ ଭଦ୍ରବ୍ୟକ୍ତି ଶୁଣି ପାରିବେ । ତାଙ୍କ ଆଡକୁ ଚାହିଁଥିଲି ମଧ୍ୟ ମୁଁ ।

ଅନେକ ଆଶୀର୍ବାଦ ଦେଇ ସେହି ଭଦ୍ରବ୍ୟକ୍ତି ଆଡକୁ ଯାଇଥିଲେ ବୁଢ଼ୀ ଜଣକ।

ଯେ ପାଞ୍ଚ ଟଙ୍କା ପାଇଁ ଝଗଡା ଲାଗୁଛି। ଗରିବ ଦୋକାନିକୁ ବି ଛାଡୁନି ସେ କଣ ଦେବ ? କହି ମୁହଁ ମୋଡ଼ି ଦେଉଥିଲି ମୁଁ ।

କିନ୍ତୁ ମୁହଁ ମୋଡ଼ି ପାରିଲି ନାହିଁ କାରଣ ବୁଢ଼ୀଙ୍କୁ ଓଲଟା ନମସ୍କାର କରି ତାଙ୍କ ଖାଇବା ପିଇବା କଥା ବୁଝୁଥିଲେ ସେ ।

ହସିହସି ଡାକି ନେଇଗଲେ ସେ ପୂର୍ବ ଦୋକାନକୁ ।

ଏକ ବଡ଼ ପାଉଁରୁଟି ପ୍ୟାକେଟ ଏବଂ କ୍ଷୀର ଗୋଟିଏ ପ୍ୟାକେଟ ଧରି ଅତ୍ୟନ୍ତ ଖୁସି ମନରେ ଫେରୁଥିଲେ ବୁଢ଼ୀ ।

ଆଉ ତାଙ୍କ ପଛରେ ସେ ପରମ ସନ୍ତୁଷ୍ଟ ଜଣାପଡୁଥିବା ଭଦ୍ରବ୍ୟକ୍ତି ହେଲେ କେଜାଣି କାହିଁକି ସେ ଭଦ୍ରବ୍ୟକ୍ତିଙ୍କ ମୁହଁକୁ ଚାହିଁ ପାରୁ ନଥିଲି ମୁଁ । ଏଣୁ ମୋବାଇଲକୁ ଫେରି ଯାଇଥିଲି ମୁଁ ।

+ହେମଗିର, ସୁନ୍ଦରଗଡ଼୧୩
ମୋ: ୯୭୭୮୧୭୪୯୭୮

# ସନ୍ଦେହ

## ତପନ ସାହୁ



ସ୍ୱାମୀଙ୍କ ମୁହଁରେ ଅନ୍ୟ ସ୍ତ୍ରୀର ପ୍ରଶଂସା ଶୁଣିଲେ ନିହାତି ମନ କଷ୍ଟ ହୁଏ । ସକାଳର ପ୍ରଥମ ପ୍ରହରରେ କାଉ ରାବ ପରି କା.. କା... କରି ମନକୁ ପ୍ରବେଶ କରେ ସନ୍ଦେହ। ସମୁଦ୍ରକୂଳ ପରି ଅଶାନ୍ତ ହୋଇ ଉଠେ ମନ । ମନେହୁଏ ଚଉଷଠି ପବନରେ ପକ୍ଷୀବସା ଭାଙ୍ଗି ଗଲା ପରି ନିଜ ସଂସାର ନଷ୍ଟ ହୋଇଯାଏ କ୍ଷଣିକରେ ।

-ତା ପରେ ନାରୀ ହୁଏ ନାଗୁଣୀ

-ପ୍ରିୟା ହୁଏ ପିଶାଚୁଣୀ


-ଅବଳା ହୁଏ ପ୍ରବଳା

ଠିକ୍ ସେମିତି ପକ୍ଷୀବସା ପରି ଗତ ଛଅ ମାସ ତଳେ ରୁବିର ସଂସାରକୁ ସନ୍ଦେହର ଝଡ଼ ଆସି ସବୁକିଛି ନଷ୍ଟ କରି ଦେଇଗଲା ।

-ରୁବି ଉଚ୍ଚ ଶିକ୍ଷିତା, ସୁନ୍ଦରୀ ଏବଂ ଆଧୁନିକତାକୁ ଅଗ୍ରାଧିକାର ଦେଉଥିବା ନାରୀ । ଇଚ୍ଛା ମୁତାବକ ମଉଜ ମସ୍ତି, ଦାମୀ କପଡାକୁ ଲେଟେଷ୍ଟ ଡିଜାଇନ୍ ଗହଣା ତାଙ୍କୁ ଅତିପ୍ରିୟ । ରାଜେଶଙ୍କୁ ଲଭ ମ୍ୟାରେଜ୍ କରିଥିଲେ ସୁଦ୍ଧା ଗାଁରେ ସହରିଆ ଜୀବନଯାପନ କରନ୍ତି ରୁବି । ସ୍ୱାମୀ ରାଜେଶ୍ କିନ୍ତୁ ଠିକ୍ ଓଲଟା । ସେ ଛୋଟ ବେଳୁ ଗାଁରେ ବଢିଛନ୍ତି । ଗାଁ ପରିବେଶରେ ରହି ସେ ଅତି ଶାନ୍ତ ସରଳ ଓ ନିରୀହ ବ୍ୟକ୍ତିତ୍ୱଟିଏ ।

- ଗାଁରେ ଅଧିକ ଜମିବାଡ଼ି ଥିବାରୁ ସେ ରୁବିଙ୍କ ସହରକୁ ଯାଇ ସେଠି ରହିବା କଥାରେ ଅରାଜି ହୁଅନ୍ତି ସବୁବେଳେ। ଜମିବାଡ଼ିରେ ଯେତେ ଚାଷବାସ ହୁଏ ସବୁରି ଖର୍ଚ୍ଚ, ଆମଦାନୀ ଜଣେ ଲୋକ ବୁଝାବୁଝି କରିବା ସମ୍ଭବ ନୁହେଁ । ତେଣୁ ତାଙ୍କ ଛୋଟ ବେଳର ବନ୍ଧୁ ରବୀନ୍ଦ୍ରଙ୍କୁ ଅଧା ଦାୟିତ୍ୱ ଦେଇ ସେ ବିନ୍ଦାସ୍ ରୁହନ୍ତି ।

ରବୀନ୍ଦ୍ର ବାବୁ ଛୋଟବେଳୁ ରାଜେଶଙ୍କ ସହ ବଢ଼ି ଆସିଛନ୍ତି ସେଥିପାଇଁ ରାଜେଶଙ୍କ ସହ ରବୀନ୍ଦ୍ରଙ୍କ ବନ୍ଧୁତା ବହୁତ ଘନିଷ୍ଠ । ରବୀନ୍ଦ୍ର ବାବୁଙ୍କ ଗୋଟେ ଝିଅ । ପଞ୍ଚମ କ୍ଲାସରେ ପାଠ ପଢେ। ରବୀନ୍ଦ୍ର ବାବୁଙ୍କ ସ୍ତ୍ରୀ ସୁମିତା ଦେଖିବାକୁ ଖୁବ୍ ସୁନ୍ଦରୀ ସହିତ ଗୁଣବତୀ ନାରୀଟିଏ । ସୁମିତା ସ୍ୱାମୀଙ୍କୁ ସାହାଯ୍ୟ କରିବା ସହିତ ଘରେ ସିଲେଇ ମେସିନ ରଖି ଭଲ ଡିଜାଇନର ବ୍ଲାଉଜ୍ ସବୁ



ତିଆରି କରି ଭଲ ରୋଜଗାର କରନ୍ତି । ତା ସହିତ ଗାଁ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଭାବେ ଗୋଷ୍ଠୀକୁ ବହୁତ ଭଲ ଭାବରେ ପରିଚାଳିତ କରନ୍ତି।

- ଏପଟେ ରବିନ୍ଦ୍ର ବାବୁ ଯେତେ ଭଲ କାମ କଲେ ମଧ ରୁବିଙ୍କ ମନରେ ସନ୍ଦେହ ଆସେ ତାଙ୍କ କାମକୁ ନେଇ । ସେଥିପାଇଁ ସେ ଟିକିନିଖି ହିସାବ ମାଗନ୍ତି ରବିନ୍ଦ୍ର ବାବୁଙ୍କୁ । ରବୀନ୍ଦ୍ର ବାବୁ ଏତେ ଟଙ୍କା ଆଣୁଛନ୍ତି କୋଉଁଠୁ । ଝିଅର ପାଠ ପଢ଼ା ଖର୍ଚ୍ଚ। ଘରଖର୍ଚ୍ଚ ତା' ସହିତ ଭୋଜିଭାତ କୁଣିଆ ବ୍ୟାପାର । ଏତେ ସବୁ ଖର୍ଚ୍ଚ ଥାଇ ସୁଦ୍ଧା ଆରାମରେ କେମିତି ଚଳୁଛନ୍ତି । ରୁବି ସ୍ୱାମୀ ରାଜେଶଙ୍କୁ ସବୁବେଳେ ରବୀନ୍ଦ୍ର ବାବୁଙ୍କ ବିରୁଦ୍ଧରେ କହି କାମରୁ ବାହାର କରିଦେବା କଥାରେ ନିତି ଝଗଡ଼ା ହୁଏ ଦୁହିଁଙ୍କର ।

ରାଜେଶ ବାବୁ ରାଗି ଯାଇ ଅଦିନିଆ ବର୍ଷା ପରି ବର୍ଷି ଯାଆନ୍ତି ରୁବି ଉପରେ । କୁହନ୍ତି ରବୀନ୍ଦ୍ର ମୋ ବନ୍ଧୁ ତା' ସହିତ ସେ ଜଣେ ସଚ୍ଚୋଟ ମଣିଷ ଖୁବ୍ ବିଶ୍ୱାସୀ ମଧ । ରବୀନ୍ଦ୍ର ବାବୁଙ୍କ ସ୍ତ୍ରୀ ତୁମ ପରି ଅଳସୁଆ, ଭୋଗ ବିଳାସ ଜୀବନଯାପନ କରନ୍ତିନି । ନିଜେ ଗୋଟେ ଭଲ ବ୍ଲାଉଜ୍ ଡିଜାଇନର, ତା ସହିତ ସେ ନାରୀ ସଙ୍ଘର ଦାୟିତ୍ୱ ନେଇ ପଞ୍ଚାୟତ ସ୍ତରରେ ତାଙ୍କ ସଂଘ ପ୍ରଥମ ହୋଇ ଗତ ମାସରେ ଲକ୍ଷେ ଟଙ୍କାର ଋଣ ପାଇଛନ୍ତି ଓ ସେହି ପଇସାରେ ସେ ଦଶଟି ସିଲେଇ ମେସିନ ଆଣି ଗାଁ ଝିଅ ବୋହୂମାନଙ୍କୁ ତାଲିମ୍ ଦେବା ପାଇଁ ଯୋଜନା କରୁଛନ୍ତି। ତାଙ୍କ ରୋଜଗାରରେ ପରିବାରକୁ ସେ ଖୁବ୍ ଭଲ ଭାବରେ ଚଳେଇ ନିଅନ୍ତି ।

ନିଜ ସ୍ୱାମୀଙ୍କ ପାଟିରୁ ସୁମିତାଙ୍କ ପ୍ରଶଂସା ଶୁଣି ରୁବି ରାଜେଶଙ୍କୁ ସନ୍ଦେହବୋଳା ଆଖିରେ ଅନେଇ ରହିଲେ । ନିମିଷକ ମଧରେ ପ୍ରଶ୍ନ ଉପରେ ପ୍ରଶ୍ନ ଉଙ୍କି ମାରିଲା ରୁବିଙ୍କ ମନରେ ।

ସନ୍ଦେହର କଳା ବାଦଲ ତଳେ ସେ ଅଣନିଃଶ୍ୱାସୀ ହୋଇ ଉଠିଲେ। ରାଜେଶ ତା'ହେଲେ କଣ ସୁମିତାକୁ ପସନ୍ଦ କରନ୍ତି ? ରବିନ୍ଦ୍ର ବାବୁ କାମକୁ ବାହାରି ଗଲାପରେ, ଝିଅ ସ୍କୁଲକୁ ଚାଲିଗଲାପରେ ସେ କ'ଣ କାମ ବାହାନାରେ ତାଙ୍କ ଘରକୁ ସୁମିତାକୁ ଦେଖା କରିବାକୁ ଯାଆନ୍ତି। ଓହ୍ ନୋ.. । ତାହେଲେ କଣ ମୋ ଠାରୁ ତାଙ୍କ ଆଗ୍ରହ କମିକମି ଯିବାର କାରଣ ସୁମିତା। ତାହେଲେ କଣ ସୁମିତାର ପ୍ରେମ... ଫଗୁଣର ଅବିର ପରି ରାଜେଶଙ୍କୁ ରଙ୍ଗୀନ କରି ସାରିଲାଣି। ଓ ମାଇଁ ଗଡ୍... ।

ଗତ କିଛିଦିନ ହେଲା ତା'ହେଲେ ରାଜେଶ ମୋ ସହ ଠିକ୍ ସେ କଥା ନ ହେବା ମୋ ପାଖକୁ ନ ଆସିବା ପଛରେ ସେ ସୁମିତାର ପ୍ରେମ ! ଓଃ... ମୋ ମୁଣ୍ଡ କଣ ହୋଇ ଯାଉଛି।

ରୁବି ଆଖିରେ ଲୁହ, ଛାତିରେ ସନ୍ଦେହର ଓଡ଼ିଶୀ ନାଚ। ନିଜକୁ ନିଜର ଅହେତୁକ ପ୍ରଶ୍ନରେ ନିରୁତ୍ତର ରୁବି। ରାଜେଶଙ୍କ ପ୍ରତିଥିବା ପ୍ରେମ ସବୁ ଘୃଣାର ରୂପ ନେଉଥାଏ ମନରେ । ତାଙ୍କ ପ୍ରଥମ ଦେଖା, ପ୍ରଥମ ଛୁଆଁର କଥା ଗୁଡ଼ିକ ଆପେଆପେ ଭାସି ଯାଉଥାଏ ରୁବିଙ୍କ ଆଖି ଆଗରେ।

- ନିଜକୁ ସାନ୍ତ୍ୱନା ଦେଇ ରୁବି ସୁଯୋଗର ଅପେକ୍ଷାରେ ଥାଆନ୍ତି ।

ଦିନ ଏଗାରଟା' ରାଜେଶ୍ ସୁମିତାଙ୍କ ଘରକୁ ଯାଆନ୍ତି । ଠିକ୍ ପଛେପଛେ ଯାଆନ୍ତି ରୁବି।

- ଭାଇ ତୁମେ ନିଶ୍ଚୟ ଭଲ ହୋଇ ଯିବ। ଯେ ନିଅ ମେଡିସିନ ଆଉ ପାଣି, ଖାଇ ଦିଅ । ପ୍ରଭୁ ଜଗନ୍ନାଥ ନିଶ୍ଚୟ ଭଲ କରିଦେବେ ।

ନାଇଁ ଲୋ ଭଉଣୀ, ଆଉ କିଛି ଦିନର କୁଣିଆ ମୁଁ । ଏ ବ୍ଲଡ଼ କ୍ୟାନ୍ସର ଆଉ କଣ ଭଲ ହବ। ମୋର ଶେଷ ଇଚ୍ଛା...ମୋ ଶେଷ ନିଃଶ୍ୱାସ ଯାଏଁ ଯେମିତି ମୋ ସ୍ତ୍ରୀଙ୍କୁ ମୋ ରୋଗ ବିଷୟରେ ଯେମିତି କିଛି ଜଣେଇବୁନି ଏତିକି ଅନୁରୋଧ ନ ହେଲେ ରୁବି ଭାଙ୍ଗି ପଡ଼ିବ ।

ରୁବି ଝରକା ପାଖେ ଠିଆ ହୋଇଥାଏ । ତା ପାଦ ତଳୁ ମାଟି ଖସି ଯାଉଥାଏ ଆପେ ଆପେ। ବରଫ ପାହାଡ଼ ତରଳି ଗଲା ପରି ସନ୍ଦେହ ସବୁ ଲୁହ ହୋଇ ବହି ଯାଉଥାନ୍ତି ଆଖିରୁ ।

+ବେଲଗାଁ, ଏମ୍ ରାମପୁର
କଳାହାଣ୍ଡି,
ମୋ:୯୦୧୯୩୧୧୮୬୮



# ସମ୍ମାନ

## ଲୋପାମୁଦ୍ରା ପରିଡା



ଶିଳାଲିପି ତାର କାର୍‌ରୁ ଆଜି ଓହ୍ଲାଉଥିଲା ଏକ ଉତ୍ସବକୁ ତନୁରେ ମାଖି। ସଜ ହବା ଉପରେ ସୌନ୍ଦର୍ଯ୍ୟ ନିର୍ଭର କରେନି, କରେ ନିଜର ମନର ସୌନ୍ଦର୍ଯ୍ୟ ଉପରେ ।

ସିଏ ଆଜି ଖୁବ୍ ଖୁସି ଥିଲା । ପିଲାଦିନୁ ଛବି ଅଙ୍କା ତାର ଜୀବନ । ସେ ଆଙ୍କେ । କିଛି କାରଣ କେବେ ଖୋଜେନି କାହିଁକି, କେବେଠୁ, ପ୍ରେରଣା କିଏ ଆଦି ଆଦିରେ ଆଙ୍କୁଡିଲଖା ହେଇ । ସିଏ ଖାଲି ଆଙ୍କେ ନିଜକୁ ରଙ୍ଗ ମାନଙ୍କ ହାତରେ ସମର୍ପି ଦେଇ। ତାକୁ ଲାଗେ ସେଇ ତାର ନିଶ୍ୱାସ। ସେଇ ଚିତ୍ର ମାନେ ହି ତାକୁ ହସିବା, ନିଜକୁ କହିବା ଶିଖାନ୍ତି। ସେଇ ଛବି ମାନେ ଆଜି ତାକୁ ଦେଇଛନ୍ତି .... ଛୋଟ ହେଲେ ବି ଗୋଟେ ସ୍ୱତନ୍ତ୍ର ପରିଚୟ । ସିଏ ନିଜକୁ ଚିତ୍ରକାରା ନ ଭାବିଲେ ବି ଫୁଲର ମହକ ଦେବତା ଯାଏ ପହଞ୍ଚିଲା ପରି ତାର ଛବିର ଚର୍ଚ୍ଚା ମହକିତ । ଏ ନେଇ ସିଏ ଖୁସି । ନା ...ସିଏ କେବେ ସ୍ୱପ୍ନ ସାଇତିନି ଯେ ତାକୁ ମିଳିବ ହାତୀଶୁଣ୍ଡର ସୁନାକଳସୀ ପାଣିର ଭାଗ୍ୟ। ସିଏ ସେ ସବୁ ନେଇ ଭାବେ ହି ନା। ସିଏ ଆଙ୍କୁଥାଏ। ଆଙ୍କି ଚାଲୁଥାଏ । ରଙ୍ଗୀନ କାନଭାସ ମାନେ ତାକୁ ବାଟ କଢାନ୍ତି।

ଆଜି ସେଇ ଅଙ୍କା ସବୁ ଜୀବନ ପାଇ ତାକୁ ନେଇ ଆସିଛନ୍ତି ଜୟଦେବ ଭବନ। ଭୁବନେଶ୍ୱରର ଏକ ବିରାଟ ମଞ୍ଚ ଯୋଉଠି ଗଢି ହେଇଛନ୍ତି ଅନେକ କୃତିତ୍ୱ । ସିଏ ଆଜି ନିମନ୍ତ୍ରିତ ଅତିଥି । ତାର ନାଁ ରହିଛି ନବକଳା ଚାତୁର୍ଯ୍ୟର କଳାଶ୍ରୀ ପୁରସ୍କାରର ପ୍ରଥମରେ। କିଏ ଖୁସି ନ ହବ ଯେ ଅଜାଚିତ ଈଶ୍ୱରଙ୍କ କୃପା ରେଣୁରେ।

ତାରି ପରି ଆଉ ଚାରିଜଣ ମଧ କଳାଶ୍ରୀରେ ସମ୍ମାନର ପ୍ରାପ୍ତି ଧାଡିରେ ।

ସିଏ ପ୍ରେକ୍ଷାଳୟର ପ୍ରଥମ ଧାଡିରେ ତାର ଅନ୍ୟ ସହ ସମ୍ମାନିତ ଅତିଥିଙ୍କ ଗ୍ରହଣରେ ବସିଥାଏ। ମଞ୍ଚ ଉପରେ ଚାଲିଥାଏ ଗୋଟିଏ ପରେ ଗୋଟିଏ ବିମୁଗ୍ଧ କଳାପରି ମନଲାଖି ସାଂସ୍କୃତିକ କାର୍ଯ୍ୟକ୍ରମ। ଲାଗୁଥାଏ ପରିବେଶରୁ ଯେମିତି ଏ ପୃଥିବୀରେ ଦୁଃଖ ବୋଲି କେବେ କିଛି ନଥାଏ। ଏଇ ତ ଅମର ମଣ୍ଡଳର ଆଡମ୍ବର । ସମସ୍ତେ ସୁନ୍ଦର, ସମସ୍ତେ ଭବ୍ୟ।

ତାର ନାଁ ସହ ଆଉ ସମସ୍ତ କଳାକାର ମାନଙ୍କୁ ଡାକୁଥାନ୍ତି ଉପସ୍ଥାପନା ଓ ପରିଚାଳନାରେ ଥିବା ସଖୀ କଣ୍ଢେଇ ପରି ହଳଟି । ନିଜ ନାଁ ମାଇକରେ ଏତେ ଜୋର ଶୁଣି ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ସେଇ ଛବି ଅଙ୍କାକୁ ସିଏ ଶ୍ରେୟ ଦେଲା। ମାଆ ବାଗଦେବୀଙ୍କୁ ହାତ ଯୋଡି ମଞ୍ଚକୁ ଉଠିଲା ଶିଳାଲିପି।

ତାକୁ ବହୁତ ଖୁସି ଲାଗୁଥାଏ । ତଳେ ତାର କୁନି ପରିବାରଟି ଆନନ୍ଦିତ ଦିଶୁଥାନ୍ତି । କରତାଳିରେ ମଞ୍ଚ ଥରୁଥାଏ। ତାକୁ ନେଇ ତାର ସ୍ୱାମୀ ଅରୁଣାଭଙ୍କ ଆଖିର ଉଜ୍ଜ୍ୱଳତା ତାକୁ ଆହୁରି ସୁନ୍ଦର କରି ତୋଳୁଥାଏ ।

ତାର ମନକୁ ଆସୁଥାଏ କିଛି କଥା , ଏ ଛବି ଅଙ୍କାର ସମ୍ମାନ ଖାଲି ତ ତାର ନୁହେଁ । ଏହାର ପ୍ରକୃତ ଅଧିକାରୀ ତ ତାର ପରିବାର,ତାର ପିଲେ, ତାର ସ୍ୱାମୀ ଯୋଉମାନେ ତାଙ୍କ ପାଇଁ ଥିବା ସମୟକୁ ଛବି ପାଇଁ ଶିଳାଲିପିର ଇଚ୍ଛା ପାଇଁ ଆଦରିନେଇଥିଲେ ଖୁସି ଖୁସି । ଏଇ ମିଠା ଭାବନାରେ ହଜିଥିବା ବେଳେ ତା କାନ୍ଧରେ ଫୋପାଡିଦେଲା ପରି ପଡିଲା ଚଦରଟିଏ । ସେ ଚମକି ପଡି ଦେଖେ ଦେଇଥିବା ମହାମହିମ ଜଣକ ଲେଉଟି ଗଲେଣି କ୍ୟାମେରା ଓ ଗୋଲାକାର ଘୁରୁରିବା ଆଲୋକ ସାମ୍ନାକୁ ବେଖାତିରି ଭାବେ କାମଚଳା ସାରିଦେଇ। ସମସ୍ତ ଚିତ୍ରକାରଙ୍କ କାନ୍ଧରେ ଗାମୁଛାରୁ ଖଣ୍ଡେ ଖଣ୍ଡେ ଆଉ ମୁହଁରେ ଦୀପ୍ତିମାନ ହେବା ସହ କୃତଜ୍ଞତାର ହସ। ମଞ୍ଚ ତଳେ ତାଳି ଯେ ତାଳି । ପରେ ପରେ ତୁରନ୍ତ ଆଉ ଜଣେ ମୁଖ୍ୟ ଅତିଥି ଆଗେଇ ଆସି ବଢେଇ ଦେଉଥାନ୍ତି ତାମ୍ର ଫଳକେ ଖୋଦିତ ନାମାକ୍ଷର ଥିବା ପୁରସ୍କାର ଯୋଉଥିରେ ଜଗନ୍ନାଥେ ଚାହିଁଥାନ୍ତି ଅପଲକେ ବି ଅଙ୍କା । ଶିଳାଲିପି ସେଇ ଗାମୁଛା ଠି ଅଟକି ଯାଇଥାଏ । ତାକୁ ଲାଗୁଥାଏ ହୋଇପାରେ ସେଇ ମଣିଷ ଜଣକ ହଜାରେ ଯାଗାରେ ଏମିତି ମଞ୍ଚାସିନ ହୋଇ ସହସ୍ର ଥର ଉତ୍ତରିୟ ଦେଇ ଦେଇ ତାଙ୍କ ହାତ ଥକି ଯାଇଛି, କିନ୍ତୁ ତାର ତ ଏହା ପ୍ରଥମ ହି ଥିଲା । ତାର ଖୁସି ସବୁ ହଠାତ୍ ପାଣିଚିଆ ଲାଗୁଥାଏ ତାକୁ ।ସିଏ ସେଠି ଠିଆ ହେଇଥାଏ ସତ ହେଲେ ତାର ମନ କହୁଥାଏ ତଳେ ଠିଆହେଇଥିବା ତାର ପରିବାର ପାଖକୁ ସିଏ ଦଉଡିକି ଫେରିଯାନ୍ତା, ଆଉ କୁହନ୍ତା, 'ଦରକାର ନାହିଁ ମୋର ଏ ଗାମୁଛା। ଦେଖିଲ ନା ସିଏ କେମିତି ମୋ ଉପରକୁ ଫୋପାଡିଦେଇ ଚାଲିଗଲେ। ସମ୍ମାନଟି ମନରେ ଥାଏ,କୌଣସି ଧାତୁର ପୁରସ୍କାର ବା ରେଶମୀ ସୂତାର ଗାମୁଛାରେ ନୁହେଁ ।'

ନାରୀଟିଏ ସବୁ କ୍ଷମା କରିପାରେ , ହେଲେ ଅସମ୍ମାନ କରିଥିବା ଅଚିହ୍ନା ଲୋକଟିଏକୁ ବି ନୁହେଁ । ନାରୀର ସମ୍ମାନ ତାର ସଂପତ୍ତି । ମନର, ଆତ୍ମାର ସମ୍ମାନ ସେତିକି ଜରୁରୀ ଯେତିକି ତନୁର।

ହେଲେ ସିଏ ପାରେନି । ତଳକୁ ଓହ୍ଲାଇ ଆସେ ଥିରେ କି ଅନ୍ୟ ସମସ୍ତଙ୍କ ସହ ମଞ୍ଚ ସମ୍ମାନିତା ହୋଇ। ଚୁପଚାପ୍ । କହିପାରେନି ବୋଲି ହି ତ ଆଙ୍କେ, ଲେଖେ । ତାକୁ ଏ ସବୁ ଫମ୍ପା ପ୍ରହସନ ପରି ଲାଗୁଥାଏ ଏବେ। ତା ଭିତରର କୋଳାହଳ ତାକୁ ଅସ୍ଥିର କରୁଥାଏ । ଇଏ କି ବ୍ୟବହାର, ଏତେ ଅହଂ କଣ ପାଇଁ । ବିଦ୍ରୋହରେ ଫୁଟୁଥାଏ ରକ୍ତ । ଏଇ ସବୁ ମନରେ ଧରି ସିଏ ପାଖାପାଖି କାନ୍ଦ କାନ୍ଦ । ଖାଲି ଅରୁଣାଭ ପଚାରି ଦିଅନ୍ତେ ଥରେ,'କଣ ହେଇଛି' ଆଉ ସିଏ ଝରଣା ପାଲଟି ଯାନ୍ତା ଲୁହ ବନ୍ୟାରେ।

କିନ୍ତୁ ଅରୁଣାଭ ପିଲାଙ୍କୁ ନେଇ ପାଖକୁ ଆସିଲେ ଆଉ କହିଲେ ,' ଯିବା ଘରକୁ ?'

ଗାଡି ସାରା ଚଢେଇ ଭଳିଆ କିଚିରିମିଚିରି କରୁଥିବା ଶିଳାଲିପି ବସିଥିଲା ପିତଳ ମୂର୍ତ୍ତିଟେ ପରି। କାକୁସ୍ଥ ଆଉ ଥକା । ଏକଦମ ଚୁପ୍ । ପିଲେ ପଚାରୁଥିଲେ,'ମାମା, ମାମା' ସିଏ କିଛି ଜବାବ ଦେଉନଥିଲା । କୋଉପଟେ ଯାଉଛି ଗାଡି ତାର ନଜର ନଥିଲା ।

ଗାଡି ଅଟକେଇଲେ ଅରୁଣାଭ । କହିଲେ, 'ଆସୁଛି ଟିକେ । ବସିଥାଅ ହମ୍'।

ଏବେ ଗାମୁଛା ଫିଙ୍ଗାର ରାଗ ସହ ଅରୁଣାଭ ଏ ଯାଏ ତାକୁ ନ ପଚାରିବାର ଅଭିମାନ ମିଶି ଶିଳାଲିପି ପୁରା ଟିପ ମାରିଲେ ବହିଯିବା ଅବସ୍ଥାରେ।

କାର୍ କାଚରେ ଦିଶିଲା । ଅରୁଣାଭ ଫେରୁଛନ୍ତି ହାତରେ କିଛି ଧରି । ଗାଡି ଝରକା କାଚ ବାଟେ ପିଲାଙ୍କୁ ବଢେଇଦେଇ ଶିଳାଲିପି ଓଠରେ ଛୁଁଇଦେଲେ ଥଣ୍ଡା ଥଣ୍ଡା ଆଇସକ୍ରୀମ ଆଉ କହିଲେ, 'ହେଲା ସେତିକି ରାଗ ହେଉ ନାକକାନ୍ଦୁରୀ । ସେ ଲୋକ ଜଣଙ୍କର ନାଁ ବି ତୁମେ ଜାଣ କି ଆଗେ ? ନା ହି ପରିଚୟ ମନେ ରଖିଛ ତାଙ୍କର ? ସିଏ ଯାଇ ତାଙ୍କ ଘରେ ଆରାମରେ ଖାଇପିଇ ଶୋଇବେଣି । ଆମେ କାଇଁ ଆମ ସଂଧ୍ୟା ଖରାପ କରିବା କିଓ। ସିଏ ପୁଣି କୋଉ ଜଣେ ଅଚିହ୍ନା ମଣିଷ ପାଇଁ। ମଣିଷକୁ ମଣିଷ ପରି ଦେଖିବା ହି ସବୁଠୁ ବଡ ଉପଲବ୍ଧି । ନା କଣ ? ସୁନ୍ଦର ଖୁସିସବୁରେ ଜୀବନର ମୂହୁର୍ତ୍ତ ମାନକୁ ସତ କରି ହସେଇପାରିବାଠୁ ଆଉ କଣ କିଛି ଥାଏ ଶିଳା !

ଭୁଲିଯାଅ ହେ ! କ୍ଷମା ଦିଅ ଲୋକଟିଙ୍କୁ। ଆମର ଏଇ କୁନି କୁନି ଖୁସିରେ ଆମ ସଂସାର ଭରୁ। ତମ ହସରେ ମୋ ଘର ପୁରୁ ।ଆଉ ଏତେ କଥାରୁ ମିଳିବ କଣ !

ଦେଖି ଆଁ କଲ । ବହିଗଲା ସବୁ କ୍ରିମ ତମ ଶାଢୀରେ ଦେଖ ଏପଟେ ।'

ପିଲେ କୁତୁରୁକାଳିଆ କରି ହସେଇବାର ଚେଷ୍ଟାରେ ଥିଲେ ।

ସତେ ତ !

ଝରୁଥିବା ଲୁହ ମାନେ ଆଇସକ୍ରୀମର ମିଠାପଣ ସହ ମିଶି ମିଠା ହେଇ ସାରିଥିଲେ। ହସୁଥିଲା ଶିଳାଲିପି ହୃଦୟରୁ ହାଲୁକା ହୋଇ।

ମନେ ପଡୁଥିଲା ଭଗବାନ କହିଥିଲେ ଗୀତାରେ ମାନ, ଅପମାନ ସବୁ ମନର ଭ୍ରମ। ଯେମିତି ଆଦରିବ ସେମିତି ଭୋଗ।

ସେଥିପାଇଁ ତ ପରମବ୍ରହ୍ମ ଏସବୁରୁ ଅନେକ ଉର୍ଦ୍ଧ୍ୱରେ ।

+ପାନାଥୁର ବାଙ୍ଗାଲୋର

# ୧୫୮ କୋଟି ଟଙ୍କାରେ ବିଭିନ୍ନ ଐତିହ୍ୟ ସ୍ଥଳର ହେବ ଉନ୍ନତିକରଣ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ବିଜୁ ଏକ୍ସପ୍ରେସ ୱେ-୨ ଅଧୀନରେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇ ବ୍ରହ୍ମପୁରଠାରୁ ଜୟପୁର ପର୍ଯ୍ୟନ୍ତ ୩୩୫ କିଲୋମିଟର ଦୈର୍ଘ୍ୟ ରାସ୍ତାକୁ ୪-ଲେନ ବିଶିଷ୍ଟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ପାଇଁ ୨୦୨୩-୨୪ ବର୍ଷରେ ଜମି ଅଧିଗ୍ରହଣଜନିତ ଅତିରିକ୍ତ ଅର୍ଥ ରାଶି ସପ୍ଲିମେଂଟାରୀ ବଜେଟରେ ବୃଦ୍ଧି କରାଯିବ ବୋଲି ନିର୍ମାଣ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି ।

ଶନିବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ବଜେଟ୍ ୨୦୨୩-୨୪ ସଂପର୍କିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ଐତିହ୍ୟ, ସ୍ମାରକୀ ଏବଂ ପର୍ଯ୍ୟଟନ ସ୍ଥଳର ସମନ୍ୱିତ ବିକାଶ ଯୋଜନା ଅଧୀନରେ ୧୫୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇ କୋଣାର୍କ, ମା' ଶାରଳା, ମା' କଟକ ଚଣ୍ଡୀ, ଶ୍ରୀନୀଳମାଧବ, ଶିଖରଚଣ୍ଡୀ, ଅଲାରନାଥ ପୀଠ ଆଦିକୁ ଉନ୍ନତ କରାଯିବା ପାଇଁ ସ୍ଥିର କରାଯାଇଛି। ଅବଢା ଯୋଜନା ଅଧୀନରେ ୨୨୩.୯୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଐତିହ୍ୟ ସହର ପୁରୀରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ଯଥା - ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ , ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ ସ୍ଥଳ, ମୁସା ନଦୀ ଏବଂ ସ୍ମାରକୀ ପୋଖରୀର ପୁନରୁଦ୍ଧାର, ବେଳାଭୂମି ସମ୍ମୁଖଭାଗର ବିକାଶ ଇତ୍ୟାଦି କାର୍ଯ୍ୟ ସମାପ୍ତ କରିବା ପାଇଁ ଯୋଜନା କରାଯାଇଛି ।

ଆରଆଇଡିଏଫ୍ ଅଧୀନରେ ୬୯୮.୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇ ରାସ୍ତାର ଉନ୍ନତି ତଥା ରାଜ୍ୟର ଗ୍ରାମାଂଚଳମାନଙ୍କରେ ସେତୁ ନିର୍ମାଣ ପାଇଁ ବ୍ୟବସ୍ଥା ହୋଇଛି । ଏହାଦ୍ୱାରା ୦୮ ଗୋଟି ସେତୁ ଏବଂ ୨୨୦ କିଲୋମିଟର ରାସ୍ତା କାର୍ଯ୍ୟ କରାଯିବ । ସଡକ ରକ୍ଷଣାବେକ୍ଷଣର ବୈଜ୍ଞାନିକ ପରିଚାଳନା ଏବଂ ସେତୁଗୁଡିକର ସ୍ଥିତିର ସର୍ବେକ୍ଷଣ ପାଇଁ ନିର୍ମାଣ ବିଭାଗ କେନ୍ଦ୍ରୀୟ ସଡକ ଅନୁସନ୍ଧାନ ପ୍ରତିଷ୍ଠାନ ସହଯୋଗରେ କାର୍ଯ୍ୟ କରିବ ।

ସେ କହିଛନ୍ତି ଯେ ରାଜ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ସଡକ ବିକାଶ କାର୍ଯ୍ୟକ୍ରମ (ଜଉଚ) ଅଧୀନରେ ୩୦୦୦ କିଲୋମିଟର ସଡକ, ୦୯ ଗୋଟି ମୁଖ୍ୟ ସେତୁର ଉନ୍ନତିକରଣ ପାଇଁ ୪,୬୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହା ୨୦୨୨-୨୩ ଆର୍ଥିକ ବର୍ଷରେ ୧୮୯୦ କୋଟି ଥିଲା । ଏଥି ମଧ୍ୟରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକ ହେଉଛି, ୬-ଲେନ୍ ବିଶିଷ୍ଟ କଟକ ରିଙ୍ଗ ରୋଡ୍, ତାଳଦଣ୍ଡା କେନାଲର ଉନ୍ନତିକରଣ, ୪-ଲେନ୍ ବିଶିଷ୍ଟ କଟକ-ପାରାଦୀପ ରାସ୍ତା, ୪-ଲେନ୍ ବିଶିଷ୍ଟ କପିଳପ୍ରସାଦ-ଜଟଣୀ ରାସ୍ତା, ପାରଳାଖେମୁଣ୍ଡି ସହିତ ନୂତନ ୪-ଲେନ୍ ବିଶିଷ୍ଟ ସଂଯୋଗ ରାସ୍ତା ଏବଂ ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁର ସହ ଅନ୍ୟାନ୍ୟ ସ୍ଥାନରେ ବାଇପାସ୍ ନିର୍ମାଣ । ଏତଦବ୍ୟତୀତ, ତ୍ରିସୁଳିଆଠାରେ କାଠଯୋଡି ନଦୀ ଉପରେ ନୂତନ ସେତୁ, ବୈତରଣୀ ନଦୀ ଉପରେ ଚାନ୍ଦବାଲି ଓ ଆନନ୍ଦପୁରଠାରେ ସେତୁ, ଆଳିଠାରେ ବ୍ରାହ୍ମଣୀ ନଦୀ ଉପରେ ସେତୁ ଏବଂ ଦୟା ପଶ୍ଚିମ କେନାଲରେ ୬ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ।

ଗତ ଦୁଇ ଦଶନ୍ଧି ମଧ୍ୟରେ, ନିମାଣ ବିଭାଗ ଦ୍ୱାରା ପରିଚାଳିତ ସମୁଦାୟ ସଡ଼କ ଦୈର୍ଘ୍ୟ ୧୬,୦୪୧ କିମିରୁ ଦ୍ୱିଗୁଣିତ ହୋଇ ୩୧,୩୧୭ କିମି ହୋଇପାରିଛି । ରାଜ୍ୟରେ ଆବଶ୍ୟକୀୟ ଭିତିଭୂମି ଯୋଗାଇବା ପାଇଁ ନିର୍ମାଣ ବିଭାଗ ନିଜ ବିଭାଗ ସହିତ ଅନ୍ୟ ବିଭାଗର କୋଠାବାଡି ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ମଧ୍ୟ କରିଥାଏ । ବର୍ତ୍ତମାନ ସମଗ୍ର ରାଜ୍ୟରେ, ୧,୨୮,୭୦,୮୮୫ ବର୍ଗ ମିଟର ପ୍ଲିନ୍ଥ ଏରିଆ କୋଠାବାଡି ନିର୍ମାଣ ବିଭାଗ ଅଧୀନରେ ରହିଛି । ଏଥିରେ ଅନ୍ତର୍ଭୁକ୍ତ ଥିବା ପ୍ରମୁଖ ଭିଭୂମି ଗୁଡିକ ହେଉଛି - ମେଡିକାଲ୍ କଲେଜ, ହସ୍ପିଟାଲ୍ , ଆଦର୍ଶ ବିଦ୍ୟାଳୟ, କୋର୍ଟ ବିଲଡିଂ, କ୍ରୀଡା ଭିତିଭୂମି ଇତ୍ୟାଦି ।

ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଗୁରବୀର ସିଂ ଏବଂ ନିର୍ମାଣ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

# ଚମ୍ପୁଆରେ ଅମୃତ ସରୋବର ଯୋଜନା ଫେଲ : କେବଳ ପଙ୍କ ଉଦ୍ଧାରରେ ସୀମିତ

ଚମ୍ପୁଆ,୧୮ ମାର୍ଚ୍ଚ (ହି.ସ ) ପ୍ରତି ପଂଚାୟତ ରେଏକ ଏକର ରୁ ଅଧିକ ପରିସରରେ ଥିବା ପୁରୁଣା ପୋଖରୀ, ପୁଷ୍କରିଣୀ ଗୁଡିକର ପୁନଃ ଉଦ୍ଧାର ସହିତ ଏଗୁଡିକୁ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ଦେଶର ଆଜାଦି କି ଅମୃତ ମହୋତ୍ସବ କରିବା ପାଳନ ଅବସରରେ ଅମୃତ ସରୋବରର ପରିକଳ୍ପନା କରାଯାଇଥିଲା । ଅମୃତ ସରୋବର ଯୋଜନା ପାଇଁ ମନରେଗା, ପଂଚଦଶ ଅର୍ଥ କମିଶନ ଆଦି ଯୋଜନାରୁ ଅର୍ଥ ଯୋଗାଇ ଦିଆଯାଇଥିବାବେଳେ, ପୁରୁଣା ପୋଖରୀକୁ ପୁନଃ ଉଦ୍ଧାର କରିବା ସହିତ ପୁଷ୍କରିଣୀ କଡ଼ରୁ ଜବର ଦଖଲ ହଟାଇ ଡ୍ରେନ ପାଣି ଯେପରି ସିଧା ସଳଖ ପୁଷ୍କରିଣୀରେ ନ ପଶେ, ଡ୍ରେନ ପାଣିକୁ ବିଶୋଧନ କରି ପୋଖରୀକୁ ଛାଡିବା, ଅମୃତ ସରୋବର କଡରେ ନିମ୍ବ, ବର ଗଛ ଆଦି ଲଗାଇବା ତଥା ପୋଖରୀରେ ଦଳ ନ ହେବା ଆଦି ବ୍ୟବସ୍ଥା କରିବା ଓ ପୋଖରୀର ଚାରି କଡ଼ ସୌନ୍ଦର୍ଯ୍ୟ କରଣ କରିବା ଆଦି ଏହି ଯୋଜନାରେ ଅନ୍ତର୍ଭୁକ୍ତ । ତେବେ ଚମ୍ପୁଆ ବ୍ଲକ, ସୁନାପୋଷି ପଂଚାୟତ ଅନ୍ତର୍ଗତ ଇନ୍ଦ୍ରପ୍ରସ୍ଥ ଗ୍ରାମ୍ୟ ପୋଖରୀକୁ ମଧ ଏହି ଯୋଜନାରେ ସାମିଲ କରାଯାଇଥିବା ବେଳେ ଗତ ୨୦୨୨ ଜୁଲାଇ ୨୦ ତାରିଖରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲେହେଁ କାର୍ଯ୍ୟକୁ ଏକ ବର୍ଷ ବିତିବାକୁ ବସିଲାଣି କିନ୍ତୁ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇ ଅଧପନ୍ତରିଆ ଭାବେ ପଡିରହିଥିବା ଦେଖିବାକୁ ମିଳିଛି । ଏହି କାମକୁ ରାତି ଅଧିଆ ମେସିନ ସାହାଯ୍ୟରେ କେବଳ ପଙ୍କ ଉଦ୍ଧାର କରାଯାଇ ପୋଖରୀ ଚାରି କଡ଼କୁ ସମତୁଲ କରି କାମକୁ ଅଧପନ୍ତରିଆ ଭାବେ ଛାଡି ଦିଆ ଯାଇଥିବା ଦେଖିବାକୁ ମିଳିଛି । ପୂର୍ବରୁ ଏହି ପୋଖରୀରେ ପଂଚାୟତ ପକ୍ଷରୁ କରାଯାଇଥିବା ଗାଧୁଆ ତୁଠ ଓ ପାହାଚ ଗୁଡିକ ଭାଙ୍ଗିରୁଜି ଯାଇଥିଲେ ମଧ ସେଗୁଡିକୁ ମରାମତି କରା ନ ଯାଇ ତରବରିଆ ଭାବରେ ବିଡ଼ିଓଙ୍କ ଉପସ୍ଥିତିରେ ଗତ ଅଗଷ୍ଟ ୧୫ ତାରିଖରେ ଏହାର ଉଦଘାଟନ ମଧ ମହା ଆଡମ୍ବର ସହକାରେ କରାଯାଇଛି । ଏହି ଅମୃତ ସରୋବର ର ପରିକଳ୍ପନା ପାଣିରେ ଗାର ଟାଣିବା ସଙ୍ଗେ ସମାନ ହୋଇଛି । ଗ୍ରାମବାସୀ ଏହି ଅମୃତ ସରୋବରକୁ ନେଇ ବହୁ ଉତ୍ସାହିତ ଥିବାବେଳେ ନୂଆ ରୂପ ପାଇବାକୁ ଥିବା ଏହି ପୁରୁଣା ପୋଖରୀ ରେ ଲକ୍ଷାଧିକ ଅନୁଦାନ ଖର୍ଚ୍ଚ ହେବା ସତ୍ୱେ ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ରହିଛି କ୍ଷ ତେବେ ଏ ସମ୍ପର୍କରେ ଚମ୍ପୁଆ ଏପିଓ ସଂଗୀତା ମାଝୀଙ୍କୁ ଯୋଗାଯୋଗ କରିବାରୁ ମୋତେ କାହିଁକି ପଚାରୁଛ, ପଂଚାୟତ ବାଲାଙ୍କୁ ପଚାର ବୋଲି କହି ଏଡାଇ ଯାଇଥିବାବେଳେ ପଂଚାୟତର ଜିଆରଏସ ସୁଭଦ୍ରା ବେହେରାଙ୍କୁ ପଚରା ଯିବାରୁ ଏହି ଯୋଜନାରେ ଆଉ ଅର୍ଥ ନାହିଁ, ଯାହାଥିଲା ଖର୍ଚ୍ଚ ହୋଇ ଯାଇଛି, ପୁଣି ଅର୍ଥ ଆସିଲେ କାମ ହେବ ବୋଲି ସଫେଇ ଦେଇ ଥିଲେ ।

# ସରି ଆସୁଛି ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆଜି ଥିଲା ଷଷ୍ଠ ଦିବସ। ଆସନ୍ତାକାଲି ଏହା ଉଦ୍‌ଯାପିତ ହେବ। ଏକବିଂଶ ଶତାବ୍ଦୀର ମଣିଷ ବୈଷୟିକ ଜ୍ଞାନସଂପନ୍ନ ହୋଇଛି। ବିଜ୍ଞାନରେ ବିପ୍ଳବ ସୃଷ୍ଟି କରୁଛି। ତଥାପି ପରମ୍ପରା ପ୍ରତି ତା'ର ଆଦର କିପରି ରହିଛି ତାହାର ଏକ ନିଛକ ଝଲକ ଦେଖିବାକୁ ମିଳୁଛି ଜନଜାତି କଳାବସ୍ତୁ ପ୍ରଦର୍ଶନୀ ପ୍ରାଙ୍ଗଣରେ। ଜନଜାତିଙ୍କ ଛୋଟ ଛୋଟ ପରମ୍ପରା ମିଶି ମହାଭାରତୀୟ ବୃହତ୍ ପରମ୍ପରାକୁ କେବଳ ସମୃଦ୍ଧ କରିନାହାନ୍ତି, ଅପରନ୍ତୁ ଏକ ନୂତନ ସମୃଦ୍ଧ ଭାରତ ବର୍ଷ ନିର୍ମାଣ କରିଛନ୍ତି, ଯେଉଁଠି ପାରମ୍ପରିକ ଜ୍ଞାନକୌଶଳ ନିରନ୍ତର ଭାବେ ଜନମାନସରେ ଆଦୃତ ହୋଇଛି। ପ୍ରଯୁକ୍ତି ବିଦ୍ୟାରେ ଅନେକ ଚମତ୍କାର କଳାବସ୍ତୁ ନିର୍ମାଣ ହୋଇପାରେ, ମାତ୍ର ଜନଜାତିମାନଙ୍କ ହାତତିଆରି କଳାବସ୍ତୁ କୌଣସି ଚମତ୍କାର ତୁଳନାରେ ଯେ କମ୍ ନୁହେଁ, ଏହା ସାରା ଭାରତରୁ ପ୍ରତିନିଧିତ୍ୱ କରୁଥିବା ଜନଜାତିଙ୍କ କଳାବସ୍ତୁ ପ୍ରଦର୍ଶନୀରୁ ପ୍ରମାଣ ମିଳିଛି। ଉଦାହରଣ ସ୍ୱରୂପ ଅରୁଣାଚଳ ପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା ଗାରୋ ଜନଜାତିଙ୍କ ବାଉଁଶ, ବେତରୁ ନିର୍ମିତ କାନ ବଳା, ମଗ୍, ପର୍ସ, ଫୁଲଦାନୀ, ପାନିଆ, ଚୁଡ଼ି, ବସ୍ତ୍ର, କଲମ, ହାର, ପେନ୍ ଷ୍ଟାଣ୍ଡ, ରାଜସ୍ଥାନର ଭିଲ୍ ମାନଙ୍କ ଖଜୁରି ପତ୍ରରେ ଚିତ୍ର ଅନନ୍ୟ ଆକର୍ଷଣୀୟ ବସ୍ତୁ ଏହି ପ୍ରଦର୍ଶନୀରେ ରହିଛି ।

ପ୍ରଦର୍ଶନୀ ଶେଷ ହୋଇ ଆସୁଥିବାବେଳେ ବିଭିନ୍ନ ରାଜ୍ୟର ଜନଜାତି କାରିଗରଙ୍କ ଓଡ଼ିଶା ଅନୁଭୂତି ଖୁବ୍ ସୁଖଦ ଏବଂ ଏଠାକାର ଜନଜାତି ଶିଳ୍ପୀ କାରିଗରଙ୍କ ସହ ଅନ୍ତରଙ୍ଗ ଆଳାପ ଓ ସେମାନଙ୍କ ଜ୍ଞାନକୌଶଳ ଶିକ୍ଷଣୀୟ ବୋଲି ମନ୍ତବ୍ୟ ଦେଉଛନ୍ତି ।

ଆଜିର ସନ୍ଧ୍ୟାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପ୍ରାୟୋଜିତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ର ଜନଜାତି ନୃତ୍ୟଶିଳ୍ପୀମାନେ ସେମାନଙ୍କ ଅଂଚଳର ବର୍ଣ୍ଣାଢ଼୍ୟ ନୃତ୍ୟ ପ୍ରଦର୍ଶନପୂର୍ବକ ଦର୍ଶକଙ୍କ ମନ ଜିଣିଥିଲେ । ପ୍ରଦର୍ଶନୀ ସରି ଆସୁଥିବାରୁ ଆଜି ବହୁଲୋକଙ୍କ ସମାଗମ ହୋଇଥିଲା ଏବଂ କଳାବସ୍ତୁ କ୍ରୟ କରିବାରେ ଦର୍ଶକମାନେ ଭରପୂର ଆଗ୍ରହ ଦେଖାଉଥିଲେ ।

# ସ୍ୱାସ୍ଥ୍ୟାନୁଷ୍ଠାନରେ ଡାଏଗ୍ନୋଷ୍ଟିକ୍ ପରୀକ୍ଷା ସଂଖ୍ୟା ବଢ଼ିଲା: ମେଡିକାଲ କଲେଜରେ ଜାରି ରହିବ ୨୨୧ ପ୍ରକାରର ପରୀକ୍ଷା



ଭୁବନେଶ୍ୱର , ୧୯/୦୩ (ନି.ପ୍ର): ରାଜ୍ୟରେ ଥିବା ସ୍ୱାସ୍ଥ୍ୟାନୁଷ୍ଠାନ ଗୁଡ଼ିକରେ ଡାଏଗ୍ନୋଷ୍ଟିକ୍ ପରୀକ୍ଷାକୁ ସଂପ୍ରସାରଣ କରାଯାଇଛି। 'ନିଦାନ' ଅଧୀନରେ ବିଭିନ୍ନ ସ୍ୱାସ୍ଥ୍ୟାନୁଷ୍ଠାନରେ ଡାଏଗ୍ନୋଷ୍ଟିକ୍ ପରୀକ୍ଷା ସଂଖ୍ୟାକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ତେବେ ମେଡିକାଲ କଲେଜଗୁଡ଼ିକରେ ୨୨୧ ପ୍ରକାରର ପରୀକ୍ଷା ପୂର୍ବଭଳି ଜାରି ରହିବ। ଆଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ରୋଗୀଙ୍କ ଡାଏଗ୍ନୋଷ୍ଟିକ ପରୀକ୍ଷା କ୍ଷେତ୍ରରେ ପକେଟ ବାହାର ଖର୍ଚ୍ଚକୁ ରୋକିବା ଲାଗି ରାଜ୍ୟ ସରକାର ହାଇଏଣ୍ଡ( ଉନ୍ନତ ପରୀକ୍ଷା)କୁ ପିପିପି ମୋଡରେ କାର୍ଯ୍ୟକାରୀ କରୁଛନ୍ତି। ଏକ୍ସ-ରେ, ଏମ୍ଆରଆଇ ଓ ସିଟି-ସ୍କାନ୍ ଭଳି ସୁବିଧା ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନରେ ଉପଲବ୍ଧ ହେଉଛି। ୨୦୧୮ ମସିହାରୁ ଏହା କାର୍ଯ୍ୟକାରୀ କରାଯାଇଛି। ତେବେ ରାଜ୍ୟ ସରକାର ଏହି ନିର୍ଦ୍ଦେଶାବଳୀକୁ ସଂଶୋଧନ କରିଛନ୍ତି। ଏଣକି ସବ୍‌ସେଣ୍ଟରରେ ୧୬ ପ୍ରକାର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)ରେ ୬୫, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ରେ ୧୦୩, ଉପଖଣ୍ଡସ୍ତରୀୟ ହସ୍ପିଟାଲରେ ୧୨୧ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୪୫ ପ୍ରକାରର ଡାଏଗ୍ନୋଷ୍ଟିକ୍ ପରୀକ୍ଷା ଉପଲବ୍ଧ ହେବ। ତେବେ ରୋଗୀଙ୍କ ସଂଖ୍ୟା ଓ ରୋଗକୁ ଦେଖି ଏହି ତାଲିକାରେ ସଂଶୋଧନ କରାଯାଇପାରିବ।

ସହରାଞ୍ଚଳ ସିଏଚ୍‌ସିରେ ୩୮ ଓ ସହରାଞ୍ଚଳ ପିଏଚ୍‌ସିରେ ୧୪କୁ ମିଶାଇ ସମୁଦାୟ ୫୨ଟି ପାଥୋଲୋଜି ପରୀକ୍ଷା ଆଉଟସୋର୍ସିଂ ସଂସ୍ଥା ଜରିଆରେ ପ୍ରଦାନ କରାଯିବ। ବ୍ଲକ୍ ପିଏଚ୍‌ସି, ୟୁସିଏଚ୍‌ସି, ଏସ୍‌ଡିଏଚ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସଂସ୍ଥା ପକ୍ଷରୁ ନମୁନା ସଂଗ୍ରହ କେନ୍ଦ୍ର ପ୍ରତିଷ୍ଠା କରାଯିବ। ତେବେ ଡାଏଗ୍ନୋଷ୍ଟିକ୍ ପରୀକ୍ଷା ଯେପରି ନିର୍ଭୁଲ, ଠିକ୍ ଓ ସହଜରେ ଉପଲବ୍ଧ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନରୁ ରେଫର ହୋଇଥିବା ରୋଗୀମାନଙ୍କୁ ହିଁ ଏସବୁ ଡାଏଗ୍ନୋଷ୍ଟିକ୍ ସୁବିଧା ଦିଆଯିବ। ସ୍ୱାସ୍ଥ୍ୟାନୁଷ୍ଠାନର ପ୍ରମୁଖ ସ୍ଥାନଗୁଡ଼ିକରେ ଡାଏଗ୍ନୋଷ୍ଟିକ୍ ସେବା ସଂପର୍କରେ ସୂଚନା ରହିବ। ତେବେ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନରେ ପରାମର୍ଶ ଦିଆଯାଇଥିବା ପରୀକ୍ଷାକୁ ଘରୋଇ କେନ୍ଦ୍ରରେ କରାଗଲେ ଏଥିପାଇଁ ରୋଗୀଙ୍କୁ କୌଣସି ପ୍ରକାର ଟଙ୍କା ଫେରସ୍ତ ଦିଆଯିବ ନାହିଁ। ଯେହେତୁ ସମସ୍ତ ଡାଏଗ୍ନୋଷ୍ଟିକ୍ ପରୀକ୍ଷା ମାଗଣା ରହିଛି ତେଣୁ ଏ ବାବଦରେ ରୋଗୀଙ୍କଠାରୁ ୟୁଜର ଫି' ବାବାଦ କୌଣସି ପ୍ରକାର ଅର୍ଥ ଆଦାୟ କରାଯିବନାହିଁ। ୟୁଜର ଫି' ବାବଦ ହେଉଥିବା କ୍ଷତିକୁ ସ୍ୱାସ୍ଥ୍ୟାନୁଷ୍ଠାନମାନଙ୍କୁ ଦିଆଯାଉଥିବା ବିକାଶମୂଳକ ପାଣ୍ଠିରୁ ଭରଣା କରାଯିବ। ଏନ୍‌କ୍ୱାସ୍ ଓ ଏଇଆରବି ପକ୍ଷରୁ ଧାର୍ଯ୍ୟ ଗୁଣାବତ୍ତା ଅନୁଯାୟୀ ସମସ୍ତ ସେବା ଯୋଗାଇ ଦିଆଯିବ। ଉଭୟ ରୋଗୀ ଓ ସେବା ପ୍ରଦାନକାରୀ ସଂସ୍ଥାଙ୍କ ପାଇଁ ଉଭୟ ଲାବୋରେଟାରି ଓ ମେଡିକାଲ ବର୍ଜ୍ୟବସ୍ତୁ ନିରାପତ୍ତା ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଆଇଟି ଉପଦେଷ୍ଟାଙ୍କ ମୋ ସରକାର ପରିଚାଳନା କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ଟିମ୍ ୱାର୍କ, ଟେକ୍‌ନୋଲୋଜି, ଟ୍ରାନ୍ସପରେନ୍ସି, ଟ୍ରାନ୍ସଫରମେସନ୍, ଟାଇମଲିମିଟ, ଆଦି ୫ଟି ନିୟମକୁ ଆଧାର କରି କିଭଳି ରାଜ୍ୟ ସରକାର ସେବା ଯୋଗାଉଛନ୍ତି, ତାହାକୁ ଦେଖିବାକୁ ରାଜ୍ୟ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଆଚାର୍ଯ୍ୟ ବିହାର ସ୍ଥିତ ଓକାକ୍ ଟାୱାର ପରିସରରେ ପରିଚାଳିତ 'ମୋ ସରକାର' ଟେଲି ସେଂଟରକୁ ପରିଦର୍ଶନ କରିଥିଲେ।

'ମୋ ସରକାର'ର ଟୋଲ ଫ୍ରି ନମ୍ବର ୧୪୫୪୫ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ହେଲପଲାଇନ ନମ୍ବର ୧୫୫୩୬୯ ମାଧ୍ୟମରେ ସାଧାରଣ ଜନତାଙ୍କର ସମସ୍ୟାର ସମାଧାନ, ଅଭିଯୋଗ ଗ୍ରହଣ, ପଞ୍ଜିକରଣ ଏବଂ ଅନ୍ୟାନ୍ୟ ସୂଚନା ପ୍ରଦାନ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପକୁ ହୃଦୟଙ୍ଗମ କରି ଶ୍ରୀ ପଟ୍ଟନାୟକ ଏହାର ପ୍ରଶଂସା କରିଥିଲେ। ମମତା, କାଳିଆ, ନାଗରିକ ସେବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଭଳି ୩୧ ଟି ବିଭାଗର ୨୮୫ ପ୍ରକାର ସେବା ଯୋଗାଇବା ଦିଗରେ ଏହି ବ୍ୟବସ୍ଥା ବେଶ ସହାୟକ ହୋଇପାରିଛି। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ କିଭଳି ଅଧିକ ସୁଦୃଢ଼ କରାଯାଇ, ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷା କ୍ଷେତ୍ରରେ ରାଜ୍ୟ ଶୀର୍ଷସ୍ଥାନ ନେଇପାରିବ ସେ ଦିଗରେ ଅଧିକ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଉପସ୍ଥିତ କର୍ମଚାରୀମାନଙ୍କୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ସାଧାରଣ ଜନତାଙ୍କ ପାଇଁ କରାଯାଇଥିବା ଏହି ସବୁ ବ୍ୟବସ୍ଥା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ପରିଦର୍ଶନ ସମୟରେ 'ମୋ ସରକାର' ପରିଚାଳନା କେନ୍ଦ୍ର ତଥା ଓକାକ୍ ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ : ତିନି ଆହତ

ପୁରୀ, ୧୯/୦୩ (ନି.ପ୍ର): ପୁରୀରେ ଏବେ ଅପରାଧୀମାନେ ସକ୍ରିୟ ହୋଇପଡିଛନ୍ତି । ବିଶ୍ୱସ୍ତରୀୟ ପର୍ଯ୍ୟଟନ ଓ ତୀର୍ଥକ୍ଷେତ୍ର ଅଶାନ୍ତ। ସକାଳୁ ସକାଳୁ ସଂଘବଦ୍ଧ ଆକ୍ରମଣ। ତିନି ଚାରିଦିନ ତଳେ ଯୁବ ସେବାୟତ ମାନଙ୍କୁ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ମନରୁ ନଲିଭୁଣୁ ଆଜି ସକାଳେ ପୁର୍ନବାର ପୁରୀ କୁମ୍ଭାରପଡା ଥାନା ଅନ୍ତର୍ଗତ ବଡଦାଣ୍ଡ ମାର୍କେଟ ଛକରେ ରୋଡ ଉପରେ ଗୋଷ୍ଠୀ ସଂଘର୍ଷ ଯୋଗୁଁ ତିନିଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। ସକାଳୁ ଦୁଇ ଗୋଷ୍ଠୀ ମଧ୍ୟରେ ମାରଣାସ୍ତ୍ର ଯୋଗେ ଆକ୍ରମଣ ହୋଇଥିବାରୁ ଉଭୟ ଗୋଷ୍ଠୀର ଯୁବକ ମାନେ ଆହତ ହୋଇଛନ୍ତି। ଆହତ ତିନି ଜଣ ଯୁବକଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି। ସେପଟେ ଆକ୍ରମଣରେ ଆହତ ତିନି ଜଣଙ୍କ ନାମ ହେଉଛି ଦଇତାପଡା ସାହିର ହୃଷିକେଶ ପଣ୍ଡା, ପଂଚଚୌରା ସାହିର ଖଗେଶ୍ୱର ସାହୁ ଓ ଶ୍ରୀକୃଷ୍ଣ ସିନେମା ହଲ୍ ନିକଟ ନୂଆପାଟଣା ଗଳିର ସମୀର ଦାସ ଓରଫ୍ ଜୁଏଲ୍ ଦାସ। ତେବେ ଜୁଏଲ୍ ଓ ହୃଷିକେଶଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଗତକାଲି ରାତିରେ ପୁରୀ ଖଡିପଦା ମେଳଣ ପଡିଆରେ ଜୁଆଖେଳ ଓ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇ ହାତାହାତି ପରିସ୍ଥିତି ଉପୁଜିଥିଲା ଓ ଆଜି ସକାଳେ ଏହା ଉଗ୍ର ରୂପ ନେଇଥିଲା।

ଗତକାଲି ରାତିରେ ଖଡ଼ିପଦା ମେଳଣରେ ଜୁଆଖେଳ ପାଇଁ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇଥିଲା ଏବଂ ଟଙ୍କା, ମୋବାଇଲ, ସୁନାଚେନ ଛଡ଼େଇବା ଭଳି ଘଟଣା ଘଟିଥିଲା । ଯାହାଫଳରେ ପ୍ରତିଶୋଧ ପରାୟଣ ହୋଇ ଆଜି ସକାଳ ସାଢେ ୬ ଟା ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ମାର୍କେଟ ଛକ ବାଟା ଶୋ ରୁମ ନିକଟରେ ମୁହାଁମୁହିଁ ହୋଇ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ତେବେ ଘଟଣାସ୍ଥଳରେ ଓ ସଦର ମୁଖ୍ୟ ଚିକିତ୍ସାଳୟରେ ଟାଉନ ଥାନା ପୋଲିସ, କୁମ୍ଭାରପଡା ଥାନା ପୋଲିସ, ପୁରୀ ସିଟି ଡିଏସପି, ଅତିରିକ୍ତ ଏସପି ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ବେଳେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଅତରିକ୍ତ ଏସପି ସୂଚନା ଦେଇଛନ୍ତି। ତେବେ ମାର୍କେଟ ଛକ ଅଂଚଳଟି ଜନଗହଳିପୂର୍ଣ୍ଣ ଅଂଚଳ ଏବଂ ଶ୍ରୀମନ୍ଦିର ଠାରୁ ମାତ୍ର ଏକ କିଲୋମିଟର ମଧ୍ୟରେ ହୋଇଥିବା ବେଳେ ସେଠାରେ ପୋଲିସ ଟ୍ରାଫିକର ପ୍ରହରା ମଧ୍ୟ ରହିଥାଏ। ଏଭଳି ଅଂଚଳରେ ଖଣ୍ଡା ବୁଲିବା ନେଇ ସହର ବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

# ନିର୍ଶ୍ଚିନ୍ତକୋଇଲି ବ୍ଲକରେ ସ୍ୱଚ୍ଛ ଭାରତ ମିଶନ ଦିଗହରା

ସାଲେପୁର, ୧୯/୦୩ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ପରିବେଶ ସୁରକ୍ଷା ଏବଂ ଗ୍ରାମାଂଚଳରୁ ଅଳିଆ ଆବର୍ଜନା ହଟାଇ ପରିଷ୍କାର ପରିଚ୍ଛନ୍ନତା ରଖିବା ପାଇଁ ସ୍ୱଚ୍ଛ ଭାରତ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହି ଯୋଜନାରେ ପଂଚାୟତ ସ୍ତରରେ ସ୍ୱଚ୍ଛତା ରକ୍ଷା ପାଇଁ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ପରିବାର ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଆବର୍ଜନା କୁଣ୍ଡ ନିର୍ମାଣ କରାଯାଇଛି । ଏହି ଆବର୍ଜନା କୁଣ୍ଡଗୁଡିକରେ ଏକ ସ୍ୱତନ୍ତ୍ର ପ୍ରକ୍ରିୟାରେ ଅଳିଆ ଆବର୍ଜନା ପକାଇବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ ନିର୍ଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ । ଫଳରେ ଗୋଟିଏ ପଂଚାୟତରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଆବର୍ଜନା କୁଣ୍ଡ ନିର୍ମାଣ କରାଯାଇଥିଲେ ମଧ ଏହାର ସଦ୍ ବ୍ୟବହାର ହେଉନଥିବାରୁ ସ୍ୱଚ୍ଛ ଭାରତ ମିଶନ ଦିଗହରା ହୋଇଥିବା ଦେଖାଯାଇଛି ।

ନିୟମାନୁଯାୟୀ, ରାଜ୍ୟ ଓ କେନ୍ଦ୍ର ସରକାର ଉଭୟ ମିଶି ପରିମଳ ବିଭାଗ ପକ୍ଷରୁ ପ୍ରତ୍ୟେକ ପରିବାରରେ ୩୦୪୪ ଟଙ୍କା ଅନୁଦାନରେ ଗୋଟିଏ ଲେଖାଏଁ ଅଳିଆ ଆବର୍ଜନା କୁଣ୍ଡ ନିର୍ମାଣ କରାଯାଉଛି । ଏହାପରେ ପ୍ରତ୍ୟେକ ୱାର୍ଡର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ୩୦ ହଜାର ଟଙ୍କା ଅନୁଦାନରେ ଏକ ଜୈବ ବିଘଟନ ଆବର୍ଜନା କୁଣ୍ଡ ଏବଂ ପ୍ରତ୍ୟେକ ପଂଚାୟତରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗୋଟିଏ ଲେଖାଏଁ ପୃଥକୀକରଣ ଗୋଷ୍ଠୀ ଆବର୍ଜନା କୁଣ୍ଡ ୧ ଲକ୍ଷ ୭୦ ହଜାର ଟଙ୍କା ଅନୁଦାନରେ ନିର୍ମାଣ କରାଯାଇଛି । ଯୋଜନାର ନିୟମାନୁଯାୟୀ ପରିବାରରେ ପକାଯାଉଥିବା ଆବର୍ଜନା କୁଣ୍ଡରୁ ଅଳିଆ ଆବର୍ଜନା ଆଣି ତାହାକୁ ୱାର୍ଡରେ ନିର୍ମାଣ କରାଯାଇଥିବା ଜୈବ ବିଘଟନ ଆବର୍ଜନା କୁଣ୍ଡରେ ପକାଯିବ। ସେଠାରୁ ଏକ ଟ୍ରଲି ସାହାଯ୍ୟରେ ଅଳିଆ ଆବର୍ଜନାଗୁଡିକ ଯାଇ ପଂଚାୟତରେ ନିର୍ମାଣ କରାଯାଇଥିବା ପୃଥକୀକରଣ ଗୋଷ୍ଠୀ ଆବର୍ଜନା କୁଣ୍ଡରେ ବିଭିନ୍ନ ପ୍ରକାର ଅଳିଆକୁ ପୃଥକ୍ ପୃଥକ୍ କରାଯାଇ ରଖାଯିବ । ଏହା ପରିପୂର୍ଣ୍ଣ ହେବା ପରେ ଏହାକୁ ବ୍ଲକ କିମ୍ବା ବିଜ୍ଞାପିତ ଅଂଚଳକୁ ଯାଇ ସେଠାରେ ନଷ୍ଟ କରିବାର ବ୍ୟବସ୍ଥା କରାଯିବ । ଏଥିପାଇଁ ଗୋଟିଏ ପଂଚାୟତରେ ଅତିକମ୍ ରେ ୨୦୦ ପରିବାର ଅନ୍ତର୍ଭୁକ୍ତ କରାଯାଇ ଏଭଳି କୁଣ୍ଡ ନିର୍ମାଣରେ ୧୫ ଲକ୍ଷରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ଏହା କିଛି କାମରେ ଆସୁନାହିଁ। ଏଥିପାଇଁ ଅଳିଆ ବୋହିବା ନିମନ୍ତେ ଗୋଟିଏ ଲେଖାଏଁ ପଂଚାୟତକୁ ଦୁଇଟି ଲେଖାଏଁ ଟ୍ରଲି ମଧ୍ୟ ପ୍ରଦାନ କରାଯାଇଛି। ବିଭାଗୀୟ ଅବହେଳା ଓ ପଂଚାୟତର ଦାୟିତ୍ୱହୀନତା ପାଇଁ ଏହି ବ୍ଲକ ଅଧିନରେ ଥିବା ୪୧ ଗୋଟି ପଂଚାୟତରୁ ୨୮ ଗୋଟି ପଂଚାୟତରେ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇ ବିଭିନ୍ନ ଆବର୍ଜନା କୁଣ୍ଡ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ନତକାଇ, ଜିଗ୍ନିପୁର, ଜୟରାମପୁର, ବରାଦୋ, ବୁହାଳ, ସରପଡା, ବାଲିଆପଦା, କଟିକଟା, କଟରପଡା, ମହମ୍ମଦପୁର, ମାଣପୁର ଆଦି ପଂଚାୟତ ଗୁଡିକରେ ଅଦ୍ୟାବଧି ଏହି କାର୍ଯ୍ୟ ଆରମ୍ଭ ହୋଇନାହିଁ । ଅନେକ ପଂଚାୟତରେ ନିର୍ମାଣ ହୋଇଥିବା କୁଣ୍ଡ ଗୁଡିକ ଭାଙ୍ଗିରୁଜି ଯାଇଥିବା ବେଳେ ବହୁ ପଂଚାୟତରେ କୁଣ୍ଡରେ ଲୋକମାନେ ବର୍ଷାଦାଉରୁ ରକ୍ଷା କରିବା ପାଇଁ ଛଣ ଓ ଘସି ସାଇତି ରଖୁଥିବା ଦେଖିବାକୁ ମିଳୁଛି। ସରକାରଙ୍କର ଏହି ଯୋଜନା ସଠିକ୍ ଭାବେ ଫଳପ୍ରଦ ହେଲେ ପରିବେଶ ନିର୍ଶ୍ଚିନ୍ତଭାବେ ସୁରକ୍ଷା ହେବା ସହିତ ଗ୍ରାମାଂଚଳ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ରହିପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି ଯୋଜନା ସଂପର୍କରେ ଜନସଚେତନତା ଅଭାବରୁ ଏହାର ବ୍ୟବହାର ସଠିକ୍ ଭାବେ ହୋଇପାରୁନଥିବା ମଧ ଜଣାଯାଇଛି । ଏଥିପ୍ରତି ପରିମଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଯୋଜନାକୁ ସଠିକ୍ ଭାବରେ ପରିଚାଳନା କରିବାକୁ ବ୍ୟବସ୍ଥା କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି ।

# ବଗଡ଼ା ପାକ୍ସ ପରିଚାଳନା ପରିଷଦର ତୃତୀୟ ଅଧିବେଶନ

କେନ୍ଦ୍ରାପଡା, ୧୯/୦୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡ଼ା ପ୍ରାଥମିକ କୃଷି ସମବାୟ ସମିତିର ତୃତୀୟ ପରିଚାଳନା ପରିଷଦ ଅଧିବେଶନ ଏହାର ମିନିବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୋର୍ଡ ସଭାପତି ଇଂ. ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଚଳିତ ବର୍ଷର ଖରିଫ ଧାନକ୍ରୟ, ରବି ଋଣ ଲଗାଣ, ଜେଏଲଜି ଗୋଷ୍ଠୀ ଋଣ ପ୍ରଦାନ, ବକେୟା ଋଣ ଆଦାୟ, ଖାଲି ପଡିଥିବା କର୍ମଚାରୀ ପଦବୀ ପୂରଣ ଓ ନୂତନ ସଦସ୍ୟତା ଆଦି ବହୁ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ପଞ୍ଜିକୃତ ଚାଷୀଙ୍କ ଠାରୁ ଅଦ୍ୟାବଧି ୧୯ ହଜାର କୁଇଂଟାଲ ଧାନ ସଂଗ୍ରହ ହୋଇ ସର୍ବକାଳୀନ ରେକର୍ଡ ସୃଷ୍ଟି ହୋଇଥିଲେ ହେଁ ବ୍ୟାଙ୍କ ପକ୍ଷରୁ ଧାର୍ଯ୍ୟ ମୂଲ୍ୟ ମିଳିବାରେ ବିଳମ୍ବ ହେଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଋଣ ଲଗାଣ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ ଏହାର ୮୨ ପ୍ରତିଶତ ପୁରଣ ହୋଇଥିବା ସମ୍ପାଦକ କାଳନ୍ଦୀ ଚରଣ ବିଶ୍ୱାଳ ପ୍ରକାଶ କରିଥିଲେ ।ତେବେ ବିନା ସୁଧରେ ଚାଷୀଙ୍କୁ ଦିଆଯାଉଥିବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥାକୁ ବ୍ୟାପକ କରିବା ଓ ଏଥିପାଇଁ ଆବଶ୍ୟକ ଚାର୍ଜ ସୃଷ୍ଟି କରିବା ଉପରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସି ସି ବି ଶାଖା ପରିଚାଳକ ତାପସ ପ୍ରସାଦ ସିଂ ଗୁରୁତ୍ୱାରୋପ କରିଥିଲେ। ସମିତିର ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ଆସିଥିବାରୁ ତୁରନ୍ତ କାର୍ଯ୍ୟାରମ୍ଭ ପାଇଁ ନିଷ୍ପତି ନିଆଯାଇଥିଲା। ଉକ୍ତ ବୈଠକରେ ଅନାଦେୟ ଋଣ ଆଦାୟ ତଥା ନୂତନ ଗୃହ ନିର୍ମାଣ ନିମନ୍ତେ ସବକମିଟି ଗଠନ କରାଯାଇଥିଲା। ଆଗାମୀ ୨୫ ତାରିଖରେ ଋଣ ଆଦାୟ ମେଳା ଓ ବ୍ୟାଙ୍କିଙ୍ଗ ସେବା ତଥା ଋଣ କର୍ମଶାଳା ଆୟୋଜନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା।

ବୈଠକରେ ଉପ ସଭାପତି ପ୍ରଣଦା ପାଣିଙ୍କ ସମେତ ପାତ୍ର, ପ୍ରଫୁଲ୍ଲ ରାଉଳ, ପ୍ରତାପ ଜେନା, ବିଜୟ ଜେନା, ମାନସ ପ୍ରଧାନ, ପ୍ରତାପ ନାୟକ, ସୁରେନ୍ଦ୍ର ସ୍ୱାଇଁ, ଜ୍ଞାନରଂଜନ ସାହୁ, ଜୟନ୍ତ ପରିଡା ପ୍ରମୁଖ ନିର୍ଦ୍ଦେଶକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସୁଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ବାଲି ଡମ୍ଫର ଜବତ

ବସ୍ତା, ୧୯/୦୩ (ନି.ପ୍ର): ବେଆଇନ ବାଲି ବୋଝେଇ ଡମ୍ଫରକୁ ଜବତ କଲା ଆର ଟି ଓ କର୍ମଚାରୀ। ସୂଚନାରୁ ପ୍ରକାଶ ଷାଠିଏ ନମ୍ବରଜାତୀୟ ରାଜପଥରେ ବାଲି ବୋଝେଇକରି ଯାଉଥିବା ଓଡି ୨୨ ଡବ୍ଲ୍ୟୁ ୩୨୦୨ ଡମ୍ଫର ବେଆଇନ ବାଲି ବୋଝେଇ କରି ନେଇ ଯାଉଥିବା ସମୟର ଆର ଟି ଓ ହାବୁଡରେ ପଡି ଥିଲା । ଆରଟିଓ ଅଧିକାରୀଗାଡି ଜବତ କରି ଅମର୍ଦାରୋଡ ଫାଣ୍ଡିରେ ଜିମା ଦେଇ ଛନ୍ତି ବୋଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି ।

## ମାଟ୍ରିକ ପରୀକ୍ଷାରେ ଘଟିଥିବା ତ୍ରୁଟିକୁ ନେଇ ଏବିଭିପି ତରଫରୁ ବିକ୍ଷୋଭ

ପୁରୀ, ୧୯/୦୩ (ନି.ପ୍ର): ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇଯାଇଛି। ପୂର୍ବବର୍ଷ ଭଳି ଚଳିତ ବର୍ଷ ବିନା କୌଣସି ତ୍ରୁଟିରେ ଦଶମ ପରୀକ୍ଷା କରିବା ପାଇଁ ଯୋଜନା ହେଇଥିଲେ ମଧ୍ୟ ବିଭିନ୍ନ ତ୍ରୁଟି ସାମ୍ନା କୁ ଆସିଚି । ରାଜ୍ୟ ସରକାର ଫାଇଭ ଟି ଯୋଜନା ରେ ଉତମ ଓ ଗୁଣାତ୍ମକ ଶିକ୍ଷା ଯୋଗଦେଇଛନ୍ତି ବୋଲି ମିଛ ଡିଣ୍ଡିମ ପିଟୁଥିବାବେଳେ ୧୬୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ଏଥିପାଇଁ ମନରେ ବିଭିନ୍ନ ପ୍ରକାର ପ୍ରଶ୍ନ ଉଙ୍କିମାରୁଚି ,ଯେ ୧୬୦୦୦ ପରୀକ୍ଷାର୍ଥୀ କୁଆଡେଗଲେ । ପରୀକ୍ଷା ପ୍ରଶ୍ନପତ୍ର ମଧ୍ୟ ଲିକ ହୋଇଛି। ଯାହାଫଳ ରେ ପରୀକ୍ଷାର୍ଥୀ ମାନଂକ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତିକରୁଚି । ୨୫ ବର୍ଷ ର ଶାସନକାଳ ରେ ଆଜିବି ମଧ ଛାତ୍ରୀ ଅସୁରକ୍ଷିତ, ନିକଟ ରେ ଏକ ଦଶମଶ୍ରେଣୀ ଛାତ୍ରୀ କ୍ଷତାକ୍ତ ଅବସ୍ଥାରୁ କାର ଭିତରୁ ଉଦ୍ଧାର ହୋଇଛି । ତେଣୁ ଏହିସବୁ ତ୍ରୁଟିକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପୁରୀ ନଗର ଶାଖା ତରଫରୁ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମଟି ପୁରୀ ନଗର ସମ୍ପାଦକ ସୁଭାସିସ ଷଡ଼ଙ୍ଗୀଙ୍କ ନେତୃତ୍ୱ ରେ ସମ୍ପାଦିତ ହୋଇଛି ।

## ଗୋ ଆଧାରିତ କୃଷି ଆପଣାନ୍ତୁ ଚାଷୀ : ମୋହନ ଭାଗବତ

ମେରଠ, ୧୯/୦୩ (ନି.ପ୍ର): ଚାଷୀ ମାନଙ୍କର ସମସ୍ୟା କମ କରିବାକୁ ହେଲେ ଚାଷରେ ଖର୍ଚ୍ଚକୁ କମ କରିବାକୁ ପଡିବ । ଏହା କେବଳ ଗୋ ଆଧାରିତ କୃଷି ଦ୍ୱାରା ସମ୍ଭବ । ଗୋ ଆଧାରିତ ଜୈବିକ କୃଷି ଦ୍ୱାରା ହିଁ ବିଷ ବିହୀନ ଖାଦ୍ୟ ପଦାର୍ଥ ଓ ବିଷମୁକ୍ତ ପରିବେଶ ଆମେ ପାଇ ପାରିବା । ତେଣୁ ସାରା ଦେଶର ଚାଷୀ ମାନେ ଗୋ ଆଧାରିତ କୃଷି କରିବା ଉଚିତ । ଉତର ପ୍ରଦେଶର ମେରଠ ଠାରେ ତିନି ଦିନିଆ ଗୋ ଆଧାରିତ ଜୈବିକ କୃଷି କୃଷକ ମାନଙ୍କର ତିନିଦିନିଆ ମହା ସମ୍ମିଳନୀର ଶେଷ ଦିନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ. ମୋହନ ଭାଗବତ ଏହା କହିଛନ୍ତି ।

# ମୟୁରଭଂଜର ପ୍ରସିଦ୍ଧ ଚୈତ୍ରପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ : ଏପ୍ରିଲ ୧୧ରୁ ୧୫ ପଲ୍ଲିଶ୍ରୀ ମେଳା



ବାରିପଦା, ୧୯/୦୩ (ନି.ପ୍ର): ମୟୁରଭଂଜ ଜିଲ୍ଲାର ପ୍ରସିଦ୍ଧ ଚୈତ୍ର ପର୍ବ -୨୦୨୩ ପାଳନ ନେଇ ପ୍ରଶାସନ ତରଫରୁ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ ସେଂଟର ଠାରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଏପ୍ରିଲ ଏଗାର ତାରିଖ ରୁ ତେର ତାରିଖ ପର୍ଯ୍ୟନ୍ତ ମୟୁରଭଂଜ ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ସ୍ଥାନୀୟ ଛଉ ପଡିଆ ଠାରେ ପରିବେଷଣ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଏହି ଅବସରରେ ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଓରମାସ ପକ୍ଷରୁ ଛଉ ପଡିଆ ସଂଲଗ୍ନ କଲେଜ ପଡିଆ ଠାରେ ପଲ୍ଲିଶ୍ରୀ ମେଳା ଏପ୍ରିଲ ୧୧ ତାରିଖ ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ ଲ ଉକ୍ତ ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ଷ୍ଟଲ ରେ ଘରୋଇ ଉଦ୍ୟୋଗୀ ମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ ସହିତ ପ୍ରତିଦିନ ସନ୍ଧ୍ୟା ରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାର ର ବିଭିନ୍ନ ସାଂସ୍କୃତିକ ଦଳ ର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଜିଲ୍ଲାର ଐତିହ୍ୟ ସମ୍ପନ୍ନ ଛଉ ନୃତ୍ୟ ସାଂସ୍କୃତିକ ଉତ୍ସବର ପ୍ରଥମ ଦିବସ ୧୧ ତାରିଖ ରେ ବାରିପଦା, ରାଇରଙ୍ଗପୁର ଓ କରଂଜିଆ ଉପଖଣ୍ଡ ଅଂଚଳରୁ ଯୋଗ୍ୟ ବିବେଚିତ ଗ୍ରାମାଂଚଳ ଛଉ ନୃତ୍ୟ କଳାକାର ମାନଙ୍କ ଦ୍ୱାରା ଏବଂ ଉତ୍ସବ ର ଦ୍ୱିତୀୟ ଓ ତୃତୀୟ ଦିନ ବାରିପଦା ର ପ୍ରସିଦ୍ଧ ପାରମ୍ପରିକ ଛଉ ନୃତ୍ୟ ପ୍ରତିଷ୍ଠାନ ଉତର ସାହି ଓ ଦକ୍ଷିଣ ସାହି ଛଉ ପ୍ରତିଷ୍ଠାନ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହେବ । ଏହି ଅବସର ରେ ସ୍ମରଣିକା ପ୍ରକାଶନ ପାଇଁ ନିଷ୍ପତି ନିଆଯାଇଛି ସର୍ବୋପରି ତିନି ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଏହି ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ର ସୁପରିଚାଳନା ନିମନ୍ତେ ଛଉ ପଡିଆ ଠାରେ ବେରିକେଡ଼ ନିର୍ମାଣ, ଛଉ ନୃତ୍ୟ ମଂଚ ସାଜସଜା, ବିଦ୍ୟୁତ ଯୋଗାଣ, ଅଗ୍ନିଶମ ସେବା, ପାନୀୟ ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୋଲିସ ଫର୍ସ ମୃତୟନ ଆଦି ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭକ୍ତଷ ମାନଙ୍କୁ ଯଥା ରୀତି ସୂଚାଇ ଦେବା ପାଇଁ ସମ୍ପୃକ୍ତ ଅଧିକାରୀ ଙ୍କୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ଛଉ ନୃତ୍ୟ କଳା କ୍ଷେତ୍ର ରେ କୃତୀତ୍ୱ ହାସଲ କରିଥିବା କଳାକାର ମାନଙ୍କୁ ପୁରସ୍କାର ରାଶି ସହ ମାନପତ୍ର ଦେଇ ସମ୍ମାନିତ କରାଯିବ ବୋଲି ଜଣାଯାଇଛି । ବୈଠକ ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରିଷିକେଶ ଦ୍ୟାନ ଦେଓ ଖିଲାରୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ ) ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ଓରମାସ ର ଡେପୁଟି ସିଇଓ ବିମାନ ମଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଉତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ର କର୍ମକର୍ତା ମାନେ ଯୋଗ ଦେଇ ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବର ବ୍ୟାପକ ପ୍ରସ୍ତୁତି




ଲଙ୍ଗଳେଶ୍ୱର, ୧୯/୦୩ (ନି.ପ୍ର): ବାଲିଆପାଳ ବିକାଶ ପରିଷଦ ପକ୍ଷରୁ ଆସନ୍ତା ୨୧ ତାରିଖ ଠାରୁ ଅନୁଷ୍ଠିତ ହେଉଥିବା ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବ ର ବ୍ୟାପକ ପ୍ରସ୍ତୁତି ଚାଲିଛି ବୋଲି ଆଜି ନେତାଜୀ ଷ୍ଟାଡିଅମ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ପରିଷଦର ସଦସ୍ୟ ମାନେ କହିଛନ୍ତି। ସ୍ନେହ ପ୍ରେମ ଓ ପ୍ରଗତିର ଏହା ଅଭିନବ ଉତ୍ସବ। ଦୀର୍ଘ ୧୦ଦିନ ଧରି ହେବାକୁଥିବା ଏଇ ଉତ୍ସବ ନିଆରା ଢଙ୍ଗ ରେ ହେବ । ଓଲିଉଡ ଓ ବଲିଉଡର ଅଭିନେତା ଅଭିନେତ୍ରୀ ମାନଙ୍କର ମିଳନ, ମହିଳା ମାନଙ୍କ ରୋଷେଇ ପ୍ରତିଯୋଗିତା, ବିଶିଷ୍ଟ ସାହିତ୍ୟିକ,ସାମ୍ବାଦିକ, କଳାକାର,ଅନ୍ୟାନ୍ୟ ପ୍ରତିଭାବାନ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚିତ୍ରକଳା, ବନ୍ଧୁମିଳନ, ଐତିହାସିକ ଓ ପୌରାଣିକ ପୋଷାକ ଫେନ୍ସି ଡ୍ରେସ, ସ୍କୁଲ ପିଲାମାନଙ୍କର ପ୍ରତିଯୋଗିତା, ମନୋରଞ୍ଜନ, କଳା ସାହିତ୍ୟ ସଂସ୍କୃତି କୁ ଉଜୀବିତ କରିବା ସମେତ ବହୁ ନିଆରା କାର୍ଯ୍ୟକ୍ରମ ହେବ ବୋଲି ସଭାପତି ଡ଼ଃ ସୁଶାନ୍ତ ଦାସ କହିଛନ୍ତି। ଏଇ ସାମ୍ବାଦିକ ସମ୍ମିଳନୀ ରେ ଯୁବନେତା ସତ୍ୟ କାମ ମହାନ୍ତି, ସମ୍ପାଦକ ପ୍ରତାପ କୁମାର ପାତ୍ର, ବାଲିଆପାଳ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ଅସ୍ତି ସରପଞ୍ଚ ପ୍ରତିନିଧି, ହରେକୃଷ୍ଣ ଜେନା, ବାବୁଲି ଜେନା, ସଦାଶିବ ସେଠି, ରାଧାକୃଷ୍ଣ ଦାସ ମହାପାତ୍ର, ତପନ କୁମାର ପ୍ରଧାନ ଜଗତ କୁମାର ଜେନା ଯୋଗଦେଇ ଉତ୍ସବକୁ ସରସ ସୁନ୍ଦର କରିବାପାଇଁ ଜନସାଧାରଣ, ପ୍ରେସ, ପ୍ରଶାସନର ସହଯୋଗ କାମନା କରିଥିଲେ। ଶେଷରେ ମିଡିଆ କୋଡ଼ିନେଟର ପ୍ରଦୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀ ରେ ପରିଷଦର ୧୦୧ଜଣ ସଦସ୍ୟ ଉପସ୍ଥିତ ଥିଲେ।

## ଗଛ ପଡି ୩ଟି ଘର ଭାଙ୍ଗିଲା, ଅଳ୍ପକେ ବର୍ତ୍ତିଲେ ୩ଟି ପରିବାର

ଜୟପୁର , ୧୯/୦୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ପଞ୍ଚାୟତର ଦଣ୍ଡସେନାଗୁଡା ରେ ଗଛ ପଡି ତିନୋଟି ଘର ଭାଙ୍ଗିଛି । ରାତ୍ର ରେ ପ୍ରବଳ ପବନ ସହ ବର୍ଷା ହେବାରୁ ଘର ଉପରେ ଗଛ ପଡିଯାଇଥିଲା । ପର୍ଶୁ ରାମ ତନ୍ତି, ଗଣେଷ ତନ୍ତି, ହରେକୃଷ୍ଣ ତନ୍ତିଙ୍କ ଘରେ ଲୋକ ମାନେ ଶୋଇଥିବା ବେଳେ ଗଛ ପଡିବାରୁ ଘରୁ ବାହାରି ପଡିଥିଲେ । ଅଳ୍ପକେ ବର୍ତିଲେ ୩ଟି ପରିବାର । ସମାଜସେବି ବି ହରି ରାଓ ଜୟପୁର ଦମକଳ ବିଭାଗ କୁ ଖବର ଦେଇଥିଲେ । ଦମକଳ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବା ଜଣାଯାଇଛି ।

## ପ୍ରାନ୍ତୀୟ ମାରୱାଡ଼ି ସମ୍ମେଳନର ସାଧାରଣ ପରିଷଦ ଅଧିବେଶନ




ବାଲେଶ୍ୱର, ୧୯/୦୩ (ନି.ପ୍ର): ଉତ୍କଳ ପ୍ରାନ୍ତୀୟ ମାରୱାଡ଼ି ସମ୍ମେଳନ ବାଲେଶ୍ୱର ଶାଖାର ସାଧାରଣ ପରିଷଦ ଅଧିବେଶନ ସହରର ମୋତିଗଞ୍ଜ ସ୍ଥିତ ରାଜସ୍ଥାନ ଭବନରେ ଅନୁଷ୍ଠିତ ହୋଇଯାଇଛି । ମାରୱାଡ଼ି ସମ୍ମେଳନର ବାଲେଶ୍ୱର ଶାଖା ସଭାପତି ଧର୍ମେନ୍ଦ୍ର ପ୍ରସାଦ ମୋର ଏଥିରେ ସଭାପତିତ୍ୱ କରିବା ସହ ସମାଜ ସଂସ୍କାର ଓ ଜନକଲ୍ୟାଣ କାର୍ଯ୍ୟରେ ସଂଗଠନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମାଜଗଠନ କାର୍ଯ୍ୟରେ ମାରୱାଡ଼ି ସମ୍ମେଳନର ପ୍ରତ୍ୟେକ ଅନୁବନ୍ଧିତ ସଂଗଠନ ସହ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଶ୍ରୀ ମୋର ପରାମର୍ଶ ଦେଇଥିଲେ । ଜିଲା ସମ୍ପାଦକ ସୌରଭ ରାଠି, କୋଷାଧ୍ୟକ୍ଷ ସୁଶୀଲ ଜାଲାନ, ରାଜକୁମାର ଖଣ୍ଡେଲୱାଲ, ଶିବ କୁମାର ପୋଦାର, ଉତ୍କଳ ପ୍ରାନ୍ତିୟ ମାରୱାଡି ସମ୍ମେଳନର କାର୍ଯ୍ୟକାରିଣୀ ସଦସ୍ୟ ଦ୍ୱାରକା ପ୍ରସାଦ ମୋର ପ୍ରମୁଖ ଏଥିରେ ଯୋଗଦେଇ ସଂଗଠନର ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ନିଜ ମତାମତ ରଖିଥିଲେ। ଅପରିଚିତ ବ୍ୟକ୍ତିଙ୍କ ଶବଦାହ କରାଉଥିବା ମନୋଜ ପୋଦାରଙ୍କୁ ଏହି ଅବସରରେ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଥି ସହିତ ମାରୱାଡି ସମାଜର ପିଲାମାନଙ୍କ ମଧ୍ୟରେ ଆଧାତ୍ମିକ ବିଷୟବସ୍ତୁ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଦସ୍ୟ ମିଠୁ ପୋଦାର ଏଥିରେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରଞ୍ଜିତ ଖଣ୍ଡେଲୱାଲ, ସଞ୍ଜିବ ଅଗ୍ରୱାଲ, ମହେନ୍ଦ୍ର ଶାହା, ମନୋଜ ମୋଦି, ସନ୍ତୋଷ ମୋଦି, ନୱଲ ଅଗ୍ରୱାଲ, ମନୋହର ପେରିୱାଲ, ମୋହିତ ପୋଦାର, ସାଜନ ଅଗ୍ରୱାଲ ପ୍ରମୁଖ ମାରୱାଡି ସମାଜର ବହୁ ସଦସ୍ୟ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଇମ୍ରାନ ଖାନଙ୍କ ନାଁରେ....

ଆତଙ୍କବାଦ ମାମଲା ରୁଜୁ କରିଛି। ଇମ୍ରାନ ଖାନ ଓ ତାଙ୍କ ଦଳ ପିଟିଆଇର କର୍ମକର୍ତ୍ତାମାନେ ଇସଲାମାବାଦ ନ୍ୟାୟିକ କମ୍ପ୍ଲେକ୍ସ ବାହାରେ ଭାଙ୍ଗା ରୁଜା କରିବା ସହ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିସହ ପ୍ରବଳ ବିଶୃଙ୍ଖଳା ମଧ୍ୟ କରିଥିଲେ। ଇମ୍ରାନ ଖାନଙ୍କ ନାଁରେ ରୁଜୁ ଦୁର୍ନୀତି ମାମାଲର ଶୁଣାଣି ଚାଲିଥିବା ବେଳେ ବାହାରେ ଏପରି ଘଟଣା ଘଟିଥିଲା। ଏଥିପାଇଁ ଆଜି ପୁଲିସ୍ ଇମ୍ରାନ ଓ ପିଟିଆଇର ଅନେକ କର୍ମକର୍ତ୍ତାଙ୍କ ବିରୋଧରେ ଆତଙ୍କବାଦ ମାମଲା ରୁଜୁ କରିଛି। ତୋଷଖାନା ମାମଲାରେ ଇମ୍ରାନ ଖାନ ଶନିବାର ଲାହୋରରୁ କୋର୍ଟ ଶୁଣାଣି ପାଇଁ ଇସଲାମାବାଦ ଆସିଥିଲେ। ତାଙ୍କ ସହ ପିଟିଆଇର ଶତାଧିକ କର୍ମୀ ମଧ୍ୟ ଇସଲାମାବାଦ ନ୍ୟାୟିକ କମ୍ପ୍ଲେକ୍ସ ବାହାରେ ଉପସ୍ଥିତ ରହିଥିଲେ। ଏତିକି ବେଳେ ପିଟିଆଇ କର୍ମୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ୨୫ ଜଣ ସୁରକ୍ଷାକର୍ମୀ ଆହତ ହୋଇଥିଲେ। ସଂଘର୍ଷ ଭୟଙ୍କର ରୂପ ନେବାରୁ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ ଜାଫର ଇକବାଲ ମାମଲାର ଶୁଣାଣିକୁ ମାର୍ଚ୍ଚ ୩୦ ଯାଏ ଘୁଞ୍ଚାଇବାକୁ ବାଧ୍ୟ ହୋଇଥିଲେ। ଆଜି ପୁଲିସ ଶନିବାର ଗିରଫ ହୋଇଥିବା ପିଟିଆଇ କର୍ମକର୍ତ୍ତା ଓ ଫେରାର ଥିବା ଦଳୀୟ ନେତାଙ୍କ ନାଁରେ ମାମଲା କରିଛି। ଇସଲାମାବାଦ ପୁଲିସ୍ ରୁଜୁ କରିଥିବା ଏଫଆଇଆରରେ ୧୭ ଜଣ ପିଟିଆଇ ନେତାଙ୍କ ନାଁ ରହିଛି। ପିଟିଆଇ କର୍ମକର୍ତ୍ତାମାନେ ପୁଲିସ୍ ଚେକପୋଷ୍ଟ ଓ ନ୍ୟାୟିକ କମ୍ପ୍ଲେକ୍ସର ମୁଖ୍ୟ ଫାଟକକୁ ଭାଙ୍ଗି ଦେଇଛନ୍ତି। ଏହି ଭଙ୍ଗାରୁଜା ଓ ପୋଡ଼ାଜଳା ଘଟଣାରେ ୧୮ ଜଣଙ୍କୁ ଗିରଫ କରାଯାଇଛି। ସଂଘର୍ଷ ବେଳେ ଆନ୍ଦୋଳନକାରୀମାନେ ନ୍ୟାୟିକ କମ୍ପ୍ଲେକ୍ସକୁ ପଥର ମାଡ଼ କରିଥିଲେ। ସେମାନେ ଦୁଇଟି ପୁଲିସ୍ ଗାଡ଼ି ସହ ୭ଟି ବାଇକ ପୋଡ଼ିଛନ୍ତି। ଏସଏଚ୍‌ଓଙ୍କ ଗାଡ଼ିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି ବୋଲି ଏଫଆଇଆରରେ ଉଲ୍ଲେଖ କରାଯାଇଛି। ୭୦ ବର୍ଷୀୟ ଇମ୍ରାନ ଖାନ ତୋଷଖାନା ମାମଲାରେ ଶନିବାର ନିଜର ସମର୍ଥକଙ୍କ ସହ ଲାହୋରରୁ ଇସଲାମାବାଦ ଆସିଥିଲେ। ସେ କୋର୍ଟରେ ହାଜର ହେବାକୁ ଆସିଥିବା ବେଳେ ପଞ୍ଜାବ ପୁଲିସ୍‌ର ପ୍ରାୟ ୧୦ ହଜାର ସଶସ୍ତ୍ର ଯବାନ ତାଙ୍କ ଘରର ଗେଟ ଭାଙ୍ଗି ଭିତରେ ପଶିଥିଲେ ଓ ପିଟିଆଇର ୧୨ରୁ ଅଧିକ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲେ।

### ମାଲକାନଗିରିରେ କଲବଲ କଲା....

ସବୁଠୁ ଅଧିକ ପ୍ରଭାବିତ ହୋଇଛି ମାଲକାନଗିରି, କୋରାପୁଟ ଜିଲ୍ଲା । ମାଲକାନଗିରି ମେଟାଗୁଡ଼ା ଗାଁରେ କାନ୍ଥ ପଡ଼ି ଚାଲିଗଲା ୪ ମାସ ଶିଶୁ କନ୍ୟାର ଜୀବନ । ମା’, ବାପା ଗୁରୁତର ଆହତ ହୋଇଥିବା ସୂଚନା ରହିଛି । ସେହିପରି ଏମପିଭି ୪୧ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଝଡ଼, ବର୍ଷା ଯୋଗୁଁ ୧୦ରୁ ଅଧିକ ଘର ଭାଙ୍ଗି ଯିବା ସହ ଉଡି ଯାଇଛି ଅନେକ ଘରର ଛପର । କାନ୍ଥ ପଡ଼ି ଜଣେ ମହିଳା ଆହତ ହୋଇଥିବା ବେଳେ ଘରେ ପାଣି ପଶିଯିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି । କୋରାପୁଟରେ ଅଦିନିଆ ଝଡ଼ ବର୍ଷା ଯୋଗୁଁ ଚାଳ ଛପର ଓ ଆଜବେଟସ୍ ଉଡିଯାଇଛି । ସାଇତି ରଖିଥିବା ଖାଦ୍ୟଶସ୍ୟରେ ପାଣି ପଶିଯିବାରୁ ନଷ୍ଟ ହୋଇଯାଇଛି । ଦଶମନ୍ତପୁର ବ୍ଲକ ହାତୀମୁଣ୍ଡା ଗାଁରେ ଅନେକ କ୍ଷୟକ୍ଷତି ହୋଇଛି । ପାଣିପାଗ ବିଭାଗ ଜାରି କରିଥିବା ସାଟେଲାଇଟ୍ ଚିତ୍ର । ଓଡ଼ିଶାର କିଛି ସ୍ଥାନରେ ଏବେ ବି ବାଦଲର ବଳୟ ରହିଛି । ଆସନ୍ତା ୧୨ ଘଂଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ଅନେକ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ ବିଭାଗ । ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଗଜପତି, ଗଂଜାମ, କନ୍ଧମାଳ, ଦେବଗଡ଼, ସୁନ୍ଦରଗଡ଼, କେଉଁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ଜିଲ୍ଲାରେ ୪୦-୫୦ କିଲୋମିଟର ବେଗରେ ପବନ ବହିବା ଆଶଙ୍କା ରହିଛି । ଗୋଟିଏ ପଟେ ବର୍ଷା ଯୋଗୁଁ ତାତିରୁ ସାମୟିକ ଆଶ୍ୱସ୍ତି ମିଳିଥିବା ବେଳେ ଅନ୍ୟପଟେ ପଶ୍ଚିମାଝଡ଼ ଅନେକଙ୍କୁ ଦୁଃଖ ଦେଇଛି ।

### ପ୍ରଶାସନିକ ଅଧିକାରୀଙ୍କ....

ରଖିଛନ୍ତି ଓ ଦକ୍ଷତା ସମ୍ପନ୍ନ ନଥିବା ଲୋକଙ୍କୁ ମନ୍ତ୍ରୀ ମଣ୍ଡଳ ଭିତରେ ରଖିଛନ୍ତି । ୫ଟି ଏକ ଚିନ୍ତାଧାରା ବୋଲି ବିଜେଡି କହୁଛି । ଚିନ୍ତାଧାରାଟି ଲୋକଙ୍କ ସମସ୍ୟାର ସମାଧାନ କରିବ କେମିତି ? କାଲିର କଥାରେ ୫ଟି ଥିଲା, ନା ସିଏମଓ ଥିଲା, ନା ଉଭୟ କଥାର ମିଛର ସାହାରା ନିଆଯାଇଥିଲା । ଜଣେ ପ୍ରଶାସନିକ ଅଧିକାରୀକୁ ବିଜେଡ଼ି କେତେବେଳେ କେଉଁ ପଦ ପଦବୀରେ ଅଳଙ୍କୃତ କରୁଛି ? କେତେବେଳେ ୫ଟି ଆଳରେ ଚିନ୍ତାଧାରା କହୁଛି ତ କେତେବେଳେ ସିଏମଓ କହୁଛି । ଏହି ପରମ୍ପରା ଓଡ଼ିଶାରେ କେବେ ଦେଖିବାକୁ ମିଳିନଥିଲା କି କେବେ ଜଣେ ରାଜନୈତିକ ବ୍ୟକ୍ତି ପ୍ରଶାସନିକ ବ୍ୟକ୍ତିର ଚାଟୁକାରିତା କରିବାର ନଜିର ନଥିଲା । ଏବେ ଓଡ଼ିଶାରେ ନୂଆ ପରମ୍ପରା ସୃଷ୍ଟି ହେଉଛି । ଜଣେ ଜନ ପ୍ରତିନିଧି ହିସାବରେ ଆପଣ ଓଡ଼ିଶା ଲୋକଙ୍କୁ ଆଉ ଭୂଆଁ ବୁଲାନ୍ତୁ ନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଣଜିତ୍ ଦାସ ଉପସ୍ଥିତ ଥିଲେ ।

## ତାମିଲନାଡୁର ତିରୁଚିରାପଲ୍ଲୀରେ ସଡ଼କ ଦୁର୍ଘଟଣା, ୬ ମୃତ

ତିରୁଚିରାପଲ୍ଲୀ,୧୯/୦୩ : ତାମିଲନାଡୁର ତିରୁଚିରାପଲ୍ଲୀରେ ଆଜି ସକାଳେ ଏକ ମିନି ଭ୍ୟାନ୍ ଏବଂ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ୬ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ, ଜଣେ ମହିଳା ଏବଂ ଜଣେ ଶିଶୁ ଥିବା ଜଣାପଡିଛି । ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ମିନି ଭ୍ୟାନ୍ ରେ ମୋଟ୍ ୯ ଜଣ ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଛି । ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତି କରାଯାଇଛି ।

## ଟୋଂସ ନଦୀକୁ ଖସିଲା କାର୍, ୪ ମୃତ

ଉତରକାଶୀ,୧୯/୦୩ : ଉତରାଖଣ୍ଡ - ହିମାଚଳ ସୀମାନ୍ତ ଟୋଂସ ନଦୀକୁ ଏକ କାର୍ ଭାରସାମ୍ୟ ହରାଇ ଖସି ପଡିବା ଫଳରେ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ଘଟିଛି । କାର୍ ଟି ବିକାଶନଗରରୁ ଯାତ୍ରୀଙ୍କୁ ନେଇ ଆଜି ସକାଳେ ହିମାଚଳର ଚୌପାଲ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଖବର ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି ।

## ଦୀର୍ଘଦିନ ପରେ ବର୍ଷା ଜନମାନସ ଆଶ୍ୱସ୍ତ

ବାରିପଦା, ୧୯/୦୩ (ନି.ପ୍ର): ବିଗତ ଅଗଷ୍ଟ ସେପ୍ଟେମ୍ବର ମାସ ଠାରୁ ବର୍ଷା ହୋଇ ନଥିବା ବେଳେ, ଦୀର୍ଘ ଦିନର ଅନ୍ତର ପରେ ମୟୂରଭଂଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ଦ୍ୱିପ୍ରହର ସନୟରେ ଘଡଘଡିସହ ପ୍ରବଳ ବର୍ଷା ଏବଂ ପବନ ହୋଇଥିଲା । ସେହିପରି ବର୍ଷା ଝିପିଝିପି ହେବା ସହ ପୁଣି ସଂଧ୍ୟାରେ ପ୍ରବଳ ବର୍ଷା ହୋଇଛି । ତେବେ ଦୀର୍ଘଦିନ ଧରି ବର୍ଷା ହୋଇନଥିବାରୁ ଉତାପ ବଢୁଥିବା ବେଳେ ଶିମିଳିପାଳ ଅରଣ୍ୟ ଏବଂ ଏହାର ପାଦ ଦେଶର ରିଜର୍ଭ ଏବଂ ଗ୍ରାମ୍ୟ ଜଙ୍ଗଲ ଗୁଡିକରେ ଲାଗିଥିବା ନିଆଁ ଯୋଗୁଁ ପରିବେଶ ଉତପ୍ତ ରହୁଥିଲା । ଜଙ୍ଗଲଅଗ୍ନୀ ବନ ବିଭାଗର ନିଦ ହଜେଇ ଦେଇଥିବା ବେଳେ, ଆଜିର ବର୍ଷା ଯୋଗୁଁ ଜଙ୍ଗଲ ଅଗ୍ନୀ ନିର୍ବାପିତ ହେବା ସହ ଜନମାନସ କୁ ଆଶ୍ୱସ୍ତି ମିଳିଛି । ଦ୍ୱିପ୍ରହର ସମୟରେ ବର୍ଷା ସାଙ୍ଗକୁ ପବନ ମଧ ବୋହି ଥିବାରୁ କାଭାଁ ଗଛଡାଳ ଭାଙ୍ଗିପଡିଥିବା ବେଳେ ବାରିପଦା ସହର ଉପକଣ୍ଠ ତେନ୍ତୁଳି ଡିଙ୍ଗା ଠାରେ ରାସ୍ତା ଉପରେ ଏକ ବିଶାଳ ଗଛ ପଡି ରାସ୍ତା ଅବରୋଧ ହୋଇ ଥିବା ବେଳେ ଅଗ୍ନୀଶମ କର୍ମଚାରୀ ମାନେ ଗଛକୁ କାଟି ରାସ୍ତାରୁ ହଟାଇ ଥିବାର ଦେଖା ଯାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ବର୍ଷା ହୋଇଥିବାର ସୂଚନା ମିଳିଛି ।

## କଷାଫଳ ଘାଟରେ ବୁଡ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ଲଙ୍ଗଳେଶ୍ୱର, ୧୯/୦୩ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ କଷାଫଳ ବେଳାଭୂମି ସାରଙ୍ଗ ପୀଠ ନିକଟରେ ପ୍ରତି ବର୍ଷ ଭଳି ବାରୁଣୀ ସ୍ନାନ ଏବଂ ମେଳା ଅନୁଷ୍ଠିତ ହୋଇଯାଇଛି ।ଗତ ତିନିବର୍ଷ ଧରି କୋଭିଡ କଟକଣା ପାଇଁ ବନ୍ଦ ଥିବା ବାରୁଣୀ ମେଳା ଯୋଗୁଁ ଚଳିତ ବର୍ଷ ଲୋକଙ୍କ ମଧ୍ୟରେ ବହୁ ଉତ୍ସାହ ଦେଖିବାକୁ ମିଳିଥିଲା ।ଗତ କାଲି ରାତିଠାରୁ ପାଗ ଖରାପକୁ ଖାତର ନ କରି ଲୋକମାନେ ବିଭିନ୍ନ ଯାନବାହନ ରେ ଯାତାୟାତ କରିବାର ଦେଖିବାକୁ ମିଳିଥିଲା ।ସମୁଦ୍ରରେ ସ୍ନାନ ପାଇଁ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ସମାଗମ ହୋଇଥିବାର କମିଟିର ସଦସ୍ୟ ମାନେ କହିଛନ୍ତି। ହଜାର ହଜାର ଛୋଟ ବଡ଼ ଦୋକାନୀ ବ୍ୟବସାୟ କରିଥିବା ବେଳେ ବହୁ ସମାଜସେବୀ ଅନୁଷ୍ଠାନ ଜଳଛାତ୍ର, ବୁଟ ପ୍ରଦାନ କରିଥିଲେ ।ଶୃଙ୍ଖଳା ରକ୍ଷା ପାଇଁ ସିଂଲା ଥାନା ପକ୍ଷରୁ ତିନି କାର୍ଟୁନ ପୋଲିସ ମୃତୟନ କରିଥିଲେ ।ପିଇବା ପାଣି ଯୋଗାଇବା ସହିତ ଶାନ୍ତି ଶୃଙ୍ଖଳା ପାଇଁ ବହୁ ସ୍ୱେଚ୍ଛାସେବୀ ମାନେ ମୁତୟନ କରାଯାଇଥିଲା ।ଲକ୍ଷ ଲକ୍ଷ ଲୋକ ସମାଗମ ହୋଇଥିଲେ ହେ ଶାନ୍ତି ଶୃଙ୍ଖଳା ସହ ବାରୁଣୀ ସ୍ନାନ ଅନୁଷ୍ଠିତ ହୋଇଥିଲା ।ସେହିଭଳି ଭାବେ ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ର ଯମୁନା ଶୂଳ ଠାରେ ସମୁଦ୍ର ବେଳାଭୂମି ରେ ମଧ୍ୟ ହଜାର ହଜାର ଲୋକ ସମାଗମ ହୋଇ ବାରୁଣୀ ବୋଡ଼ ପକାଇଥିଲେ ।ଦୁଇଦିନ ଧରି ଅଷ୍ଟ ପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇ ପଚାଶ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଡଗରା ରେ ମଧ୍ୟ ଆନନ୍ଦ ଉଲ୍ଲାସର ସହିତ ବାରୁଣୀ ସ୍ନାନ ଅନୁଷ୍ଠିତ ହୋଇଯାଇଛି।

# ନୀଳଗିରିରେ ‘ସୁଖୀ’ ସାନିଟାରି ନାପିକିନ୍ ପ୍ରସ୍ତୁତି କେନ୍ଦ୍ର ଉଦ୍‌ଘାଟିତ

ନୀଳଗିରି, ୧୯/୦୩ (ନି.ପ୍ର): ଅବହେଳିତା ଓ ଅଭାବି ଗୋଷ୍ଠୀ ଗୁଡ଼ିକର ଯୁବତୀ ଓ ମହିଳା ମାନଙ୍କର ଅର୍ଥନୈତିକ ସଶକ୍ତିକରଣ ଓ ଉଦୌଗିକ କୌଶଳ ବୃଦ୍ଧି କରି ରୋଜଗାର ସୁବିଧା ପାଇଁ “ପ୍ଲାନ୍ ଇଣ୍ଡିଆ” ପକ୍ଷରୁ ନୀଳଗିରି ବ୍ଲକର ପୋଡ଼ାଶୁଳ ଗାଁରେ ଏକ ସାନିଟାରି ନାପକିନ ପ୍ରସ୍ତୁତି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ.ସୁକାନ୍ତ କୁମାର ନାୟକ ଯୋଗଦେଇ ନାପ୍‌କିନ ପ୍ରସ୍ତୁତି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଆର୍ଥିକ ଅନଗ୍ରସର ଗୋଷ୍ଠୀର ଯୁବତୀ ଓ ମହିଳାମାନଙ୍କ ପାଇଁ ରୋଜଗାର ସୁବିଧା ପାଇବା ଏହା ଏକ ଦୃଷ୍ଟାନ୍ତ ମୂଳକ ଉଦାହରଣ ସାଜିଛି । ମହିଳାମାନଙ୍କୁ ଧନ୍ଦାମୂଳକ ତାଲିମଦେଇ ସେମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ପାଇଁ ପ୍ଲାନ ଇଣ୍ଡିଆ ତରଫରୁ “ସୁଖି” ନାପକିନ୍ ପ୍ରକଳ୍ପ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଯୋଗଦେଇ ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ଲାନ ଇଣ୍ଡିଆର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହମ୍ମଦ ଆସିଫ୍ ମଂଚାସୀନ ରହି ଋତୁସ୍ରାବ କାଳିନ ପରିଛନ୍ନତା ଏବଂ ସାନିଟାରି ନାପକିନ୍ ବ୍ୟବହାର ର ଗୁରୁତ୍ୱ ସଂପର୍କରେ ସଚେତନତା ବାର୍ତା ଦେଇଥିବା ବେଳ ମହିଳା ଗୋଷ୍ଠୀକୁ ପ୍ରକଳ୍ପ ତରଫରୁ ମାଗଣା ଯନ୍ତ୍ରପାତି ଏବଂ ସାନିଟାରି ନାପକିନ୍ ସାମଗ୍ରୀ ଯୋଗାଇ ଦିଆଯାଇଥିଲା ବେଳେ ୬ମାସ ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବବୋଲି ପ୍ରକାଶ କରିଥିଲେ । ବରେଣ୍ୟ ଅତିଥି ଭାବେ ପ୍ଲାନ ଇଣ୍ଡିଆର ପ୍ରତିଷ୍ଠାତା ତଥଶ ମୁଖ୍ୟ ପଜିଟିଭ୍ ଗୁରୁ ଆଇ ଇନ୍‌ସ୍କାୟାର ଫାଉଣ୍ଡେସନର ପଜିଟିଭି ଋଷିକୁମାର ମଂଚାସୀନ ରହି ୧୯୭୯ ମସିହାରୁ ପ୍ଲାନ ଇଣ୍ଡିଆ ଏବଂ ଏହାର ସହଯୋଗୀ ଅନୁଷ୍ଠାନ ଗୁଡ଼ିକୁ ଶିଶୁ ଅଧିକାରକୁ ଆଗେଇନେବା ଏବଂ ବାଳିକାମାନଙ୍କୁ ସମାନ ଅଧିକାର ପ୍ରଦାନ ଦିଗରେ ବିଶ୍ୱବ୍ୟାପି କାର୍ଯ୍ୟ କରୁଥିଲା ବେଳେ ରବିବାର ପୋଡ଼ାଶୁଳ ଠାରେ ଉଦ୍‌ଘାଟନ କରାଯାଇଥିବା “ସୁଖି” ସାନିଟାରୀ ନାପକିନ୍ କେନ୍ଦ୍ର ଅଜ୍ଞାତ ଓ ଅଶିକ୍ଷିତ ଯୁବତୀ ଓ ମହିଳାମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏହା କବଚ ସଦୃଶ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ବରେଣ୍ୟ ଅତିଥି ଭାବେ ନୀଳଗିରି ରାଜପରିବାରର ସଦସ୍ୟ ଜଗଦିଶ ମର୍ଦ୍ଦରାଜ ହରିଚନ୍ଦନ ଓ ତାଙ୍କ ସହଧର୍ମିଣୀ ଜ୍ୟୋତ୍ସ୍ନା ଦେବୀ ମର୍ଦ୍ଦରାଜ ହରିଚନ୍ଦନ, ଗଙ୍ଗାଧର ମିଶ୍ର, ଲକ୍ଷ୍ମୀଧର ସ୍ୱାଇଁ, ସରପଂଚ ସୁରଥ ସିଂ, ପ୍ଲାନ ଇଣ୍ଡିଆର ସିନିଅର ପ୍ରୋଗ୍ରାମ ମ୍ୟାନେଜର ତୁଷାରକାନ୍ତି ଦାସ, ମଂଚାସୀନ ରହି ନାପକିନ୍ ବ୍ୟବହାର ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ସୁଖି ନାପକିନ୍ ମାଟିରେ ମିଶି ଖତ ହୋଇଯାଉଥିବାର କଥା ତୁଷାରକାନ୍ତ ଦାସ ପ୍ରକାଶ କରିଥିଲେ । ସମିତିସଭ୍ୟ ରାଜୀବ ଦାସବାବୁ ମଂଚ ପରିଚାଳନା କରିଥିବାବେଳେ ପଂଚାନନ ସିଂହ ଅତିଥି ପରିଚୟ କରିଥିଲେ ।

ସୋମବାର, ମାର୍ଚ୍ଚ ୨୦, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଉଦ୍‌ଯାପିତ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ମାର୍ଚ୍ଚ ୧୩ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ-୨୦୨୩ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀରେ ଭାରତର ବିଭିନ୍ନ ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଗୁଜୁରାଟ, ଝାଡ଼ଖଣ୍ଡ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ସମେତ ଓଡ଼ିଶାରୁ ଜନଜାତି କଳାବସ୍ତୁ କାରିଗରମାନେ ସେମାନଙ୍କ ପାରମ୍ପରିକ କଳାବସ୍ତୁ ପ୍ରଦର୍ଶନ କରି ବିକ୍ରିବଟା କରିଥିଲେ । ଏହି ପ୍ରଦର୍ଶନୀ ସର୍ବଭାରତୀୟ ସ୍ତରରେ ଜନଜାତି ସମୂହଙ୍କର କଳାବସ୍ତୁକୁ କେବଳ ବିକ୍ରୟ କରିବା ପାଇଁ ଉଦ୍ଦିଷ୍ଟ ନଥିଲା ପରନ୍ତୁ ବିଭିନ୍ନ ଜନଜାତିଙ୍କ କଳାକୁଶଳତାକୁ ଚିହ୍ନିବା, ସେମାନଙ୍କୁ ଗୋଟିଏ ମଂଚରେ ଯୋଡ଼ିବା ତଥା କଳାକୌଶଳର ଭାବଗତ ଓ କୌଶଳଗତ ଜ୍ଞାନର ଆଦାନପ୍ରଦାନ କରିବା ମଧ୍ୟ ଅନ୍ୟତମ ପ୍ରମୁଖ ଉଦ୍ଦେଶ୍ୟ ଥିଲା । ଜନଜାତି କାରିଗରମାନେ ଗୋଟିଏ ମଂଚରେ ଏକତ୍ରିତ ହୋଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କଳାବସ୍ତୁକୁ ବିକ୍ରୟ କରିବା ସହ ପରସ୍ପର ମଧ୍ୟରେ ଜ୍ଞାନକୌଶଳ ଆଧାରିତ ଆଲୋଚନା କରିଥିଲେ । ପରିବେଶ ଅନୁକୂଳ କାଠ, ବାଉଁଶ, ପତ୍ର ଆଧାରିତ ବିଭିନ୍ନ ଅଂଚଳର ଭିନ୍ନ ଭିନ୍ନ କଳାବସ୍ତୁ ଉପରେ ସେମାନେ ମତ ରଖିଥିଲେ, ଯେପରିକି ଶୀତପ୍ରଧାନ ଅଂଚଳରେ କାଠ, ବାଉଁଶର ନମନୀୟତା ଓ ମସୃଣତା ଥିବାରୁ ଚିଗଣ ସୁଦୃଶ୍ୟ କଳାବସ୍ତୁ ନିର୍ମାଣ ହେଉଥିବାବେଳେ ଗ୍ରୀଷ୍ମ ପ୍ରଭାବିତ ଅଂଚଳର କାଠ, ବାଉଁଶର ତନ୍ତୁ ପ୍ରଧାନ ଥିବାରୁ ଭାରି ବସ୍ତୁର ପ୍ରସ୍ତୁତି ସମ୍ଭବ ହେଉଥିବାର ସେମାନେ ମତ ପ୍ରଦାନ କରିଥିଲେ । ପୁଣି ଶୀତପ୍ରଧାନ ଅଂଚଳରେ ଉଲ୍ ନିର୍ମିତ ବସ୍ତ୍ରାଦିରେ ଗାଢ଼ ରଙ୍ଗର ପ୍ରଭାବ ଅଧିକ ରହୁଥିବାବେଳେ ଗ୍ରୀଷ୍ମପ୍ରଧାନ ପରିବେଶରେ କାର୍ପାସ ବସ୍ତ୍ରରେ ହାଲୁକା ରଙ୍ଗର ପ୍ରଭାବ ରହୁଥିବା ସେମାନଙ୍କ ମତ ଥିଲା । ବାସ୍ତବରେ ଏହି ଜନଜାତି କଳାବସ୍ତୁ କେବଳ ପ୍ରଦର୍ଶନୀ ହିସାବରେ ନୁହେଁ ବରଂ ସାଂସ୍କୃତିକ ସହାବସ୍ଥାନର ବାର୍ତ୍ତା ଦେଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପ୍ରାୟୋଜିତ ଦୁରୁଆମାନଙ୍କ ବର୍ଲି, ଓମାନାତ୍ୟମାନଙ୍କ ଡାଣ୍ଡା ହୁଲିଆ, ପରଜାମାନଙ୍କର ରିଙ୍ଗୋଡ଼ି ତଥା ଗଦବାମାନଙ୍କର ଢେମ୍‌ସା ନାଚ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇଥିଲା ।

## ଆଉଟସୋର୍ସିଂ କର୍ମଚାରୀ ମହାସଂଘର ବୈଠକ

### ୨୫ରେ ଭୁବନେଶ୍ୱର ସମାବେଶ ସଫଳ କରିବା ନିଷ୍ପତ୍ତି



ବାଲେଶ୍ୱର, ୧୯/୦୩ (ନି.ପ୍ର): କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ସରକାରୀ ଅଣଦେଖାକୁ ନେଇ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା ନେଇ ନିକଟ ଅତୀତରେ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣାରେ ଆଉଟସୋର୍ସିଂଙ୍କୁ ବାଦ ପଡ଼ିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ସ୍ଥାନୀୟ ଆୟୁଷ୍ମାନ ମଣ୍ଡପରେ ଆୟୋଜିତ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ବୈଠକରେ କର୍ମକର୍ତ୍ତାମାନେ ଆରୋପ କରିଛନ୍ତି । ଜିଲ୍ଲା ସଭାପତି ମନୋଜ କୁମାର ରାଉତ ଏହି ବୈଠକରେ ସଭାପତିତ୍ୱ କରିବା ସହିତ ଆଉଟସୋର୍ସିଂରେ କାର୍ଯ୍ୟରତ କର୍ମଚାରୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ଏନେଇ ୧୧ ଦଫା ଦାବିରେ ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ସମାବେଶକୁ ସଫଳ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏଥିରେ ବାଲେଶ୍ୱର ଜିଲାରୁ ହଜାର ହଜାର କର୍ମଚାରୀ ଯୋଗଦେବାକୁ ଶ୍ରୀ ରାଉତ ନିବେଦନ କରିଥିଲେ । ଜଲା ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପ-ସଭାପତି ଦେବାଶିଷ ଜେନା ଓ ଆଉଟସୋର୍ସିଂ ମହାସଂଘର ଜିଲା ସୋସିଆଲ ମିଡ଼ିଆ ସଂଯୋଜକ ସାନୁ କୁମାର ଶାସମଲ, ସତ୍ୟଜିତ ଦତ୍ତ, ସୁଶାନ୍ତ ପାଲ, ମାନସ କୁମାର ଜେନା, ଜିତେନ ମଲିକ, ସସ୍ମିତା ପାଣିଗ୍ରାହୀ ପ୍ରମୁଖ ଏଥିରେ ଯୋଗଦେଇ ବିଭିନ୍ନ ଦାବି ଉପସ୍ଥାପନ ସହ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ଆଉଟସୋର୍ସିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ବାର୍ଷିକ ୧୦ ପ୍ରତିଶତ ଦରମା ବୃଦ୍ଧି, ଦୁର୍ଘଟଣା ଜନିତ ସହାୟତା, ମହିଳା କର୍ମଚାରୀଙ୍କୁ ପ୍ରସବକାଳୀନ ଛୁଟି ଆଦି ୧୧ ଦଫା ଦାବି ବିଷୟରେ ସେମାନେ ବିସ୍ତୃତ ଆଲୋଚନା କରିଥିଲେ । ହକ ଆଦାୟ ପାଇଁ ସମସ୍ତେ ସଂଗଠିତ ହୋଇ ମହାସଂଘକୁ ମଜବୁତ କରିବା ଓ ଭୁବନେଶ୍ୱର ସମାବେଶକୁ ସଫଳତା କରିବା ନିମନ୍ତେ ସେମାନେ ସମସ୍ତଙ୍କୁ ନିବେଦନ କରିଥିଲେ । ଏହି ବୈଠକରେ ଜିଲାର ବିଭିନ୍ନ ଦପ୍ତରରେ କାର୍ଯ୍ୟରତ ବହୁ ଆଉଟସୋର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ ।

## ବୀରେନ୍ଦ୍ର ପାଣ୍ଡେଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି ସେ ଟ୍ୱିଟ କରି କହିଛନ୍ତି ଯେ - ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସ୍ଥାନୀୟ ନିର୍ବାଚନମଣ୍ଡଳୀରେ ଲୋକକଲ୍ୟାଣ ଦିଗରେ ସେ କରିଥିବା କାର୍ଯ୍ୟ ଗୁଡ଼ିକ ସବୁ ଦିନ ପାଇଁ ମନେ ରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି । ଓଁ ଶାନ୍ତି ।

## ବୀରେନ୍ଦ୍ର ପାଣ୍ଡେଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଝାରସୁଗୁଡ଼ାର ପୂର୍ବତନ ବିଧାୟକ ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଜନପ୍ରତିନିଧି ଭାବେ ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ।

## ରାଜ୍ୟସ୍ତରୀୟ ହ୍ୟାଣ୍ଡଲୁମ ଏକ୍ସପୋର ଉଦଘାଟନ ସୋମବାର ହେବ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ସୋମବାର ଦିନ ରାଜ୍ୟସ୍ତରୀୟ ହ୍ୟାଣ୍ଡଲୁମ ଏକ୍ସପୋର ଉଦଘାଟନ ହେବ । ଏକାମ୍ର ହାଟ ଠାରେ ସଂଧ୍ୟା ସାଢେ ୬ଟାରେ ଏହି ଏକ୍ସପୋର ଉଦଘାଟନ ହେବ । ବିଭାଗୀୟ ମନ୍ତ୍ରୀ ରୀତା ସାହୁ ଏହାର ଉଦଘାଟନ କରିବେ ।

## ଜିଲ୍ଲାରେ ରେଳ ବିକାଶ ପାଇଁ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ



ବାରିପଦା, ୧୯/୦୩ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ନୂତନ ରେଳ ଲାଇନ ସଂଯୋଗିକରଣ ଓ ନୂତନ ରେଳ ଚଳା ଚଳ କ୍ଷେତ୍ରରେ ସବୁବେଳେ କେନ୍ଦ୍ର ଅବହେଳାର ଶିକାର ହେଉଛି ।ବୁଢ଼ାମରା - ଚାକୁଳିଆ ଓ ବାଙ୍ଗିରିପୋଷି - ଗୋରୁମୋହିଷାଣୀ ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଗଣାରେ ଜମି ଯୋଗାଇ ଦେବାକୁ ଘୋଷଣା କଲା ପରେ ମଧ୍ୟ କେନ୍ଦ୍ର ସରକାର ମୟୂରଭଂଜ ଜିଲ୍ଲାରେ ଏହିଦୁଇ ରେଳ ପ୍ରକଳ୍ପ ନିମନ୍ତେ ବଜେଟରେ ମାତ୍ର ଏକ ହଜାର ଟଙ୍କା ବ୍ୟୟ ବରାଦ କରିଛନ୍ତି । ଆଦିବାସୀ ବହୁଳ ଜିଲ୍ଲାକୁ କେନ୍ଦ୍ର ସରକାର ଙ୍କର ଚରମ ଅବହେଳା ର ଏହା ଏକ ପ୍ରମାଣ ବୋଲି ପୂର୍ବତନ ରାଜ୍ୟ ସଭା ସାଂସଦ ସରୋଜିନୀ ହେମ୍ବ୍ରମ କହିଛନ୍ତି । ସେହି ପରି ବାଲେଶ୍ୱର - ଭୁବେନେଶ୍ୱର ମେମୁ ଟ୍ରେନକୁ ବାଙ୍ଗରିପୋଷୀ ପର୍ଯ୍ୟନ୍ତ ସାମ୍ପ୍ରସାରଣ ଓ ବାଙ୍ଗରିପୋଷୀରୁ ପୁରୀ ପର୍ଯ୍ୟନ୍ତ ନୂତନ ଟ୍ରେନ ଚଳା ଚଳ ନିମନ୍ତେ ସରୋଜିନୀ ହେମ୍ବ୍ରମ ରାଷ୍ଟ୍ରପତି ଙ୍କ ଦୃଷ୍ଟି ଆକୋର୍ଷଣ କରିଛନ୍ତି । ବୁଢ଼ାମରା -ଚାକୁଳିଆ ଓ ବାଙ୍ଗରିପୋଷୀ -ଗୋରୁମହିଷାଣୀ ନୂତନ ରେଳଲାଇନ ନିର୍ମାଣ, ବାଙ୍ଗରିପୋଷୀ ରୁ ପୁରୀ ପର୍ଯ୍ୟନ୍ତ ନୂତନ ରେଳ ଚଳାଚଳ ବାଲେଶ୍ୱର -ଭୁବେନେଶ୍ୱର ମେମୁ ଟ୍ରେନକୁ ବାଙ୍ଗରିପୋଷୀ ପର୍ଯ୍ୟନ୍ତ ସାମ୍ପ୍ରସାରଣ ଓ ମୟୂରଭଂଜ ଜିଲ୍ଲା ର ସମସ୍ତ ରେଳପ୍ରକଳ୍ପକୁ ଇଷ୍ଟ କୋଷ୍ଟ ରେଳ ଡିଭିଜନ ଅଧିନକୁ ଆଣିବା ନିମନ୍ତେ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଶ୍ରୀମତୀ ହେମ୍ବ୍ରମ ରାଷ୍ଟ୍ରପତିଙ୍କୁ ଦେଇଥିବା ଦାବିପତ୍ରର ନକଲ ପ୍ରଧାନମନ୍ତ୍ରୀ ଓ ଭାରତ ସରକାର ଙ୍କର ରେଳ ମନ୍ତ୍ରୀଙ୍କୁ ମଧ୍ୟ ଦେଇଛନ୍ତି । ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ କେବଳ ମୟୂରଭଂଜ ଜିଲ୍ଲାରେ ରେଳ ପ୍ରକଳ୍ପ ଓ ନୂତନ ରେଳ ଚଳାଚଳ କରାଇ ପାରିବ ବୋଲି ସରୋଜିନୀ ହେମ୍ବ୍ରମ ଆଶାବ୍ୟକ୍ତ କରିଛନ୍ତି ।

## ଅବକାରୀ ବିଭାଗର ଚଢ଼ାଉ : ଚୋରା ଦେଶୀ ମଦ ଜବତ, ୨ ଜଣ ଗିରଫ




ବାରିପଦା, ୧୯/୦୩ (ନି.ପ୍ର): ମୋରଡା ଅବକାରୀ ଟିମ ଆଜି ଚଢ଼ାଉ କରି ୬୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ଦୁଇଜଣ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଖବରରୁ ପ୍ରକାଶ ଯେ ମୋରୋଡା ଅବକାରୀ ଥାନା ଅଧିନ ପୁରୁଣାପାଣି ଠାରେ ଚୋରାରେ ଦେଶୀ ମଦ ବିକ୍ରି ପାଇଁ ବାଇକରେ ନେଉଥିବା ସାଲଖୁ ହେମ୍ବ୍ରମ ଏବଂ ଭାଲୁକଟୁଆ ଗ୍ରାମରୁ ସିଙ୍ଗୁ ହାଁସଦାଙ୍କୁ ଗିରଫ କରିବା ସହିତ ଉଭୟଙ୍କ ପାଖରୁ ୬୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ଆଜି ଗିରଫ ଦୁଇଜଣ ମଦବେପାରୀଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ବେଲ ନମିଳିବାରୁ ଗିରଫ ଦୁଇ ମଦ ବେପାରୀଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଉକ୍ତ ଚଢ଼ାଉ ରେ ମୋରଡା ଅବକାରୀ ଅଧିକାରୀ ପିତାମ୍ବର ମହାପାତ୍ର ସହିତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିବା ଜଣାପଡିଛି । ମୋରଡା ଅଂଚଳରେ ବାରମ୍ବାର ରେଡ୍ ହେବା ସତ୍ୱେ ଚୋରା ମଦ ବେପାରୀ ଅବକାରୀ ବିଭାଗକୁ ଖୋଲା ଚ୍ୟାଲେଂଜ ଦେଇ ବ୍ୟବସାୟୀକୁ ବ୍ୟାପକ କିପରି କରୁଛନ୍ତି ରହସ୍ୟ ଉନ୍ମୋଚିତ ହେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି ।

## ଆତ୍ମଦାହ କରିଥିବା ମୃତକଙ୍କ ପରିବାରକୁ ଭେଟିଲା ବିଜେପି ପ୍ରତିନିଧି ଦଳ

ଭୁବନେଶ୍ୱର, ୧୯/୦୩ (ନି.ପ୍ର): ନୂଆପଡ଼ା ଜିଲ୍ଲାର ନୂଆପଡା ତହସିଲରେ ଜମି ପରମିସନ ପାଇଁ ପେଟ୍ରୋଲ ଢାଳି ଆତ୍ମଦାହ ଘଟଣାରେ ମୃତକ ଜଗଦୀଶ ଚୌହାନଙ୍କ ଗାଁ କଲ୍ୟାଣ ପୁର ରେ ରାଜ୍ୟ ବିଜେପି ର ଅନୁସୂଚିତ ଜାତି ମୋର୍ଚ୍ଚାର ପ୍ରତିନିଧି ଦଳ ପହଂଚିଛି । ପୂର୍ବତନ ସାଂସଦ ବିଭୁ ତରାଇ ସହ ବିଜେପି ର ଅନୁସୂଚିତ ଜାତି ମୋର୍ଚ୍ଚା ସଦସ୍ୟ ମାନେ ତାଙ୍କର ଘରଂ ପହଂଚି ଜଗଦୀଶ ଚୌହାନ ପରିବାର କୁ ସାନ୍ତ୍ୱନା ଦେଇଛନ୍ତି । ଏହି ଅବସର ଶ୍ରୀ ତରାଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ସମସ୍ତ ତହସିଲ ରେ ଏଭଳି ଲୋକଙ୍କୁ ଅଧିକାରୀ ମାନେ ହଇରାଣ ହରକତ କରୁଛନ୍ତି । ସେ କହିଛନ୍ତି ଯେ ୫ଟି କଥା କହି ସ୍ୱଚ୍ଛ ଶାସନ ଚାଲିଥିବା କହୁଥିବା ବେଳେ ଜଗଦୀଶ ଙ୍କ ଘଟଣା ରାଜ୍ୟରେ ଭାତ ହାଣ୍ଡିରୁ ଗୋଟିଏ ବୋଲି ସେ କହିଛନ୍ତି ।

## ଫୋଟଗ୍ରାଫି କର୍ମଶାଳା ଆୟୋଜିତ



ବାରିପଦା, ୧୯/୦୩ (ନି.ପ୍ର): ବାରିପଦା ରୋଟାରୀ ଭବନରେ ଆଜି ସୋନି ଇଣ୍ଡିଆ ଆନୁକୂଲ୍ୟରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କାର୍ମଶାଳା ଫଟୋ ମହାସଂଘ ଓଡିଶା, ଓ ମୟୁରଭଂଜ ଫଟୋ ଓ ଭିଡିଓ ଗ୍ରାଫାର ଏସୋସିଏସନ ମିଳିତ ଆୟୋଜନରେ ସମ୍ପାଦିତ ହୋଇଥିଲା । କାର୍ମଶାଳାକୁ ମୟୁରଭଂଜ ଫଟୋ ଓ ଭିଡିଓ ଗ୍ରାଫାର ଏସୋସିଏସନର ସଭାପତି ସଂଜୀବ କୁମାର ଦ୍ୱିବେଦୀ, ଉଦଘାଟନ କରିଥିବା ବେଳେ ସୋନି କମ୍ପାନୀ ପକ୍ଷରୁ ସିଦ୍ଧାର୍ଥ ପଟ୍ଟନାୟକ, ସରୋଜ ଦୋରା, ପୁନିତ ସବନାନି ପ୍ରମୁଖ ଯୋଗ ଦେଇ ସୋନିର ନୂଆ ନୂଆ ଫିଚର ବିଷୟରେ ଅବଗତ କରାଇଥିଲେ । ଏହି ଅବସର ରେ ମଡେଲର ବୈଶାଳୀ ମହାପାତ୍ରଙ୍କ ମଡେଲ ଫଟୋ ସୁଟ କରାଯାଇଥିଲା । ଜିଲ୍ଲାରୁ ପ୍ରାୟ ଶହେରୁ ଉର୍ଦ୍ଧ ଫଟୋ ଗ୍ରାଫର ଯୋଗ ଦେଇଥିବା ବେଳେ, ଭବାନୀ ଶଙ୍କର ରାମ, ବଳରାମ ବେହେରା, ଜି.ଜାନକୀ ରାମ, କୌଶିକ ଭକତ, ରାଜା କଲିଆ ସହଯୋଗରେ କର୍ମଶାଳା ଆୟୋଜିତ ହୋଇଥିଲା ।

## ପଞ୍ଜାବରେ ଇଂଟରନେଟ ସେବା ସୋମବାର ଦିନ ୧୨ଟା ପର୍ଯ୍ୟନ୍ତ ବନ୍ଦ

ନୂଆଦିଲ୍ଲୀ, ୧୯/୦୩ : ଖାଲିସ୍ତାନ ସମର୍ଥକ ଏବଂ ବାରିସ ପଞ୍ଜାବ ଦେ ସଂଗଠନର ପ୍ରମୁଖ ଅମୃତପାଲ ସିଂହଙ୍କ ବିରୋଧରେ ଶନିବାର ଗ୍ରହଣ କରାଯାଇଥିବା ବଡ କାର୍ଯ୍ୟାନୁଷ୍ଠାନ ପରେ ସରକାରଙ୍କ ପକ୍ଷରୁ ପଞ୍ଜାବରେ ଇଂଟରନେଟ ସେବା ସୋମବାର ଦିନ ୧୨ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ଏଥିସହିତ ଏସଏମଏସ ସେବାକୁ ମଧ୍ୟ ବନ୍ଦ ରଖାଯାଇଛି । ପଞ୍ଜାବ ସରକାର ପୂର୍ବରୁ ରବିବାର ଦିନ ୧୨ଟା ପର୍ଯ୍ୟନ୍ତ ଇଂଟରନେଟ ସେବା ବନ୍ଦ ରଖିବାକୁ ଘୋଷଣା କରିଥିଲେ । କିନ୍ତୁ, ଆଜି ସରକାରଙ୍କ ପକ୍ଷରୁ ଏହାର ଅବଧିକୁ ବୃଦ୍ଧି କରାଯାଇଛି । ଇଂଟରନେଟ ସହିତ ଏସଏମଏସ ସେବା ମଧ୍ୟ ସୋମବାର ଦିନ ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିବ । ଯେଉଁଥିପାଇଁ ଜନସାଧାରଣଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ ।

## ଏ.ଟି.ଏମ. ଲୁଟ୍ ଘଟଣା; ନୀଳଗିରିରୁ କାବୁ ହେଲା ଯୁବକ

ନୀଳଗିରି, ୧୯/୦୩ (ନି.ପ୍ର): ଯଶୀପୁର ଥାନା ଅଧିନସ୍ଥ ଏକ ଏ.ଟି.ଏମ.ରୁ ୨୬ଲକ୍ଷ ଟଙ୍କା ଲୁଟ ହୋଇଥିବା ବେଳେ ଲୁଟେରାଙ୍କୁ କାବୁ କରିବା ପାଇଁ ଯଶୀପୁର ପୋଲିସ ସମସ୍ତ ପ୍ଲାନ ପ୍ରସ୍ତୁତ କରି ଜଣକୁ ଗିରଫ କଲା ପରେ ଆଉ କିଏ କିଏ ଥିଲେ ତାହାର ତଥ୍ୟକୁ ଆଧାର କରି ସେମାନଙ୍କର ମୋବାଇଲକୁ ଟ୍ରାକ କରିଥିଲେ । ଗିରଫ ହୋଇଥିବା ଲୁଟେରାର ସହଯୋଗୀ ଭଦ୍ରକ ଚାନ୍ଦବାଲି ମତୋ ଅଚଂଳର ହୋଇଥିବା ବେଳେ କିଛି ମାସ ଧରି ନୀଳଗିରି କଦମସାହି ଅଂଚଳର ଭଡ଼ାରେ ରହୁଥିଲା । ରବିବାର ଦିନ ଯଶୀପୁର ପୋଲିସ ନୀଳଗିରିରେ ପହଂଚି ନୀଳଗିରି ପୋଲିସ ସହାୟତାରେ କଦମସାହି ଅଂଚଳର ଏକ ଭଡ଼ା ଘରକୁ ଚଢ଼ାଉ କରୁଥିବା ଜାଣିପାରି ଲୁଟେରା ଜଣକ ନିଜ ବାଇକରେ ନୀଳଗିରି-ସନ୍ତରାଗଡ଼ିଆ ରାସ୍ତା ଦେଇ ମାନଗଡ଼ ପାହାଡ଼ ଆଡ଼କୁ ଯାଉଥିବା ବେଳେ ସେହିଠାରେ ପୋଲିସ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲା । ଏହି ଚଢ଼ାଉରେ ଯଶୀପୁର ପୋଲିସ ସହିତ ନୀଳଗିରି ଥାନାର ସବ୍‌ଇନିସପେକ୍ଟର ବିରଂଚି ସାହୁ, ଏ.ଏସ.ଆଇ. ଅନନ୍ତ ମୁର୍ମୁ ଓ ଉତମ ସିଂ ପ୍ରମୁଖ ସାମିଲ ଥିଲେ । ତେବେ ନୀଳଗିରି ଅଂଚଳରୁ ଗିରଫ ଯୁବକ ଜଣକ ଯଶୀପୁର ଏ.ଟି.ଏମ ଘଟଣାରେ ସଂପୃକ୍ତି ଥିବା ନେଇ ସନ୍ଦେହରେ ଯଶୀପୁର ପୋଲିସକୁ ହସ୍ତାନ୍ତର କରାଯାଇଥିବା ବେଳେ ଉକ୍ତ ଯୁବକଙ୍କ ନାମରେ ବିଭିନ୍ନ ଥାନାରେ ବିଭିନ୍ନ ମାମଲା ଥିବାର ଶୁଣିବାକୁ ମିଳୁଛି ।

## ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ନୂତନ କର୍ମକର୍ତ୍ତା ମନୋନୟନ



ଭଦ୍ରକ, ୧୯/୦୩ (ନି.ପ୍ର): ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ନୂତନ କର୍ମକର୍ତ୍ତା ସମାଜସେବୀ ଲଲାଟେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଭଦ୍ରକ ସ୍ଥିତ ଦିବ୍ୟମ୍ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ୨୦୧୯ ମସିହାରୁ ଅଦ୍ୟାବଧି ପରିଚାଳିତ ହେଉଥିବା ମହାସଂଘର କର୍ମକର୍ତ୍ତାଙ୍କ ଅବଧି ପୂର୍ଣ୍ଣ ହେଉଥିବାରୁ ସାମ୍ବିଧାନିକ ନିୟମାନୁସାରେ ନୂତନ ଭାବେ ସଂଘର କର୍ମକର୍ତ୍ତା ମନୋନିତ ହୋଇଛନ୍ତି । ସଭାପତି ଲଲାଟେନ୍ଦୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଉପସଭାପତି ଧାମନଗରରୁ ଶିକ୍ଷାବିତ୍ ଶଚିକାନ୍ତ ପଣ୍ଡା, ସଂପାଦକ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ମହାପାତ୍ର, ସହ ସଂପାଦକ ତିହିଡ଼ିରୁ ସ୍ତମ୍ଭକାର ବିଭୂତି ଭୂଷଣ ସେନାପତି, କୋଷାଧ୍ୟକ୍ଷ ବିଜୟ କୁମାର ସେନାପତି, ଉପଦେଷ୍ଟା ମଣ୍ଡଳୀରେ ଶିକ୍ଷାବିତ୍ ପଦ୍ମନାଭ ପାଢୀ, ଡା. ହରେକୃଷ୍ଣ ନାୟକ, ରାଜନେତା ଅଜୟ କୁମାର ନାୟକ, ପୋଲିସ୍ ଚାକିରୀରୁ ସେବାନିବୃତ୍ତ ରଙ୍ଗବଲ୍ଲଭ ଜେନା, ନ୍ୟାୟଜୀବୀ ପର୍ଶୁରାମ ଦ୍ୱିବେଦୀ, ସମାଜସେବୀ ଏସ୍. ଏମ୍. ଫାରୁକ୍, ଲକ୍ଷ୍ମଣ କୁମାର ମହାନ୍ତି, ସେବାନିବୃତ୍ତ ପ୍ରାଧ୍ୟାପକ ଡଃ ଗୋଲୋକ ବିହାରୀ ସାହୁ, ସାମ୍ବାଦିକ ନିହାର ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଡଃ ଶଶୀକାନ୍ତ ପାଢୀ, ଗଦାଧର ପଣ୍ଡା, ଇନ୍ଦ୍ରମଣି ପଣ୍ଡା, ଇଂ ମହେଶ ପ୍ରସାଦ ଦାସ, ଭକ୍ତହରି ମହାପାତ୍ର, ବିଚିତ୍ରାନଂଦ ମହାନ୍ତି, ଡଃ ଭାଗବତ ତ୍ରିପାଠୀ, ବୈଲୋଚନ ବେହୁରିଆ, ପ୍ରଶାନ୍ତ କୁମାର ଦେ, ମଦନ ମୋହନ ମହାକୁଡ଼, ଅଭୟ ଦ୍ୱିବେଦୀ, ଶାନ୍ତନୁ କୁମାର ରାଉତ୍, ସଂଯୁକ୍ତା ଯାଦବ, ଡଃ ତାପସ କୁମାର ମହାନ୍ତି, ଶ୍ୟାମସୁନ୍ଦର ଦାସ, ହରେକୃଷ୍ଣ ମହାକୁଡ଼, ବାଦଲ କୁମାର ମହାପାତ୍ର, ଆଦିତ୍ୟ କୁମାର ନାୟକ, ବାବୁଲାଲ ଦାସ ତଥା ତିହିଡ଼ି ବ୍ଲକ ସଂଘରୁ ସୋମନାଥ ପାଢୀ ଓ ସୁରେନ୍ଦ୍ର କୁମାର ନାୟକ ସମେତ ବରିଷ୍ଠ ନାଗରିକ ମଂଚ ଭଦ୍ରକ, ଚରମ୍ପା ବରିଷ୍ଠ ନାଗରିକ ସଂଘ, ପଶ୍ଚିମ ଭଦ୍ରକ ବରିଷ୍ଠ ନାଗରିକ ପରିଷଦ ରାହାନ୍ଦିଆ, ବାରିକପୁର ବରିଷ୍ଠ ନାଗରିକ ମଂଚ ବାରିକପୁର. ବଳରାମ ଆଦର୍ଶ ବରିଷ୍ଠ ନାଗରିକ ମଂଚ ସାହାଡା, ବରିଷ୍ଠ ନାଗରିକ ପରିଷଦ ଧାମନଗର, ସିନିୟର ସିଟିଜନ ଫୋରମ ବାସୁଦେବପୁର, ବରିଷ୍ଠ ନାଗରିକ ସୁରକ୍ଷାମଂଚ ଆଗରପଡା, ବରିଷ୍ଠ ନାଗରିକ ମଂଚ ଭଣ୍ଡାରିପୋଖରୀ, ବରିଷ୍ଠ ନାଗରିକ ମଂଚ ଧୂଷୁରୀ, ବରିଷ୍ଠ ନାଗରିକ ସଂଗଠନ କୋଠାର, ଆଂଚଳିକ ବରିଷ୍ଠ ନାଗରିକ ପରିଷଦ ମତୋ, ବରିଷ୍ଠ ନାଗରିକ ସଂଘ ଚାନ୍ଦବାଲି, ଇରମ ଅବସରପ୍ରାପ୍ତ ବରିଷ୍ଠ କର୍ମଚାରୀ ସଂଘଏବଂ ବରିଷ୍ଠ ନାଗରିକ ସଂଘ ବନ୍ତରୁ ସଂପାଦକ ଓ ସଭାପତିଙ୍କୁ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଗ୍ରହଣ କରିବା ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥି ସହିତ ସ୍ଥାନୀୟ ସଦର ଭଦ୍ରକ ହସପିଟାଲରେ ଡାକ୍ତର ସମସ୍ୟା ଯଥା ଶୀଘ୍ର ଦୂର କରିବା ପାଇଁ ଏକ ପ୍ରତିନିଧ ଦଳ ସାକ୍ଷାତ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଆଧ୍ୟାତ୍ମିକ ସ୍ରୋତରେ ସାମିଲ ହେବା ପାଇଁ ପ୍ରଜ୍ଞାମନୀଷୀ ରାସେଶ୍ୱରୀ ଦେବୀଙ୍କ ଅମୃତ ବଚନରୁ କିୟଦାଂଶ ଆଲୋଚନା କରାଗଲା । ବହୁଦିନ ଧରି ଲଗାତର ଭାବେ ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ପାଇଁ ଗଠିତ କ୍ରିୟାନୁଷ୍ଠାନ କମିଟକୁ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ଭଦ୍ରକ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଦାବୀକୁ ସମସ୍ତ ସଭ୍ୟ ମତ ପ୍ରଦାନ କରିଥିଲେ । ଭଦ୍ରକ ସହରରେ ଡି.ଜେ. ସମସ୍ୟା ଦୂରୀକରଣ ସହିତ ବରିଷ୍ଠ ନାଗରିକଙ୍କୁ ଗୃହ ଯୋଗାଇଦେବା ପାଇଁ ଲିଖିତ ଆବେଦନ ମୂଳେ ସରକାରଙ୍କୁ ଅବଗତ କରିବା ପାଇଁ କାର୍ଯ୍ୟକାରୀ ସଭାପତି ପଦ୍ମନକୁମାର ରାୟଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା । ସର୍ବଶେଷରେ ପ୍ରଫେସର ସନାତନ ମହାନ୍ତିଙ୍କ ସୁପୁତ୍ର ଧନ୍ୟବାଦ ଅର୍ପଣ କରିବା ସଂଗେ ସଂଗେ ଦିବ୍ୟମ୍ ଗୃହଟିକୁ ବରିଷ୍ଠ ନାଗରିକ ସେବାରେ ଅର୍ପଣ କରିବା ପାଇଁ ପ୍ରକାଶ କରିଥିଲେ । ସମସ୍ତ ଆୟ ବ୍ୟୟର ହିସାବ ସୁଚାରୁ ରୂପେ ଗୃହୀତ ହୋଇଥିଲା ।

## ମୁସଲିମ ୱେଲଫେୟାର ସୋସାଇଟି ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ବାଲେଶ୍ୱର, ୧୯/୦୩ (ନି.ପ୍ର): ବାଲେଶ୍ୱରର ମୁସଲିମ ୱେଲଫେୟାର ସୋସାଇଟି ପକ୍ଷରୁ ଏକ ନିଶୁଳ୍କଃ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସହରର ନିକାହ ମହଲରେ ଅନୁଷ୍ଠିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ମୁସଲିମ ୱେଲଫେୟାର ସୋସାଇଟି ପକ୍ଷରୁ ଜାରି ରହିଥିବା ବିଭିନ୍ନ ଜନହିତକର କାର୍ଯ୍ୟ ବେଶ ପ୍ରଶଂସନୀୟ ବୋଲି କହିଥିଲେ । ସୋସାଇଟିର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇବା ସହ ଏହିଭଳି ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଲୋକଙ୍କ ପାଇଁ ଉପାଦେୟ ହୋଇପାରିଛି ବୋଲି ସେ କହିଥିଲେ । କୁରୁଡା ସ୍ଥିତ ନିଗମ ହସପିଟାଲ ସହଯୋଗରେ ଆୟୋଜିତ ଏହି ଶିବିରରେ ମେଡିସିନ୍, କ୍ରିଟିକାଲ କେୟାର, ସ୍ତ୍ରୀ ଓ ପ୍ରସୂତି ଏବଂ ଦନ୍ତ ବିଭାଗର ଚିକିତ୍ସକମାନେ ଯୋଗଦେଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ଓ ଉପାଦେୟ ପରାମର୍ଶ ଦେଇଥିଲେ । ଶିବିର ଶେଷ ସୁଦ୍ଧା ସ୍ଥାନୀୟ ଅଂଚଳର ୩ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ମୁସଲିମ ୱେଲଫେୟାର ସୋସାଇଟି ସଭାପତି ଶେଖ ମୁକ୍ତାର ଅହେମ୍ମଦ, ସମ୍ପାଦକ ଶେଖ ଆୟୁବ ଓ କୋଷାଧ୍ୟକ୍ଷ ହାଜି ଶେଖ ଜମାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିର ପରିଚାଳନାରେ ଶେଖ ବେଲାଲ, ଶେଖ ରଜାବ ଅଲି, ଗୁଲାମ ଖାନ, ଅଜିମ ବାଲେଶ୍ୱରୀ, ଚିକୁବାବୁ, ଶେଖ ସବିର ଶେଖ କାଫୋ, ମୁକ୍ତାର ଖାନ, ଅଲି ହୋସେନ, ଶେଖ ଆଲମ ପ୍ରମୁଖ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo